RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-103 • THURSDAY • 9 OCTOBER 2025 • PAGE-12 • ₹ 6.00 | PANIKOILI | • ବର୍ଷ-୪୩ • ସଂଖ୍ୟା-୧୦୩ • ଗୁରୁବାର • ୯ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦




ରଶ୍ମିକା-ବିଜୟ ନିର୍ବନ୍ଧ ଚର୍ଚ୍ଚା
▶ପୃଷ୍ଠା 9 ଦେଖନ୍ତୁ...

## ପୁଲିସ ଚାକିରି ବିକ୍ରି
# କାଠଗଡ଼ାରେ ଓପିଆର୍‌ବି
## ଟେଣ୍ଡର ସର୍ତ୍ତାବଳୀ ଉଲ୍ଲଙ୍ଘନ ସତ୍ତ୍ୱେ କାହିଁକି ଚୁପ୍ ଥିଲେ କର୍ତ୍ତୃପକ୍ଷ

■ **ଭୁବନେଶ୍ୱର, ୮।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାକୁ ନେଇ ସାରା ରାଜ୍ୟ ଦୁଲୁକୁଛି । ୨୫ରୁ ୩୦ ଲକ୍ଷ ଟଙ୍କାରେ ପୁଲିସ ଚାକିରି ବିକ୍ରି ଷଡ଼ଯନ୍ତ୍ର ଧରା ପଡ଼ିବା ପରେ ଯେତିକି ତଥ୍ୟ ଲୋକଲୋଚନକୁ ଆସିଛି, ସେଥିରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡର୍ (ଓପିଆର୍‌ବି) ଓ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ପାଇଥିବା ଆଇଟିଆଇର ଭୂମିକାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି । ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇରୁ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟିର କାର୍ଯ୍ୟକଳାପ ସମ୍ପର୍କରେ ଓପିଆର୍‌ବି ସବୁ ଜାଣି ବି ନିରବ ଥିବା ସ୍ପଷ୍ଟ ହେବାରେ ଲାଗିଛି । ପରୀକ୍ଷା ପରିଚାଳନା ନିମନ୍ତେ ଆଇଟିଆଇକୁ ଟେଣ୍ଡର ଦେବା ବେଳେ ଓପିଆର୍‌ବି କେବଳ ଅନ୍ୟ କମ୍ପାନୀଠାରୁ ମାନବସମ୍ବଳ ସହଯୋଗ ନିମନ୍ତେ ଅନୁମତି ଦେଇଥିଲା । ମାତ୍ର ଆଇଟିଆଇ ପୁରା ପରୀକ୍ଷା

### ଅନୁମତି ନ ଥିବା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲେ ସିଲିକନ୍ ଓ ପଞ୍ଚସଫ୍ଟ
### ଓପିଆର୍‌ବି ଓ ଆଇଟିଆଇ ଅଧିକାରୀଙ୍କ ପ୍ରତି କୋହଳ ମନୋଭାବ କାହିଁକି

ପରିଚାଳନା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବକୁ ହସ୍ତାନ୍ତର କରିଥିବାବେଳେ କାହିଁକି ଓପିଆର୍‌ବି ନିରବ ରହିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ସିଲିକନ୍ ଟେକ୍‌ଲାବ୍ ସହ ମିଶି ପଞ୍ଚସଫ୍ଟ କମ୍ପାନୀ ଅନୁମତି ନ ଥିବା ସତ୍ତ୍ୱେ କିପରି ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରିଚାଳନା ଦାୟିତ୍ୱ ପାଇଲେ, ତାହାକୁ ଦେଖିଲେଚାକିରି ବିକ୍ରି ପାଇଁ ମୂଳରୁ ଷଡ଼ଯନ୍ତ୍ର ହୋଇଥିବା ଜଳଜଳ ଦିଶୁଛି । ପରୀକ୍ଷା ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଓପିଆର୍‌ବି ଅଧିକାରୀମାନେ ଏହି ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ଆଖିମୁଦି ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି ।

ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ଓପିଆରବି ଦେଇଥିବା ଟେଣ୍ଡରର ସର୍ତ୍ତ ଅନୁସାରେ ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରିବ । ମାତ୍ର କମ୍ପାନୀ ଏଥିପାଇଁ ଅନ୍ୟ କମ୍ପାନୀଠାରୁ ମାନବସମ୍ବଳ ସହଯୋଗ ନେଇପାରିବ । ଅର୍ଥାତ୍ କେବଳ ପରୀକ୍ଷା ସମୟରେ ନିରୀକ୍ଷକ ଭାବରେ ଅନ୍ୟ କମ୍ପାନୀ ବା ସଂସ୍ଥାର ଲୋକଙ୍କୁ ନିୟୋଜିତ କରିପାରିବ । ଯଦି ଅନ୍ୟ କୌଣସି କମ୍ପାନୀକୁ ଆଇଟିଆଇ ସବ୍-କଣ୍ଟ୍ରାକ୍ଟ ପ୍ରଦାନ କରେ, ତେବେ ସେ ସମ୍ପର୍କରେ ଓପିଆର୍‌ବିକୁ ଲିଖିତ ଭାବେ ଅବଗତ କରିବାକୁ ଏଥିରେ ସର୍ତ୍ତ ରହିଥିଲା । ତେଣୁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ପଞ୍ଚସଫ୍ଟ କମ୍ପାନୀକୁ ସବ୍ କଣ୍ଟ୍ରାକ୍ଟ ଦିଆଯିବା ସମ୍ପର୍କରେ ନିଶ୍ଚିତ ଆଇଟିଆଇ କର୍ତ୍ତୃପକ୍ଷ ଓପିଆର୍‌ବିକୁ ଅବଗତ କରିଥିବେ । ମାତ୍ର ▶ପୃଷ୍ଠା-୭

## ମିଆଁମାର ସେନାର ବର୍ବରତା
# ବୌଦ୍ଧ ମହୋତ୍ସବରେ ବୋମାମାଡ଼
## ୪୭ ମୃତ, ୮୦ ଆହତ



■ **ନେପିଡୋ, ୮।୧୦ (ସମିସ):** ମ୍ୟାନମାରରେ ବୌଦ୍ଧ ମହୋତ୍ସବ ପାଳନ ବେଳେ ଏକ ବଡ଼ଧରଣର ଅଘଟଣ ଘଟିଛି । ଚାଉଙ୍ଗ ୟୁ ସହରରେ 'ଥାଡିଙ୍ଗ୍‌ଟ୍ ପୂର୍ଣ୍ଣିମା' ପାଳନ କରିବାକୁ ଲୋକ ଏକାଠି ହୋଇଥିବା ବେଳେ ସେନାର ବୋମାମାଡ଼ରେ ୪୭ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଏବଂ ୮୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏହି ଉତ୍ସବ ପାଳନ ବେଳେ ସୋମବାର ସନ୍ଧ୍ୟାରେ ସମବେତ ଜନତା ଶାସନାଧିନ ମିଲିଟାରୀ ଜୁଣ୍ଟା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ । ଏହି ସମୟରେ ସେନା ପକ୍ଷରୁ ୭ଟି ବୋମାମାଡ଼ କରାଯାଇଥିବା ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି ।

ଏକ ମୋଟରଚାଳିତ ପାରା ଗ୍ଲାଇଡର ଘଟଣାସ୍ଥଳରେ ଉଡିଥିଲା ଓ ଏଥିରୁ ବୋମାମାଡ଼ କରାଯାଇଥିଲା । ଆକ୍ରମଣ ହେବ ବୋଲି ଲୋକଙ୍କୁ ଆଗୁଆ ସୂଚନା ଦିଆଯାଇଥିଲା । ଫଳରେ ଏକ ତୃତୀୟାଂଶ ଲୋକ ସେଠାରୁ ପଳାଇ ଯାଇଥିଲେ । ନହେଲ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇଥାନ୍ତା ବୋଲି କୁହାଯାଇଛି । ବୋମାମାଡ଼ ପରେ ଅଞ୍ଚଳରେ ଖଣ୍ଡିବିଖଣ୍ଡିତ ଶରୀର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ବେଳେ ମୃତଦେହଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଛି । ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ତେବେ ଜୁନଟା ତରଫରୁ ଏହି ବୋମା ମାଡ଼ ସଂକ୍ରାନ୍ତରେ କିଛି କୁହାଯାଇନାହିଁ । ଉଲ୍ଲେଖଥାଉ କି, ୨୦୨୧ ▶ପୃଷ୍ଠା-୭

# ସରକାରଙ୍କୁ ଆଇନଶୃଙ୍ଖଳା ଚିନ୍ତା
## ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୮।୧୦ (ସମିସ):** ଗତ କିଛିଦିନ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଭୟଙ୍କର ସମୟ ଦେଇ ଗତି କରୁଛି । ଅରାଜକତା ସୀମା ଅତିକ୍ରମ କରିଛି । କଟକ ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ହତ୍ୟାକାରୀ ଫେରାର ହୋଇ ଯାଇଛନ୍ତି । ଭଦ୍ରକ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଠାଇ ନିଆଯାଇ ଦୁଷ୍କର୍ମ କରାଯାଇଛି । କଟକରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇଛି । ସହରରେ କର୍ଫ୍ୟୁ ଜାରି କରାଯାଇଛି । ବ୍ରହ୍ମପୁରରେ ଖୋଦ ଶାସକ ଦଳର ଜଣେ ନେତା ତଥା ଆଇନଜୀବୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି । ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି । ଏହାର ଅନୁଧ୍ୟାନ ନିମନ୍ତେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାକିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ । ଆଇନଶୃଙ୍ଖଳା ଖରାପ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ହସ୍ତରେ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।



ନିକଟରେ ରାଜ୍ୟରେ ଘଟିଥିବା ବିଭିନ୍ନ ଅପରାଧଗୁଡ଼ିକ ସମ୍ପର୍କରେ ପୁଲିସ ଡ଼ିଜିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକରେ ପରିସ୍ଥିତି ସାମାନ୍ୟ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ । ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ▶ପୃଷ୍ଠା-୭

## ନୂଆପଡ଼ା ଲଢ଼େଇ
# ନବୀନ ଗଢ଼ିଲେ କମିଟି

**ଷ୍ଟିଅରିଂ କମିଟିରେ ଦଳର ୬ ବରିଷ୍ଠ ନେତା**

**ଜୋନାଲ କମିଟିରେ ୧୦, ଆହ୍ୱାନ କମିଟିରେ ୩**

■ **ଭୁବନେଶ୍ୱର, ୮।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ନେତାଙ୍କୁ ନେଇ ୩ଟି କମିଟି ଗଠନ କରିଛନ୍ତି । ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆହ୍ୱାନ କମିଟିରେ ସ୍ଥାନିତ ସଦସ୍ୟମାନେ ନିର୍ବାଚନ ପରିଚାଳନା କରିବେ ବୋଲି ବିଜେଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି ।

ଉପନିର୍ବାଚନର ପରିଚାଳନା ଦାୟିତ୍ୱ ଷ୍ଟିୟରିଂ କମିଟି ଉପରେ ନ୍ୟସ୍ତ ହୋଇଛି । ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି ଓ ମହମ୍ମଦ ଆୟୁବ ଖାନ୍ ପ୍ରମୁଖ ଏହି କମିଟିରେ ରହିଛନ୍ତି । ସେହିପରି ଜିଲ୍ଲା ପରିଷଦ ଜୋନ୍ ଏବଂ ପୌରାଞ୍ଚଳ ଜୋନକୁ ନେଇ ଗଠିତ ଜୋନାଲ କମିଟିରେ ମୋଟ ୧୦ ଜଣ ସ୍ଥାନ ପାଇଛନ୍ତି । ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଶାରଦା ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଖରିଆର ଏନଏସି ପାଇଁ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସେହିପରି ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂଙ୍କୁ ଜିଲ୍ଲା ପରିଷଦ ଜୋନ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି । ଲୋକାଲ ଆହ୍ୱାନ କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି । ଏହି ୩ କମିଟି ତତ୍ତ୍ୱାବଧାନରେ ବିଜେଡି ନିଜର ଉପ ନିର୍ବାଚନ ରଣନୀତି ପରିଚାଳନା କରିବ ବୋଲି ଜଣାପଡ଼ିଛି ।

## ଟ୍ରମ୍ପଙ୍କ ଏଚ୍ ୧-ବି ଭିସା ମାଡ଼ର ପ୍ରଭାବ
# କମୁଛି ଏନ୍‌ଆର୍‌ଆଇ ବରଙ୍କ କ୍ରେଜ୍

■ **ନୂଆଦିଲ୍ଲୀ,୮।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏଚ୍‌୧-ବି ଭିସା ବୋମାର ପ୍ରଭାବ ଏବେ ଚାରିଆଡେ ଜୋରଦାର ଅନୁଭୂତ ହେବାରେ ଲାଗିଛି । ଖାସ୍ କରି ଭାରତୀୟ ବିବାହ ବଜାର ମଧ୍ୟ ଏଥିରୁ ବର୍ତ୍ତି ପାରିନାହିଁ । ଦୀର୍ଘ ବର୍ଷ ଧରି ଭାରତରେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ବରଙ୍କ କ୍ରେଜ୍ କାହିଁ କେତେ ଉପରେ ରହିଥିବା ବେଳେ ଟ୍ରମ୍ପ୍‌ଙ୍କ ଏହି ପରିବର୍ତ୍ତିତ ଭିସା ନୀତି ଏବଂ ଆବେଦନକାରୀଙ୍କ ପାଇଁ ଫି' ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ବୃଦ୍ଧି ପରେ ଆମେରିକାରେ କାମ କରୁଥିବା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ ପାଇଥିବା 'ଭାଓଜ୍ ଫର୍ ଇଟରନିଟି ରିପୋର୍ଟ'ରେ ପ୍ରକାଶ ପାଇଛି ।

ରିପୋର୍ଟ ଅନୁଯାୟୀ, ଆମେରିକାରେ ଥିବା ଭାରତୀୟ କର୍ମଜୀବୀମାନଙ୍କର ଚାକିରି ସ୍ଥିତିରେ ଅନିଶ୍ଚିତତା ଓ ବିପଦ ଦୃଷ୍ଟିରୁ ଏନ୍‌ଆର୍‌ଆଇ ଜୀବନସାଥୀ ଖୋଜୁଥିବା ପରିବାରଗୁଡ଼ିକର ଆଶା ଟ୍ରମ୍ପ୍‌ଙ୍କ ଏପରି ନୀତିରେ ଧୂଳିସାତ ହୋଇଛି । ବର୍ତ୍ତମାନ ସେମାନେ ଝିଅ ପାଇଁ ଏନ୍‌ଆର୍‌ଆଇ ବର ଖୋଜିବା ଯୋଜନା ବିଷୟରେ ପୁନର୍ବିଚାର କରୁଛନ୍ତି । ସମ୍ପ୍ରତି ଆମେରିକା ହେଉଛି ପ୍ରାୟ ୨.୧ ନିୟୁତ ପ୍ରବାସୀ ଭାରତୀୟଙ୍କ ଘର, ଯାହାକୁ ଭାରତରେ ଆଦର୍ଶ ବିବାହ ସମ୍ଭାବନା ଭାବରେ ବିବେଚନା କରାଯାଉଛି । କିନ୍ତୁ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବା ଏବଂ ହଜାର ହଜାର କୁଶଳୀ ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଏଚ୍‌୧-ବି ଭିସା କାର୍ଯ୍ୟକ୍ରମର ପୁନରୁଦ୍ଧାର ପଦକ୍ଷେପ ▶ପୃଷ୍ଠା-୭







ସମ୍ପୂର୍ଣ୍ଣ
ସକାଳ THE SAKALA
www.sakalaepaper.com

# ରଶ୍ମିକା-ବିଜୟଙ୍କ ନିର୍ବନ୍ଧ ଚର୍ଚ୍ଚା

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଯୋଡ଼ି ଭାବେ ଜଣାଯାନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା । ଦୀର୍ଘଦିନ ପ୍ରେମ ସମ୍ପର୍କରେ ରହିବା ପରେ ଏହି ଯୋଡ଼ିଙ୍କର ନିକଟରେ ନିର୍ବନ୍ଧ ପର୍ବ ଅନୁଷ୍ଠିତ ହୋଇଥିବା ଚର୍ଚ୍ଚା ହେଉଛି । ଖୁବ୍‌ଶୀଘ୍ର ସେମାନେ ନିର୍ବନ୍ଧ କଥା ଘୋଷଣା କରିପାରନ୍ତି ବୋଲି କୁହାଯାଉଛି । କେବଳ ସେତିକି ନୁହେଁ ରଶ୍ମିକା ଓ ବିଜୟ ଆସନ୍ତା ଫେବୃଆରୀ ମାସରେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି । ତେବେ ଏହି ନିର୍ବନ୍ଧ ସମୟରେ କେବଳ ଉଭୟଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା କଥା କୁହାଯାଉଛି । ଯଦିଓ ଅନେକ ଦିନରୁ ଉଭୟଙ୍କ ଡେଟିଂ କଥା ସାମ୍ନାକୁ ଆସିଛି କିନ୍ତୁ ଏନେଇ ଦୁହେଁ ଏଯାବତ୍ ବିଧିବଦ୍ଧ ଭାବେ କିଛି କହିନାହାନ୍ତି । ସାଧାରଣତଃ ସେଲିବ୍ରିଟିଙ୍କ ନିର୍ବନ୍ଧ ବେଳର ଫଟୋ ଓ ଭିଡିଓଗୁଡ଼ିକ ଭାଇରାଲ ହେଉଥିବାବେଳେ ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ଏଯାବତ୍ ଗୁପ୍ତ ରଖାଯାଇଛି । ତେବେ ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦର୍ଶକେ ଏବେ ସେମାନଙ୍କର ନିର୍ବନ୍ଧ ସମୟର ଫଟୋ ଓ ଭିଡିଓକୁ ଅପେକ୍ଷା କରିଛନ୍ତି । 'ଗୀତା ଗୋବିନ୍ଦମ୍' ଫିଲ୍ମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଚର୍ଚ୍ଚା ହୁଏ ।



# ବିଶ୍ୱ ଡାକ ଦିବସ



ଆଜି ବିଶ୍ୱ ଡାକ ଦିବସ । ଅକ୍ଟୋବର ୯କୁ ସମଗ୍ର ବିଶ୍ୱରେ ଡାକ ଦିବସ ଭାବରେ ପାଳନ କରାଯାଉଛି । ଏହି ଦିନଟି ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ଡାକ ସେବା ଏବଂ ଡାକ ବିଭାଗ ବିଷୟରେ ଲୋକଙ୍କୁ ଅବଗତ କରାଇବା । ୧୮୭୪ ମସିହା ଆଜିର ଦିନରେ ୨୨ଟି ଦେଶ ସ୍ୱିଜରଲ୍ୟାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ । ଏହାପରେ ଜାପାନର ଟୋକିଓରେ ୧୯୬୯ରେ ଅନୁଷ୍ଠିତ 'ୟୁନିଭର୍ସାଲ୍ ପୋଷ୍ଟାଲ୍ ୟୁନିଅନ୍'ର ଅଧିବେଶନରେ, ଅକ୍ଟୋବର ୯କୁ 'ବିଶ୍ୱ ଡାକ ଦିବସ' ରୂପେ ପାଳିବା ପାଇଁ ଭାରତୀୟ ପ୍ରତିନିଧି ଆନନ୍ଦ ମୋହନ ନରୁଲା ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା ଏବଂ ତାହା ପରଠାରୁ ଏହି ଦିବସ ପାଳିତ ହେଉଛି । ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ । ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଟିକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି । ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା । ଆଜିବି ପ୍ରାଇଭେଟ୍ କୋରିଅର କମ୍ପାନିଗୁଡ଼ିକ ଯେଉଁ ସ୍ଥାନକୁ ପହଞ୍ଚି ପାରୁନାହାନ୍ତି ଡାକ ବିଭାଗ ସେଠାରେ ପହଞ୍ଚିଛି । ଯୋଗାଯୋଗର ଏହି ପୁରୁଣା ଉତ୍ସକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି । ୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଯିଏକି, ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନର ସଦସ୍ୟ ହୋଇଥିଲା । ୧୮୫୪ ଅକ୍ଟୋବର ୧ରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ । ବିଶ୍ୱର ସର୍ବାଧିକ ଡାକଘର ଆମ ଦେଶରେ ଅଛି । କୋଲକାତାରେ ଭାରତର ପ୍ରଥମ ଡାକଘର ସ୍ଥାପିତ ହୋଇଥିଲା । ବିଶ୍ୱର ସର୍ବାଧିକ ଉଚ୍ଚତାରେ ଥିବା ଡାକଘର ହେଉଛି ହିମାଚଳ ପ୍ରଦେଶ ଅନ୍ତର୍ଗତ ହିକିମ ଡାକଘର । ସ୍ମାର୍ଟ ଫୋନ୍, ଇଣ୍ଟରନେଟ ଯୁଗରେ ଯୁବ ପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି । ହେଲେ ଆଜି ବି ଯେଉଁଠି ଇଣ୍ଟରନେଟ୍ କିମ୍ବା ଫୋନ୍‌ର ମେସେଜ ପହଞ୍ଚି ପାରେନି ସେଠାରେ ପହଞ୍ଚିଯାଉଛି ଡାକ ସେବା । ଗ୍ରାମାଞ୍ଚଳରେ ସବୁଠି ବ୍ୟାଙ୍କ ନାହିଁ କିନ୍ତୁ ପୋଷ୍ଟ ଅଫିସ ଥିବା ନିଶ୍ଚିତ । ଏହାଛଡ଼ା ଲୋକଙ୍କ ଆବଶ୍ୟକତାକୁ ଆଖିରେ ରଖି ଏବେ ପୋଷ୍ଟ ଅଫିସରେ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯାଉଛି । ସେହିପରି ବିଭିନ୍ନ ସ୍କିମ୍‌ରେ ଟଙ୍କା ରଖି ଭଲ ରିଟର୍ଣ୍ଣ ପାଉଛନ୍ତି ଲୋକେ । ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାର ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ । ଏହି ଦିନ ସମଗ୍ର ବିଶ୍ୱରେ ଡାକ ସାମଗ୍ରୀ ଓ ଡାକ ସେବାର ପ୍ରୋତ୍ସାହନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ ।

## ଆଜିର ଇତିହାସ


- ୧୯୨୦ - ଆଲିଗଡ଼ର ଆଙ୍ଗ୍ଲୋ ଓରିଏଣ୍ଟାଲ କଲେଜ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା ।
- ୧୯୫୪- ଆଫ୍ରିକୀୟ ଦେଶ ଆଲ୍‌ଜେରିଆରେ ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ ।
- ୧୯୯୧- ଜାପାନ ବାହାରେ ପ୍ରଥମ ଥର ଲଣ୍ଡନର ରୟାଲ ଆଲବର୍ଟ ହଲ୍‌ରେ ସୁମୋ ରେସଲିଂ ପ୍ରତିଯୋଗିତା ଆୟୋଜନ କରାଗଲା ।
- ୨୦୦୫- ୟୁରୋପୀୟ ଉପଗ୍ରହ 'କ୍ରାୟୋସେଟ୍' ପ୍ରକ୍ଷେପଣ ବିଫଳ ହେଲା ।
- ୨୦୦୬- ଗୁଗଲ୍ ୟୁଟ୍ୟୁବ୍ ଅଧିଗ୍ରହଣ କଥା ଘୋଷଣା କଲା ।

# ଶୋଇ ଶୋଇ ଲକ୍ଷପତି



ଡିଜିଟାଲ ଯୁଗରେ ଲୋକେ ଅର୍ଥ ଉପାର୍ଜନ ପାଇଁ ଅଜବ ଉପାୟ ସବୁ ଆପଣାଉଛନ୍ତି । ସୋସିଆଲ ମିଡିଆରେ ଭଳିକି ଭଳି କଣ୍ଟେଣ୍ଟ ପ୍ରସ୍ତୁତ କରି ଏଥିରୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି । ଏହି କ୍ରମରେ ଜଣେ ମହିଳା ଶୋଇ ଶୋଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ଡେବୋରା ପିକ୍ସୋଟୋ ନାମ୍ନୀ ଏହି ୩୨ ବର୍ଷିୟା ମହିଳା ବ୍ରାଜିଲରେ ରୁହନ୍ତି । ତେବେ ଲୋକେ ମହିଳାଙ୍କୁ ଶୋଇଥିବା ଅବସ୍ଥାରେ ଦେଖିବା ପାଇଁ ଟଙ୍କା ଦେଇଥାନ୍ତି । ଡେବୋରା ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର । ତେବେ ତାଙ୍କୁ ଲୋକେ ଲାଇଭ୍ ଷ୍ଟ୍ରିମିଂରେ ଶୋଉଥିବାର ଦେଖନ୍ତି । ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଡେବୋରାଙ୍କୁ ଶୋଇବାବେଳେ ଦେଖିବା ପାଇଁ ଲୋକେ ଟଙ୍କା ମଧ୍ୟ ଦେଇଥାନ୍ତି । ତେବେ ସେ ଏହି ଲାଇଭ୍ ଷ୍ଟ୍ରିମିଂର ନାମ 'ନାଇଟ୍ ଟାଇମ୍ ରିୟାଲିଟି ଶୋ' ରଖିଛନ୍ତି । ଏଥିରେ ପ୍ରତିଦିନ ତାଙ୍କୁ ୪୦ ଜଣ ଲୋକ ଶୋଇବାର ଦେଖନ୍ତି । ସେହିପରି ତାଙ୍କୁ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ରାତି ଦେଖିବା ପାଇଁ ଡେବୋରା ଭାରତୀୟ ମୁଦ୍ରାରେ ୯,୫୦୦ ଟଙ୍କା ଚାର୍ଜ କରିଥାନ୍ତି । ଏହିପରି ଭାବେ ସେ ଶୋଇ ଶୋଇ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି । ଅବଶ୍ୟ ଆରମ୍ଭରୁ ଡେବୋରାଙ୍କୁ ଏପରି ଲାଇଭ୍ ଷ୍ଟ୍ରିମିଂ କରିବାକୁ ଟିକେ ଅଜବ ଲାଗୁଥିଲା । ସେହିପରି ତାଙ୍କୁ ଅଧିକାଂଶ ପୁରୁଷ ଲାଇଭ୍ ଷ୍ଟ୍ରିମିଂରେ ଦେଖିବାକୁ ପସନ୍ଦ କରନ୍ତି । ତେବେ ଏଥିପାଇଁ ଡେବୋରା ବେଶୀ କିଛି କରନ୍ତିନି ସେ ନିଜ କୋଠରୀକୁ ସୁନ୍ଦର ଭାବେ ସଜାଇଛନ୍ତି । କୋଠରୀରେ ଲାଇଟ୍ ଓ କ୍ୟାମେରା ବ୍ୟବସ୍ଥା ସେ କରିଛନ୍ତି । ସେହିପରି ଏହି ଲାଇଭ ଷ୍ଟ୍ରିମିଂରେ କୌଣସି ପ୍ରକାର କଟ୍ ନ ଥାଏ । ଏହି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଡେବୋରାଙ୍କୁ ସତରେ ଦେଖିବା ପରି ଅନୁଭୂତି ନେଇଥାନ୍ତି । କୋଠରୀକୁ ଏପରି ଡିଜାଇନ୍ କରାଯାଇଛି ଯାହାକୁ ଦେଖି ଲୋକେ ଭାବିବେ ସେ ଡେବୋରାଙ୍କୁ ସତସତିକା ଘରେ ବସି ପାଖରୁ ଦେଖୁଛନ୍ତି । ତେବେ ୪୦ରୁ ଅଧିକ ଲୋକ ତାଙ୍କର ସବ୍‌ସ୍କ୍ରିପସନ୍ ନେଇଛନ୍ତି । ନିକଟରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର କରିଥିଲେ । ଯେଉଁଥିରେ ସେ ଏକ ଧଳା ରଙ୍ଗର ବେଡ୍‌ସିଟ୍ ଘୋଡ଼ାଇ ହୋଇ ଶୋଇଥିବାର ଦେଖିବାକୁ ମିଳିଥିଲେ ।

# ମେକ୍‌ଅପ୍ ନ କରିବା ପାଇଁ ଟାଟୁ



ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ମହିଳାମାନେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ଯଦି ମେକ୍‌ଅପ୍ ମାପଚୁପରେ କରା ନ ଯାଏ ତାହେଲେ ଏଥିପାଇଁ ଜଣେ ସମାଲୋଚନାର ମଧ୍ୟ ଶିକାର ହୋଇଥାନ୍ତି । ବିଶେଷକରି ମହିଳାମାନେ ପାର୍ଟି, ଫଙ୍କସନ୍‌ଗୁଡ଼ିକୁ ଯିବା ସମୟରେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି । ହେଲେ ଏବେ ଜଣେ ମହିଳା ବାରମ୍ବାର ମେକ୍‌ଅପ୍ ନ କରିବା ପାଇଁ ଏକ ନିଆରା ଉପାୟକୁ ଆପଣାଇଛନ୍ତି । ସାଧାରଣତଃ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟାଟୁ କରିବା କ୍ରେଜ୍ ବଢ଼ିଥିବାବେଳେ ମହିଳା ଜଣକ ନିଜ ମୁହଁରେ ସବୁଦିନ ପାଇଁ ସ୍ଥାୟୀ ମେକଅପ୍ ତଥା ପରମାନେଣ୍ଟ ମେକ୍‌ଅପ୍ ଟାଟୁ କରିଛନ୍ତି । ମହିଳାଙ୍କ ଏଭଳି ଚିନ୍ତାଧାରାକୁ ନେଇ ଏବେ ସବୁଠି ଚର୍ଚ୍ଚା । ମହିଳାଙ୍କ ଟାଟୁ କରିବାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଏଶ୍‌ରୟାଲ-ସାଲୋନ-ହୋସିଆରପୁର ନାମକ ଆକାଉଣ୍ଟରେ ସେୟାର କରାଯାଇଥିଲା । ଏଥିରେ ଜଣେ ଟାଟୁ ଆର୍ଟିଷ୍ଟ ଗୋଲାପି ରଙ୍ଗର ସ୍ୟାହିରେ ମହିଳାଙ୍କ ମୁହଁରେ ଟାଟୁ କରିଥିଲେ । କିଛି କ୍ଷଣ ମଧ୍ୟରେ ମହିଳାଙ୍କ ଗାଲରେ ଫାଉଣ୍ଡସେନ୍ ଓ ବ୍ଲସର୍ ଲଗାଇବା ପରି ଚିକ୍କଣ ଓ ଆକର୍ଷଣୀୟ ଦିଶିଥିଲା । ଏହି ଭିଡିଓରେ କେହି କେହି ମହିଳାଙ୍କ ସୃଜନଶୀଳତାକୁ ପସନ୍ଦ କରିଥିବାବେଳେ ଆଉ କେତେଜଣ ସେ ଜୋକର୍ ଭଳି ଦେଖାଯାଉଛନ୍ତି ବୋଲି କହିଛନ୍ତି ।


# ଟ୍ରେନ୍‌ରେ ଶୋଇବା ମନା



ଟ୍ରେନ୍ ଯାତ୍ରାକୁ ସୁବିଧା ଓ ସହଜଜନକ ଯାତ୍ରା କୁହାଯାଏ । ଏହି କାରଣରୁ ଆମ ଦେଶରେ ନିୟମିତ ଲକ୍ଷଲକ୍ଷ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି । ଜାପାନ ତା'ର ଟ୍ରେନ୍‌ଗୁଡ଼ିକର ସମୟାନୁବର୍ତ୍ତିତା ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ । ଏଠାରେ ଯେ, କେବଳ ଟ୍ରେନ୍‌ଗୁଡ଼ିକ ସଠିକ୍ ସମୟରେ ଆସେ ତାହା ନୁହେଁ, ଏଠାକାର ଯାତ୍ରୀମାନେ ମଧ୍ୟ ଅନୁଶାସନରେ ରହିବାକୁ ଓ ନିୟମ ପାଳନ କରିବା ପାଇଁ ଜଣାଯାନ୍ତି । ଏହି ଦେଶରେ ବ୍ୟସ୍ତ ଟ୍ରେନ୍ ମଧ୍ୟରେ ନିଜ ସିଟ୍‌ରେ ଶୋଇବା, ଅନ୍ୟକୁ ବସିବା ପାଇଁ ସୁଯୋଗ ନ ଦେବା ନିମନ୍ତେ ଫାଇନ୍ ଦେବାକୁ ହୋଇଥାଏ । ଜାପାନର ମେଟ୍ରୋ ଓ ବୁଲେଟ୍ ଟ୍ରେନ୍‌ଗୁଡ଼ିକ ସକାଳେ ଏବଂ ସଂଧ୍ୟାବେଳେ ବେଶ୍ ଭିଡ଼ ହୁଏ । ଏହି ସମୟରେ ଯାତ୍ରୀମାନଙ୍କୁ ସିଟ୍ ସେୟାର୍ କରିବାକୁ ପଡ଼େ । କେବଳ ସେତିକି ନୁହେଁ ଏଠାକାର ଯାତ୍ରୀମାନେ ଯଥାଶୀଘ୍ର ସ୍ଥାନ ଖାଲିକରି ଅନ୍ୟ ଯାତ୍ରୀଙ୍କୁ ବସିବା ପାଇଁ ସୁଯୋଗ ଦେଇଥାନ୍ତି । ଜଣେ ଯାତ୍ରୀ ସିଟ୍‌ରେ ଯଦି ଶୋଇଯାନ୍ତି କିମ୍ବା ଅନ୍ୟ ଯାତ୍ରୀଙ୍କୁ ସିଟ୍‌ରେ ବସିବା ପାଇଁ ସୁଯୋଗ ନ ଦିଅନ୍ତି ଏହା ଏକ ଅପରାଧ ଭାବେ ଜଣାଯାଏ । ତେବେ ପ୍ରଥମ ଥର ଏଭଳି ଭୁଲ୍ କଲେ ଜଣକୁ ଚେତାବନୀ ଦିଆଯାଇ ଛାଡ଼ି ଦିଆଯାଏ । ଲଗାତାର ଜଣେ ଯାତ୍ରୀ ଏଭଳି କରୁଥିବାର ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ସହ ଷ୍ଟେସନ୍‌ରୁ ବାହାର କରି ଦିଆଯାଏ । ଯାତ୍ରୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ଓ ସର୍ବସାଧାରଣ ପରିବହନର ସମ୍ମାନାର୍ଥେ ଜାପାନରେ ଏଭଳି ନିୟମ କରାଯାଇଛି । ଯଦି ଜଣେ ଟ୍ରେନ୍‌ରେ ଶୋଇବ ଅନ୍ୟ ଯାତ୍ରୀମାନଙ୍କୁ ଠିଆ ହେବାକୁ ପଡ଼ିବ । ସେଥିପାଇଁ ଏଠାରେ ସକାଳେ ଓ ସଂଧ୍ୟାବେଳେ ଯାତ୍ରୀମାନେ ସିଟ୍ ସେୟାର୍ କରିଥାନ୍ତି । ଯଦ୍ୱାରା ସମସ୍ତେ ବେଶ୍ ଆରାମରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ । ଅବଶ୍ୟ ଜାପାନକୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଏହାକୁ ବୁଝି ନ ପାରି ଭୁଲ୍ କରି ବସନ୍ତି ।

## ଆଜି ଆସିଥିଲେ...

# ଉତ୍କଳମଣି ଗୋପବନ୍ଧୁ



"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।" ଗୋପବନ୍ଧୁ ଦାସଙ୍କ ଏହି ଦୁଇ ଧାଡ଼ି କବିତାରୁ ବାରି ହୁଏ ତାଙ୍କ ତ୍ୟାଗ ଓ ବଳିଦାନର ଗାଥା । ସେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ । ଆଜୀବନ ତ୍ୟାଗମନ୍ତ୍ରରେ ଦୀକ୍ଷିତ ଗୋପବନ୍ଧୁ ଦୀନ ଦରିଦ୍ରଙ୍କର ବନ୍ଧୁ ଭାବରେ ବେଶ୍ ଜଣାଶୁଣା ଥିଲେ । ଏକାଧାରରେ ସେ ଥିଲେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନୀତିଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍ ଏବଂ ଆଇନଜ୍ଞ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଅନା କୁଞ୍ଜରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା ।

ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଦୈତାରି ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ଖୁବ୍ ଅଳ୍ପ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ମୃତ୍ୟୁ ହୋଇଯାଇଥିଲା । ଗୋପବନ୍ଧୁ ଦାସ ମାତ୍ର ୧୨ ବର୍ଷ ବୟସରେ ଅପତୀ ଦେବୀଙ୍କୁ ବିବାହ କରିଥିଲେ । ବିବାହ ପରେ ମଧ୍ୟ ସେ ପାଠପଢ଼ା ଜାରି ରଖିଥିଲେ । ପୁରୀରୁ ମାଟ୍ରିକ୍ ପାସ୍ କରି, ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ । କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଗୋପବନ୍ଧୁ, 'କର୍ତ୍ତବ୍ୟ ବୋଧିନୀ ସମିତି' ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କଲେ । ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ସମୟରେ, ତାଙ୍କର ପ୍ରଥମ ପୁତ୍ର ସନ୍ତାନଟିର ଅକାଳ ମୃତ୍ୟୁ ଘଟିଥିଲା । ଏହିପରି ନାନାଦି ବାଧାବିଘ୍ନ ସତ୍ତ୍ୱେ ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ୍ କଲେ ଓ କଲିକତାରେ ବିଏଲ୍ ପଢ଼ିଲେ । ସେଠାରେ ପ୍ରବାସୀ ଓଡ଼ିଆଙ୍କ ଦୁଃଖଦୁର୍ଦ୍ଦଶାରେ ବ୍ୟଥିତ ହୋଇ, ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ । ଇତିମଧ୍ୟରେ ତାଙ୍କର ଦ୍ୱିତୀୟ ପୁତ୍ରଟିର ମଧ୍ୟ ମୃତ୍ୟୁ ଘଟିଥିଲା । ଏପରିକି, ଯେଉଁଦିନ ସେ ବିଏଲ୍ ପାସ୍ କରିଛନ୍ତି ବୋଲି ଖବର ପାଇଥିଲେ, ସେହିଦିନ ତାଙ୍କୁ ନିଜ ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ମଧ୍ୟ ମିଳିଥିଲା । ଏତେ ସବୁ ଦୁଃଖ କିନ୍ତୁ ତାଙ୍କୁ ନିଜ କର୍ମରୁ ବିଚ୍ୟୁତ କରିପାରିନଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଅତୁଳନୀୟ ରହିଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ଘଟିଥିବା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିବା ସହ ମାନବ ସେବାରେ ଲାଗି ପଡ଼ିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଗୋପବନ୍ଧୁ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ୧୯୨୧ ମସିହାରେ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ । ଗୋପବନ୍ଧୁଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଜନ୍ମ ନେଇଥିଲା ଦୈନିକ ଖବରକାଗଜ 'ସମାଜ' । 'ଅବକାଶ ଚିନ୍ତା', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ପ୍ରମୁଖ ଥିଲା ତାଙ୍କର ସ୍ମରଣୀୟ କାବ୍ୟକୃତି । ୧୯୨୮ ଜୁନ୍ ୧୭ରେ ପଣ୍ଡିତ ଗୋପବନ୍ଧୁ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ । ବନ୍ଧୁ ମିଳନ ଯୋଗ ରହିଛି । ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ । ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ । ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି । ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ । ମାନସିକ ଶାନ୍ତି ମିଳିବ । ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ । ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି । ପରିଶ୍ରମ ଅନୁସାରେ ଫଳ ମିଳିବ ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି । ଯୁବପିଢ଼ି ନିଜର ଭବିଷ୍ୟତକୁ ନେଇ ଗମ୍ଭୀର ରହିପାରନ୍ତି । ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ ।

**ସିଂହ:** ଦିନଟି ହସଖୁସିରେ କଟିବ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ । ପ୍ରେମ ମାମଲାରେ ଦିନଟି ଭଲ । ବନ୍ଧୁଙ୍କ କଥା ଆଘାତ ଦେବ । ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ । ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଖର୍ଚ୍ଚାନ୍ତ ହୋଇପାରନ୍ତି । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ । ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ ।

**ତୁଳା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି । ପାରିବାରିକ ମାହୋଲ ଶାନ୍ତିପୂର୍ଣ୍ଣ ରହିବ । ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ । ସନ୍ତାନଙ୍କ ସହ ବୁଲିବାକୁ ଯିବେ । ସ୍ୱାଦିଷ୍ଟ ଖାଦ୍ୟ ଖାଇବେ । ବନ୍ଧୁମିଳନ ଯୋଗ ଅଛି । ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ । ଚିନ୍ତାଗ୍ରସ୍ତ ରହିବେ । ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ । ସମୟର ସଠିକ ଉପଯୋଗ କରିବେ । ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ । ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ । ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ । ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ । ବୈବାହିକ ଜୀବନ ମଜଭୁତ୍ ହେବ ।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ । ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ । ଅଧିକ ଖର୍ଚ୍ଚାନ୍ତ ହେବେ ।

**ଏସ୍ଆଇ ପରୀକ୍ଷା ଜାଲିଆତି ପ୍ରସଙ୍ଗ**

## ଗିରଫ ୧୧୯ ଜଣଙ୍କ ଜାମିନ ଖାରଜ

ବ୍ରହ୍ମପୁର,୮ ।୧୦(ସମିସ): ବହୁଚର୍ଚ୍ଚିତ ପୁଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଥିବା ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି । ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ସେମାନଙ୍କ ଅଧିବକ୍ତାମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍ଏଫସି (ଗ୍ରାମୀଣ) ଙ୍କ ଅଦାଲତରେ ଆବେଦନ କରିଥିଲେ । ବୁଧବାର ଉକ୍ତ ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା । ସରକାରୀ ଓକିଲ ଜାମିନ ଆବେଦନର ତୀବ୍ର ବିରୋଧ କରିଥିଲେ । ସେହିକ୍ରମରେ ବିଚାରପତି ସମସ୍ତ ୧୧୯ ଜଣ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିବା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି ୧୧୪ଜଣ ଚାକିରି ଆଶାୟୀ ଓ ୩ ଜଣ ଦଲାଲଙ୍କୁ ନେଇ ବିଜୟନଗରମ ଅଭିମୁଖେ ଯାଉଥିବା ୩ଟି ବସ୍‌ର ୬ଜଣ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି । ଏହି କର୍ମଚାରୀମାନେ ବସ୍ ଭଡ଼ା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ । ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସ୍‌କୁ ଉଠାଇଥିଲେ ଓ କେଉଁ ସ୍ଥାନକୁ ନେଉଥିଲେ ସେ ସମ୍ପର୍କିତ ତଥ୍ୟ ହାସଲ ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି ।

**୬ ବସ୍ କର୍ମଚାରୀଙ୍କ ବୟାନ ରେକର୍ଡ**

ପ୍ରକାଶଥାଉକି, ଚଳିତମାସ ୫ ଓ ୬ତାରିଖରେ ରାଜ୍ୟ ପୁଲିସ ଏସ୍ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା । ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ ୨୯ ତାରିଖରେ ୩ଟି ବସ୍‌ରେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା । ୬ ଜଣ ବସ୍ କର୍ମଚାରୀଙ୍କ ସମେତ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା । ପରେ ପୁଲିସ ବସ୍ କର୍ମଚାରୀଙ୍କୁ ବାଦ ଦେଇ ମୋଟ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା । ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି । ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଗିରଫ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି । ସେପଟେ ପରୀକ୍ଷା ଜାଲିଆତି ଘଟଣାର କିଙ୍ଗପିନ୍ ବା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପ୍ରୁଷ୍ଟି ଓ ତାର ମୁଖ୍ୟ ସହଯୋଗୀ ମୁନା ମହାନ୍ତିଙ୍କ ଟେର ପାଉନି କ୍ରାଇମବ୍ରାଞ୍ଚ ।

## ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି ନିଯୁକ୍ତ

■ ପୁଷ୍ପେନ୍ଦ୍ର, ଗଣେଶ୍ୱର ବରିଷ୍ଠ ସାଧାରଣ ସମ୍ପାଦକ
■ ୫ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ୨ଜଣ ମହିଳା

ଭୁବନେଶ୍ୱର,୮ ।୧୦(ସମିସ): ବିଜୁ ଜନତା ଦଳର ରାଜ୍ୟ ପଦାଧିକାରୀ ଭାବେ ଆଉ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି । ସେମାନଙ୍କ ମଧ୍ୟରେ ଜଣେ ଉପ ସଭାପତି ଥିବାବେଳେ ୨ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଓ ୩ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି ।

ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଉପସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ସେହିପରି ସାଧାରଣ ସମ୍ପାଦକ ଭାବେ ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ ଓ ମନୋଜ ମିଶ୍ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଓ ରାଜୁ ଘିବେଲାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି ।

**ବିଜେପି ନେତା ତଥା ଆଇନଜୀବୀ ପୀତବାସ ହତ୍ୟା ଘଟଣା**

# ଓକିଲଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ




ବ୍ରହ୍ମପୁର/କଟକ,୮ ।୧୦(ସମିସ): ବ୍ରହ୍ମପୁର ସହରର ବିଚ୍ ରାସ୍ତାରେ ଜଣେ ଆଇନଜୀବୀଙ୍କୁ ଗୁଳିକରି ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ନେଇ ଏବେ ପଲ୍ଲୀରୁ ଦିଲ୍ଲୀ ସବୁଠି ଚର୍ଚ୍ଚା । ଶାସକ ବିଜେପି ଦଳର ଜଣେ ଆଗଧାଡ଼ିର ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୪୮ ଘଣ୍ଟା ବିତିଛି । ଶେଷ ହୋଇଯାଇଛି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ମହଲତ । ବୁଧବାର ରାଜ୍ୟବ୍ୟାପୀ ଓକିଲମାନେ କଲମ ଛାଡ଼ ବା ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଥିଲେ । ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ମୃତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଓ ରାଜ୍ୟରେ ତୁରନ୍ତ ଓକିଲଙ୍କ ପାଇଁ କଡ଼ା ସୁରକ୍ଷା ଆଇନ ଲାଗୁ ପାଇଁ ଆଇନଜୀବୀଙ୍କ ପକ୍ଷରୁ ଦୃଢ ଦାବି କରାଯାଇଛି ।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ପ୍ରତିବାଦ**

ଓଡ଼ିଶା ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ ମାମଲାଗୁଡିକର ଶୁଣାଣି ହୋଇପାରି ନାହିଁ । ଏଥିପାଇଁ ପ୍ରାୟତଃ ସମସ୍ତ ମାମଲାର ଶୁଣାଣିକୁ ହାଇକୋର୍ଟଙ୍କ ବିଭିନ୍ନ ଖଣ୍ଡପୀଠ ଘୁଞ୍ଚାଇଥିବା ଜଣାପଡିଛି । ଓଡିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଓ ଉପସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ଏହି ହତ୍ୟା ଘଟଣା ପ୍ରତିବାଦରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିଭଳି ରାଜ୍ୟ ବାର କାଉନସିଲ କାର୍ଯ୍ୟାଳୟରେ କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଅକ୍ଷୟ ପତି, ମାନସ ଚାନ୍ଦ, ଅରୂପାନନ୍ଦ ଦାସ, ସୌରଚନ୍ଦ୍ର ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ, ଭକ୍ତଭୂଷଣ ବାରିକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ । ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ମୃତକ ଆଇନଜୀବୀଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା, ଏହାର ବିଚାର ବିଭାଗୀୟ ତଦନ୍ତ ସହ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଇନଜୀବୀ ସଂଘଗୁଡିକ ପକ୍ଷରୁ ଦାବି କରାଯାଇଛି । କଟକରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ, ସିଭିଲ କୋର୍ଟ ବାର ଆସୋସିଏସନ ସମେତ ସମସ୍ତ ଓକିଲ ସଂଘ କର୍ମକର୍ତ୍ତା ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ଦୁର୍ବୃତ୍ତଙ୍କ ବାଇକ ନମ୍ବର ନକଲି, ୯ ଏମ୍ଏମ୍ ଗୁଳି ନୁହେଁ; ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା:ଏସ୍‌ପି

ବ୍ରହ୍ମପୁର,୮ ।୧୦(ସମିସ):ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୪୮ ଘଣ୍ଟା ପରେ ମଧ୍ୟ ଅନ୍ଧାରରେ ବାଡ଼ି ବୁଲାଉଥିବା ପୁଲିସ ହତ୍ୟାର ଖିଅ ପାଉନାହିଁ । ଘଟଣା ଦିନ ଛୁଟିରେ ଥିବା ବ୍ରହ୍ମପୁର ଏସ୍‌ପି ଡାକ୍ତର ସର୍ବଣା ବିବେକ ଏମ୍ କାର୍ଯ୍ୟରେ ଯୋଗ ଦେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ । ବଛା ବଛା ତଥା ଅଭିଜ୍ଞ ଅଧିକାରୀଙ୍କୁ ନେଇ ୬ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛନ୍ତି । ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରାୟ ୫୦ରୁ ଉଦ୍ଧ୍ୱର୍ ସ୍ଥାନରୁ ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରି ତଦନ୍ତ କରାଯାଇଛି । ମିଳିଥିବା ଫୁଟେଜରୁ ଆତତାୟୀମାନେ ବ୍ୟବହାର କରିଥିବା ବାଇକ୍ ନମ୍ବର ଫେକ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଏସ୍‌ପି କହିଛନ୍ତି । ସେପଟେ ମୃତ ଆଇନଜୀବୀ ପୀତବାସଙ୍କ ଶରୀରରୁ ବ୍ୟବଚ୍ଛେଦ ବେଳେ ବାହାରିଥିବା ଗୁଳି '୯-ଏମ୍ଏମ୍' ନୁହେଁ ବରଂ ଏହାର ପ୍ରକାର ଓ କେଉଁଭଳି ପିସ୍ତଲ ବା ମାଉଜରରୁ ବ୍ୟବହାର କରାଯାଇଛି ସେନେଇ ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏସ୍‌ପି କହିଛନ୍ତି ।

■ ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ହୋଇଛି ୬ ସ୍ୱତନ୍ତ୍ର ଟିମ୍, ୫୦ରୁ ଉର୍ଦ୍ଧ୍ୱ ସିସିଟିଭିର ହେଲାଣି ଯାଞ୍ଚ
■ ବାଲି ମାଫିଆ ଅଥବା ସୁଧ କାରବାର ଜନିତ ଦିଗକୁ ମଧ୍ୟ କରାଯାଇଛି ତଦନ୍ତ ପରିସରଭୁକ୍ତ

କୁମାର ପୂର୍ଣ୍ଣିମା ପାଇଁ ଛୁଟି ଥିବାବେଳେ ବୁଧବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶୋକସଭାର ଆୟୋଜନ କରାଯାଇଥିଲା । ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ସମେତ ଗତ ମଙ୍ଗଳବାର ହାଇଦ୍ରାବାଦ୍‌ଠାରେ ଏକ ଘରୋଇ ହସ୍ପିଟାଲରେ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ କିଶୋର ମିଶ୍ରଙ୍କ ଦେହାନ୍ତକୁ ନେଇ ଯୁଗ୍ମ ଶୋକସଭାର ଆୟୋଜନ କରାଯାଇଥିଲା । ପୀତବାସ ପଣ୍ଡାଙ୍କୁ ହତ୍ୟା ନେଇ ନିନ୍ଦା ପ୍ରସ୍ତାବ ଆଗତ ହୋଇ ଗୃହୀତ କରାଯାଇଥିଲା । ପରେ ସଂଘର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ କୋର୍ଟ ପରିସରରୁ ବାହାରି ସହର ପରିକ୍ରମା କରିବା ସହିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖରଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ସହରର ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ । ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି ଏବଂ ଖୁବ୍‌ଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ଆଇଜି । ପୀତବାସ ପଣ୍ଡାଙ୍କୁ ହତ୍ୟା ପଛର କାରଣକୁ ନେଇ ବିଭିନ୍ନ ଆଲୋଚନା ହେଉଛି । ବୃତ୍ତିଗତ କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଅନ୍ୟପଟେ ଜଣେ କମ୍ୟୁନିଷ୍ଟ ଚିନ୍ତାଧାରାର ବ୍ୟକ୍ତି ପରେ କଂଗ୍ରେସ ଓ ତା'ପରେ ବିଜେପିରେ ସାମିଲ ହେବା ଏବଂ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ନିକଟତର ହୋଇ ଖୁବ୍ କମ୍ ଦିନରେ ରାଜନୀତିରେ ଚର୍ଚ୍ଚାରେ ରହିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ଆଲୋଚନା ହେଉଛି । ବୃତ୍ତିଗତ ଓ ରାଜନୈତିକ କାରଣକୁ ବାଦ୍ ଦେଲେ ବ୍ୟକ୍ତିଗତ ଓ ପୂର୍ବଶତ୍ରୁତା ଭଳି ଦିଗକୁ ମଧ୍ୟ ସନ୍ଦେହ ପରିସରରୁ ବାଦ୍ ଦିଆଯାଇନପାରେ । ବିଭିନ୍ନ ସମୟରେ ଯଦିଓ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ଅନ୍ୟମାନଙ୍କ ପାଇଁ ଅଡୁଆ ସୃଷ୍ଟି କରୁଥିଲେ ଏଥିପାଇଁ ମଧ୍ୟ ତାଙ୍କର ଅନେକେ ଶତ୍ରୁ ଥିଲେ । ଏସବୁ ଦିଗକୁ ଛାଡ଼ି ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବାଲି, ପଥର ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦର ଅସାଧୁ କାରବାରରେ ହସ୍ତକ୍ଷେପ କରି କାଳେ ପୀତବାସ ବଳିପଡ଼ିଲେ କି ବୋଲି ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି । ସେହିଭଳି କଳନ୍ତର ବା ସୁଧ କାରବାରକୁ ନେଇ ମଧ୍ୟ ଟଙ୍କା ହାତେଇବାକୁ ଅଥବା ଫେରସ୍ତ ନକରିବାକୁ ନେଇ କାଳେ ପୀତବାସ ଗୁଳିର ଶୀକାର ହେଲେ କି ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ପୁଲିସ ହାତରେ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଘଟଣା ପଛର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ।

**ଜାରି ରହିବ ବର୍ଷାର ପ୍ରଭାବ**

## ଅକ୍ଟୋବରରେ ହେଲାଣି ୮୦.୪ ମିମି ବର୍ଷା

ଭୁବନେଶ୍ୱର,୮ ।୧୦(ସମିସ): ଓଡ଼ିଶା ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ବୁଧବାର ଅପରାହ୍ଣରେ ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି । ଘଣ୍ଟାଏ ପର୍ଯ୍ୟନ୍ତ ଜନଜୀବନ ବର୍ଷାଯୋଗୁଁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବିଜୁଳି ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି ।



ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବର୍ଷା ସାଙ୍ଗକୁ ୩୦-୪୦ କିଲୋମିଟର ବେଗରେ ପବନ ବହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗୁରୁବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ଆଶଙ୍କା କରାଯାଉଛି । ୧୦ ତାରିଖ ମଧ୍ୟ ସମାନ ପାଗ ରହିବ ଏବଂ ମୟୂରଭଞ୍ଜ, କେନ୍ଦୁଝର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବର୍ଷା ସମ୍ଭାବନା ରହିଛି । ଅନ୍ୟପଟେ ୧୦ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ଆଶଙ୍କା କରାଯାଉଛି ।

ଗତ ୩୬ ଘଣ୍ଟାରେ ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ଓ ୬ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇ ଯାଇଛି । ରାଜ୍ୟରେ ମୌସୁମୀରେ ଭଲ ବର୍ଷା ହୋଇଥିବା ବେଳେ ମୌସୁମୀ ପରବର୍ତ୍ତୀ ସମୟ ଅର୍ଥାତ ଅକ୍ଟୋବର ମାସରେ ମଧ୍ୟ ଭଲ ବର୍ଷା ରେକର୍ଡ ହୋଇଛି । ଅକ୍ଟୋବର ମାସରେ ୧୧୨ ମିମି ସ୍ୱାଭାବିକ ବର୍ଷା ତୁଳନାରେ ବର୍ତ୍ତମାନ ସୁଦ୍ଧା ୮୦.୪ ମିମି ବର୍ଷା ହୋଇସାରିଛି । ଗତ ମୌସୁମୀରେ ଅର୍ଥାତ ଜୁନ ୧ ତାରିଖରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୧୫୦.୭ ମିମି ବର୍ଷା ରେକର୍ଡ ହୋଇଛି । ମୌସୁମୀରେ ୪ ମାସରେ ଓଡିଶା ପାଇଁ ସାଧାରଣ ବର୍ଷାର ଅନୁପାତ ୧୧୫୦.୨ ମିମି ଥିବା ବେଳେ ଏଥର ମୌସୁମୀରେ ଠିକ ବର୍ଷା ରେକର୍ଡ ହୋଇଛି ।

■ **ନୂଆପଡ଼ା ଉପନିର୍ବାଚନ**

## ଆଜି ବିଜେପିର କୋର୍ କମିଟି ବୈଠକ

ଭୁବନେଶ୍ୱର,୮ ।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ । ଇତିମଧ୍ୟରେ ବିରୋଧୀ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ଉପରେ ସଭିଙ୍କ ନଜର ରହିଛି । ତେବେ ବିଜେପି ପକ୍ଷରୁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି ।

ଶ୍ରୀ ତୋମାରଙ୍କ ଅନୁଯାୟୀ ବିଜେପି ପକ୍ଷରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଆସନ୍ତାକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କୋର କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ନୂଆପଡ଼ା ନିର୍ବାଚନକୁ ନେଇ ଆଲୋଚନା ହେବାକୁ ଥିବାବେଳେ ପ୍ରାର୍ଥୀତ୍ୱ ସଂକ୍ରାନ୍ତରେ ମଧ୍ୟ ମାନସ ମନ୍ଥନ କରାଯିବ । ସେହିପରି ଆସନ୍ତାକାଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ଜନଜାତି ବିଧାୟକ ଓ ସାଂସଦଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ , ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ ମଧ୍ୟ ଯୋଗ ଦେବେ । ନିଜ ନିଜ ଅଞ୍ଚଳର ୨୦ରୁ ୨୫ ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି ।

## କଟକ ବାଲିଯାତ୍ରାରେ ସହଭାଗୀ ହେବ ଇଣ୍ଡୋନେସିଆ

**କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଦିଆଯିବ ଆର୍ଥିକ ସହାୟତା**

ଭୁବନେଶ୍ୱର,୮ ।୧୦(ସମିସ): ଚଳିତ ବର୍ଷର ବାଲିଯାତ୍ରାକୁ ଭବ୍ୟ ଏବଂ ସ୍ମରଣୀୟ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ସାମିଲ କରାଯିବ । ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ପାଇଁ ମଧ୍ୟ ଅନୁରୋଧ କରାଯିବ । ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଆଯାଇଛି ନିଷ୍ପତ୍ତି ।

ସୂଚନା ଅନୁଯାୟୀ କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ(ଥିମ ପାଭିଲିୟନ) ନିର୍ମାଣ କରାଯିବ । ଯାହା ଓଡ଼ିଆ ସାହିତ୍ୟକୁ ଆହୁରି ଆଦୃତ କରିପାରିବ । ସେହିପରି ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ ।

ଚଳିତ ବର୍ଷ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଥିଲେ । ଏହିକ୍ରମରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ବିଧାୟକଙ୍କ ସମାନ ଅନୁରୋଧ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ଓ କେନ୍ଦ୍ରାପଡା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ । ଅପରପକ୍ଷେ ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି ।

## ବାଲିଯାତ୍ରା ପଡ଼ିଆ 'ନୋ ଡ୍ରୋନ୍ ଜୋନ୍'

କଟକ: ଆସନ୍ତା ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାରେ ଜନସାଧାରଣଙ୍କ ସୁରକ୍ଷା ଏବଂ ମହୋତ୍ସବର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଉଛି । ଏହିକ୍ରମରେ ବାଲିଯାତ୍ରା ପଡ଼ିଆକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରିଛନ୍ତି କଟକ ଜିଲ୍ଲାପାଳ । ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି । ସେହିପରି ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ମନା ହୋଇଛି । ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି, ଡ୍ରୋନ୍‌କୁ ବି ମନା କରାଯାଇଛି । ବାଲିଯାତ୍ରାକୁ ପ୍ରାୟ ୫୦ ଲକ୍ଷ ଲୋକଙ୍କ ସମାଗମ ହେବା ଆଶଙ୍କା କରାଯାଉଛି ।



## ଲୋକସେବା ଭବନ ଏବେ ବିଜେପିର ଚାକିରି ବିକ୍ରୟ କେନ୍ଦ୍ର: ବିଜେଡି




■ ରାଜ୍ୟବ୍ୟାପୀ ଯୁବ, ଛାତ୍ର ବିଜେଡିର 'ନ୍ୟାୟ ଆନ୍ଦୋଳନ' ଡକରା
■ ସିବିଆଇ ତଦନ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ

ଭୁବନେଶ୍ୱର,୮ ।୧୦(ସମିସ): ପୁଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣା ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି । ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ବିଜୁ ଯୁବ ଜନତା ଦଳ ସିବିଆଇ ତଦନ୍ତ ଦାବି କରିଛି । ଏହାସହ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡମୁଣ୍ଡମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ରଜନତା ଦଳ ରାଜ୍ୟବ୍ୟାପୀ 'ନ୍ୟାୟ ଆନ୍ଦୋଳନ' ଡକରା ଦେଇଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଏହି ମହାଦୁର୍ନୀତିର ଚେର ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି । ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ । କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପରିବର୍ତ୍ତେ କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ ସେହି କାମରେ ବ୍ୟସ୍ତ ଅଛି । ରାଜ୍ୟ ସରକାରଙ୍କ ପ୍ରାୟୋଜନରେ ଚାକିରି ବିକ୍ରିର ନିଲାମ ପାଇଁ ଦୁଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଓପିଆରବି କେଉଁ ନିୟମରେ ଏହି ସଂସ୍ଥା ଗୁଡିକୁ ପରୀକ୍ଷା କରିବା ପାଇଁ ନିଯୁକ୍ତି ଦେଇଥିଲା ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି । ବିଜେପି ଏବେ ଲୋକସେବା ଭବନକୁ ଚାକିରି ବିକ୍ରୟ କେନ୍ଦ୍ରରେ ପରିଣତ କରିଛି । ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ । ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି । ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡକରା ଦେଇଛି । ବିଜେପି ପକ୍ଷରୁ ସରକାରକୁ ଆସିଲେ ଦୁଇ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଚାକିରି ଦେବା ପରିବର୍ତ୍ତେ ଏବେ ଚାକିରି ବିକ୍ରି କରାଯାଉଛି । ଓଡ଼ିଶାର ଯୁବ ଓ ଛାତ୍ର ମାନେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବେ ଓ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି ।

■ **ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା**

## କ୍ରାଇମବ୍ରାଞ୍ଚ ଗିରଫଦାରି ଘଟଣାକୁ ଖଣ୍ଡନ କଲେ ଚନ୍ଦନ



ବାଲେଶ୍ୱର, ୮ ।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ସାରା ରାଜ୍ୟରେ ତନାଘନା ଚଳାଇଛି । ଏପଟେ ବାଲେଶ୍ୱରରୁ ଉକ୍ତ ଘଟଣାର ଆଜି ଟୁଇଷ୍ଟ ଦେଖିବାକୁ ମିଳିଛି । ଗତ ୬ ତାରିଖରେ ବାଲେଶ୍ୱରର ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚର ଗିରଫଦାରି ଘଟଣାକୁ ଆଜି ଖୋଦ ଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛନ୍ତି । ସୋରରୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମ୍ଏଫସି କୋର୍ଟକୁ ଚାଲାଣ କରିବା ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ ଦର୍ଶାଇଛନ୍ତି ।

ଉକ୍ତ ୬ ତାରିଖ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ଗୋପାଳପୁର ଥାନା ସନ୍ନିକଟ ବଜାର ଅଞ୍ଚଳରେ ବିଭିନ୍ନ କାମରେ ଥିଲେ । ତେବେ କ୍ରାଇମବ୍ରାଞ୍ଚ ତାଙ୍କୁ କେତେବେଳେ ତଦନ୍ତ ପରିସରକୁ ନେଲେ ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ସେହିଦିନ ତାଙ୍କର ମୋବାଇଲ ହଜି ଯାଇଥିବାରୁ ସୁଇଚ ଅଫ ଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଗିରଫଦାରି ଖବର ପ୍ରକାଶ ପାଇବା ପରେ ସେ ତଥା ତାଙ୍କ ପରିବାର ଚକିତ ହୋଇଯାଇଥିଲେ । ଚନ୍ଦନ ମଲ୍ଲିକ ଜଣେ ସମାଜସେବୀ ଭାବେ ବାଲେଶ୍ୱରରେ ବେଶ ଜଣାଶୁଣା । ସେ ପୁଲିସ ଏସଆଇ ଚାକିରି ବିକ୍ରି ଘଟଣାରେ ଦଲାଲ କାମ ସ୍ୱପ୍ନରେ ବି ଭାବି ନାହାନ୍ତି । ଏଭଳି ତାଙ୍କ ନାଁ କ୍ରାଇମବ୍ରାଞ୍ଚର ଗିରଫଦାରି ତାଲିକାରେ ପ୍ରକାଶ ପାଇବା ସମ୍ପୂର୍ଣ୍ଣ ଭିତ୍ତିହୀନ । ନ୍ୟାୟ ନ ମିଳିଲେ ଜିଲ୍ଲା ଏସପି କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ପାଇଁ ସେ ଚେତାବନୀ ଦେଇଛନ୍ତି । ଓଡିଶାରେ ତାଙ୍କୁ ଦଲାଲ ସଜେଇ ଦେଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ? ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ନିଜକୁ ଦର୍ଶାଇଥିବା ବେଳେ ଆଗକୁ ଯଦି ଏନେଇ କୌଣସି ପ୍ରମାଣ ଦେବାକୁ ପଡ଼େ ଯଥେଷ୍ଟ ପ୍ରମାଣ ଯୋଗାଇ ଦେବେ ବୋଲି ଚନ୍ଦନ ଆଜି ଗଣମାଧ୍ୟମକୁ କହିଛନ୍ତି ।

# ଦେଶୀ ମଦ କାରଖାନା ଉପରେ ଚଢ଼ଉ

ବହସାହି, ୮।୧୦(ସମିସ): ବଡସାହି ଥାନା ଯଦୁନାଥପୁର ଗ୍ରାମର ପ୍ରଚୁର ବେଆଇନ ଚୋରା ଦେଶୀ ମଦ କାରଖାନା ଚାଲୁଥିବାର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ କରିଛି। ଫଳରେ ଘଟଣାସ୍ଥଳରୁ ୫୦୦ କେ.ଜି ପୋଚ, ୨୦୦ଲିଟର ରନ୍ଧା ମଦ ଓ ବ୍ୟାପକ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଛି। ମାତ୍ର ଅଭିଯୁକ୍ତମାନେ ଖସି ଯିବାରେ ସଫଳ ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବାଲି ବୋଝେଇ ପିକ୍‌ଅପ୍ ଜବତ; ଚାଳକ ଗିରଫ

ବାରିପଦା, ୮।୧୦(ସମିସ): ଭଞ୍ଜପୁର ଥାନା ପୁଲିସ ଏକ ବାଲି ବୋଝେଇ ପିକଅପ ଭ୍ୟାନ୍‌କୁ ଜବତ କରିବା ସହିତ ଚାଳକକୁ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ଚିପଟ ଅସ୍ତିଆ ଗ୍ରାମର ସେକ ଅଲତାଫ। ବେଲଗଡ଼ିଆ- ଜିଲ୍ଲାପାଳଙ୍କ ସରକାରୀ ବାସଭବନ- ଭଞ୍ଜପୁର ରାସ୍ତାର ବିଜୁ ପଟ୍ଟନାୟକ ପାର୍କ ନିକଟରେ ଦ୍ରୁତଗତିରେ ଆସୁଥିବା ବାଲିବୋଝେଇ ଭ୍ୟାନକୁ ଅଟକାଇ ପୁଲିସ ପଚରାଉଚରା କରିବାରୁ ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ଚାଳକ କହିବାରୁ ତାଙ୍କୁ ଗିରଫ ସହ ଭ୍ୟାନକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଧାନ ବିଲ ପାଣିରେ ପଡ଼ି ଯୁବତୀ ମୃତ

ମହୁଲଡିହା, ୮।୧୦(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଲେଇବେଡା ଗ୍ରାମର ସ୍ୱର୍ଗତ ଗୋପାଳ କେରାଇଙ୍କ ଝିଅ ଗୁରୁବାରୀ (୨୫) ଗତକାଲି ଅପରାହ୍ନରେ ନିଜ ଧାନ ବିଲକୁ ଯାଇଥିବାବେଳେ ସେଠାରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଗ୍ରାମବାସୀ ଖବର ପାଇ ତାଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସେ ଗହୀର ଧାନ ବିଲରେ ମାଛ ଧରିବାକୁ ଖଇଁଝି ବସାଇଛନ୍ତି। ଛାଡପଟାରୁ ଡେଇଁ ଆର ପଟକୁ ପାର ହେଉଥିବା ବେଳେ ଗୋଡ ଖସି ଗୁରୁବାରୀର ମୁଣ୍ଡଛାଡ ପଟା ଭିତରକୁ ପଶିଯାଇ ବାହାରି ନ ପାରିବାରୁ ମୁଣ୍ଡଟି ପାଣି ଭିତରେ ରହିଗଲା। ଫଳରେ ପାଣି ନାକ ଏବଂ ପାଟିରେ ପାଣି ପଶିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଛି।

# ନୂତନ ପଞ୍ଚାୟତ ଗଠନ ଦାବିରେ ବିଶାଳ ଶୋଭାଯାତ୍ରା

ରାଇରଙ୍ଗପୁର/ବହଳଦା, ୮।୧୦ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ସୁରଦା-ଯଶିପୁର ଗ୍ରାମପଞ୍ଚାୟତର ପାଞ୍ଚଟି ରାଜସ୍ୱ ଗ୍ରାମକୁ ନେଇ ଏକ ନୂତନ ପଞ୍ଚାୟତ ଗଠନ କରାଯିବା ଦାବିରେ ଶତାଧିକ ଗ୍ରାମବାସୀ ବିଡିଓ, ତହସିଲଦାର ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ପଞ୍ଚାୟତିରାଜ ମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କଟକ ଏବଂ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଯଶିପୁର, ସୁରଦା, ନନ୍ଦାବସା, ଦୁବଲାବେଡା, ଭାଲେଇଡିହି, କୁଦରସାହି, ସାପଘେରା, ନୂଆଗାଁ, ଅସୁରଘାଟୀ ଓ ରଙ୍ଗାମାଟିଆ ୧୦ଟି ରାଜସ୍ୱ ଗ୍ରାମକୁ ନେଇ ସୁରଦା-ଯଶିପୁର ଗ୍ରାମପଞ୍ଚାୟତ ରହିଥିବା ବେଳେ ସେଥିରୁ ସାପଘେରା, ନୂଆଗାଁ, କୁରଦରସାହି, ଅସୁରଘାଟୀ ଓ ରଙ୍ଗାମାଟିଆ ୫ଟି ରାଜସ୍ୱ ଗ୍ରାମକୁ ନେଇ କୁଦରସାହି ପଞ୍ଚାୟତ ଗଠନ କରିବାକୁ ଦାବି କରିଛନ୍ତି। ପୂର୍ବତନ ବିଧାୟକ ଲକ୍ଷ୍ମଣ ସୋରେନ୍‌ଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରି ଶତାଧିକ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ବିଡିଓ ଶରତ କୁମାର ମଲ୍ଲିକ ଏବଂ ପରେ ତହସିଲଦାର ଶିବ ପ୍ରସାଦ ମୁର୍ମୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ରାଇରଙ୍ଗପୁରଠାରେ ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ପାଞ୍ଚଟି ଗ୍ରାମକୁ ନେଇ ନୂତନ ଗ୍ରାମପଞ୍ଚାୟତ ଗଠନ କରାଯିବାକୁ ଦାବି କରାଯାଇଥିବା ବେଳେ ଏନେଇ ୨୦୨୨ ମସିହାରେ ସର୍ବେକ୍ଷଣ କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଶିପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ସମସ୍ତ ଗ୍ରାମବାସୀଙ୍କୁ ସରକାରୀ ଯୋଜନାର ସମସ୍ତ ସୁବିଧା ସୁଯୋଗ ମିଳୁଥିବାବେଳେ ଗମନା ଗମନ ପାଇଁ ଉତ୍ତମ ସଡକପଥ ରହିଥିବା ସତ୍ତ୍ୱେ ପାହାଡିଆ ଅଞ୍ଚଳରେ ବସବାସ କରୁଥିବା ଖଡିଆ, ମାଙ୍କିଡିଆ ଜନଜାତିର ଲୋକେ କୌଣସି ସୁବିଧା ପାଉନାହାନ୍ତି। ଏପରିକି ଭତ୍ତା ଟଙ୍କା ଉଠାଣ ଏବଂ ଖାଉଟି ଚାଉଳ ସଂଗ୍ରହ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କୁଦରସାହି ଗ୍ରାମରେ ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଏହି ଅଞ୍ଚଳର ଲୋକେ ସୁବିଧା ପାଇପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

# ଇଣ୍ଟରନେଟ ସେବା ଠପ; ଗ୍ରାହକ ହନ୍ତସନ୍ତ

ମୋରଡା, ୮।୧୦(ସମିସ): ମୋରଡା ସବ୍‌ପୋଷ୍ଟ ଅଫିସରେ ଦୀର୍ଘ ଦିନ ଧରି ଇଣ୍ଟରନେଟ ସମସ୍ୟା ଲାଗି ରହିଥିବାରୁ ଗ୍ରାହକ ସେବା ନ ପାଇ ହନ୍ତସନ୍ତ ହେଉଛନ୍ତି। ଅଧିକାଂଶ ଦିନ ପୋଷ୍ଟ ଅଫିସରେ ଡାକସେବା ଅଚଳ ହୋଇପଡୁଛି। ଏହି ଉପଡ଼ାକଘର ଉପରେ ରାସଗୋବିନ୍ଦପୁର ବ୍ଲକର ୪ ଏବଂ ମୋରଡା ବ୍ଲକର ୫ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଟଙ୍କା ଉଠାଣ ପାଇଁ ପାସବୁକ ପୋଷ୍ଟ ଅଫିସରେ ଦେଇ ଫେରି ଆସିଥିଲେ ବୋଲି ନାରୀ ନେତ୍ରୀ କୁମୁଦିନୀ ମହାକୁଡ଼ ଅଭିଯୋଗ କରିଛନ୍ତି। ତହିଁପରଦିନ ଯାଇ ମଧ ଟଙ୍କା ଉଠାଣ କରିପାରିନଥିଲେ। ପୋଷ୍ଟ ମାଷ୍ଟର ନେଟ ନାହିଁ ବୋଲି କହି ଅସହାୟତା ପ୍ରକାଶ କରିଥିଲେ। ଫଳରେ ପୋଷ୍ଟ ଅଫିସରେ ଏହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଠାରେ ଜଣେ ପୋଷ୍ଟ ମାଷ୍ଟର ଏବଂ ଜଣେ ଆସିଷ୍ଟାଣ୍ଟ ପୋଷ୍ଟମାଷ୍ଟର ନିଯୁକ୍ତ ହୋଇଛନ୍ତି; କିନ୍ତୁ ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟରଙ୍କୁ ବାରମ୍ବାର ଅନ୍ୟତ୍ର ଡେପୁଟେସନ ପଠାଯାଉଛି। ଫଳରେ ଜଣେ କର୍ମଚାରୀ କାମ କରୁଥିବାରୁ ଲୋକେ ଠିକ୍ ସେବା ପାଇପାରୁନାହାନ୍ତି। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।




# ରାଇହରି-ଜାମୁଡ଼ାଳି ରାସ୍ତା ଶୋଚନୀୟ; ମରାମତି ନ ହେଲେ ଆନ୍ଦୋଳନ

ବିଜାତଳା, ୮।୧୦(ସମିସ): ବିଜାତଳା ବ୍ଲକ ଅଧୀନ ରାଇହରି ପଞ୍ଚାୟତର ରାଇହରିଠାରୁ ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ କି ଏ ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। ସୂଚନାଯୋଗ୍ୟ ଯେ ରାଇହରି-ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଦୀର୍ଘ୍ୟ ଦିନ ହେଲା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏ ସମ୍ପର୍କରେ ପଞ୍ଚାୟତ ଏବଂ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ କେହି ଶୁଣୁନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ରାଇହରି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ୧୫ ବର୍ଷ ତଳେ ରାଇହରି ଓ ଜାମୁଡାଳିର କିଛି ଲୋକେ ନିଜସ୍ୱ ଜମିଦାନ କରି ଏହି ଦୁଇକିମି ରାସ୍ତା ନିର୍ମାଣ କରିଥିଲେ; କିନ୍ତୁ ସେହି ଦିନଠାରୁ ଏପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ଉନ୍ନତି ହୋଇପାରିନାହିଁ। କେବଳ ନାଳ ଉପରେ ପୋଲ ଏବଂ ପୋଲର ଉଭୟ ପାର୍ଶ୍ୱରେ ପଚାଶ ମିଟର ବିଶିଷ୍ଟ ନିମ୍ନମାନର କଂକ୍ରିଟ ରାସ୍ତା ବ୍ୟତୀତ ଆଉ କୌଣସି କାମ ହୋଇନାହିଁ। ଫଳରେ ଲୋକେ ବିଭିନ୍ନ କାମ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଖୁବଶୀଘ୍ର ଏହି ରାସ୍ତାକୁ ପକ୍କା ସଡ଼କରେ ପରିଣତ ନ କଲେ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ରାଇହରି ଓ ଜାମୁଡାଳି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



# ଭଣ୍ଡାର ହାଟସାହି-ଗନ୍ଦେସାହି ରାସ୍ତା ନିର୍ମାଣରେ ବିଳମ୍ବ

ଶରତ, ୮।୧୦(ସମିସ): ମନରେଗା ଯୋଜନାରେ ଗ୍ରାମାଞ୍ଚଳର ବିକାଶ କରିବା ସହିତ ରାସ୍ତାଘାଟ ନିର୍ମାଣ ଏବଂ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବା ନିମନ୍ତେ କେନ୍ଦ୍ର ସରକାର ବ୍ୟାପକ ଅର୍ଥ ବ୍ୟୟ କରୁଥିଲେ ମଧ୍ୟ ଆଜି ବି ବହୁ ଗାଁ ବିକାଶଠୁ ଦୂରରେ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳର ବ୍ଲକ ଆଜି ବି ପଛରେ ରହିଛି। କପ୍ତିପଦା ବ୍ଲକ ଅନ୍ତର୍ଗତ ସରଡିହା ଗ୍ରାମ ପଞ୍ଚାୟତ ଅଧୀନ ଭଣ୍ଡାର ହାଟସାହି ଛକରୁ ଗନ୍ଦେସାହି ଯାଏ ରାସ୍ତା ନିର୍ମାଣ ପାଇଁ ୨୦୨୫-୨୬ରେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଆଜିଯାଏ କାମ ଆରମ୍ଭ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ବର୍ଷା ଋତୁରେ ବର୍ଷା ପାଣି ରାସ୍ତାରେ ଜମି ଯାଉ ଥିବାରୁ ରାସ୍ତା ପଚପଚ ହେଉଛି। ଏ ନେଇ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଜନସାଧାରଣଙ୍କ ସମୂହ ସ୍ୱାର୍ଥ ପାଇଁ ବିଡିଓ ରେଶମା ଟେଟେ ହସ୍ତକ୍ଷେପ କରିବା ନିମନ୍ତେ ଯୁବ ସମାଜସେବୀ ଅଜୟ ବିରୁଆ ନିବେଦନ କରିଛନ୍ତି।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶୋକସଭା

 କରଞ୍ଜିଆ, ୮।୧୦ (ସମିସ): କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ ନାଗରିକ ସଂଘର ଯୁଗ୍ମ ସମ୍ପାଦକ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ କବି ଓ ଲେଖକ ରବୀନ୍ଦ୍ରନାଥ ମହାନ୍ତ (୭୩)ଙ୍କ ଗତ ୫ ତାରିଖ ହୃଦଘାତରେ ପରଲୋକ ହୋଇଥିବାରୁ ସଂଘ ଉପସଭାନେତ୍ରୀ ସବିତା ମହାନ୍ତି ସଭାପତିତ୍ୱ କରିଥିଲେ।ଙ୍କ ସଭାପତିତ୍ୱରେ ଏକ ଶୋକ ସଭା ପାଳନ କରା ଯାଇଥିଲା। ସଂଘର ଜିଲ୍ଲା ଉପ ସଭାନେତ୍ରୀ ଅନିତା ବେହେରାଙ୍କ ସମେତ ସମ୍ପାଦକ ସର୍ବେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଅଭିମନ୍ୟୁ ତ୍ରିପାଠୀ, ହରେକୃଷ୍ଣ ମହାନ୍ତ, ଯୁଗଳ କିଶୋର ପଟ୍ଟନାୟକ, ଅଚ୍ୟୁତାନନ୍ଦ ବେହେରା, ଘନଶ୍ୟାମ ବାରିକ, ମନୋରଞ୍ଜନ ସାହୁ ପ୍ରମୁଖ ସ୍ୱର୍ଗତ ମହାନ୍ତଙ୍କ ସ୍ମୃତିଚାରଣ କରିଥିଲେ।



# ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ 'ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର'

ବୈଶିଙ୍ଗା, ୮।୧୦(ସମିସ): ନୀଳମଣି ମହାବିଦ୍ୟାଳୟର ପ୍ରାକ୍ତନ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ମୋ ଭାରତ ଜାତୀୟ ସେବା ଯୋଜନା ପୁରସ୍କାର- ୨୦୨୨-୨୩ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନର ଗଣତନ୍ତ୍ର ମଣ୍ଡପରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଗତ ୬ ତାରିଖରେ ପ୍ରଦାନ କରିଛନ୍ତି। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ଜାତୀୟ ସେବା ଯୋଜନାର ଅଧିକାରୀମାନେ ଏକ ନୈଶ୍ୟ ଭୋଜିରେ ଯୋଗଦାନ କରି ସେଚ୍ଛାସେବୀଙ୍କ ସହ ଭାବ ବିନିମୟ କରିଥିଲେ। ଶ୍ରୀ ଆଚାର୍ଯ୍ୟଙ୍କ ସମାଜସେବା ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଭାବେ ୨୦୨୦-୨୧ରୁ ୨୦୨୨-୨୩ ମସିହା ପର୍ଯ୍ୟନ୍ତ ସମାଜସେବାରେ ନିଜକୁ ସାମିଲ କରି ଦୃଷ୍ଟାନ୍ତ ମୂଳକ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି। ସେ ୨୦୨୧-୨୨ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରସ୍କାର ମଧ୍ୟ ପାଇଛନ୍ତି। ବେତନଟୀ ବ୍ଲକ ଆମ୍ବଗଡ଼ିଆ ପଞ୍ଚାୟତର ଭଗବାନପୁର ଗ୍ରାମର ଚକ୍ରଧର ଆଚାର୍ଯ୍ୟ ଓ ଗୀତାଞ୍ଜଳି ଆଚାର୍ଯ୍ୟଙ୍କ ପୁତ୍ର। ସେ ହୀରାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟରେ ନିଜର ଅଧ୍ୟୟନ ଜାରି ରଖିଥିଲେ। ରାଷ୍ଟ୍ର ନିର୍ମାଣ, ରକ୍ତଦାନ, ପରିବେଶ ସୁରକ୍ଷା, ନିଶା ନିବାରଣ, ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ, ଦିବ୍ୟାଙ୍ଗ ମାନଙ୍କୁ ସାହାଯ୍ୟ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଗ୍ରାମାଞ୍ଚଳ ଲୋକଙ୍କୁ ଅବଗତ କରାଇବା, ବାହାନଗା ଟ୍ରେନ ଦୁର୍ଘଟଣାରେ ଅନନ୍ୟ ସେବା ପ୍ରଦାନ କରି ସମାଜସେବା କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି।



# କୁସଂସ୍କାର ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ

ସରସକଣା, ୮।୧୦(ସମିସ): ଯୋକା ଯୋକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନାସା ଫାଉଣ୍ଡେସନ ବାରିପଦା ପକ୍ଷରୁ ଏକ କୁସଂସ୍କାର ଅନ୍ଧବିଶ୍ୱାସ ଦୂରୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ବିଜ୍ଞାନ କେବଳ ଏକ ବିଷୟନୁହେଁ, ଏକ ଜୀବନଶୈଳୀ। ନିଜକୁ କୁସଂସ୍କାର ଅନ୍ଧବିଶ୍ୱାସରୁ ଦୂରେଇ ରଖି ସ୍ୱାଧୀନ ଚିନ୍ତା କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସମାଜସେବୀ ଅଧ୍ୟାପକ ଅଶୋକ ପୁଷ୍ଟି ଓ ଶିକ୍ଷକ ନରେନ୍ଦ୍ର ନାଥ ପରିଡ଼ା, ରେଖାରାଣୀ ଲୋହାର, ସୁଚିନ୍ତ୍ୟ କୁମାର ଶୋ, ମାଣିକ ଶୁଣ୍ଡି ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ବିଭୂତିଭୂଷଣ ପ୍ରତିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ଭାଲିଆଡାଳରେ ବନ୍ୟପ୍ରାଣୀ ସପ୍ତାହ ପାଳିତ




ମହୁଲଡିହା, ୮।୧୦(ସମିସ): ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗତ ୨ରୁ ୮ ତାରିଖ ଯାଏ ବନ୍ୟପ୍ରାଣୀ ସପ୍ତାହ ପାଳିତ ହେଉଛି। ଏହି ଅବସରରେ କରଞ୍ଜିଆ ବନଖଣ୍ଡ ସାତକୋଶିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ମହୁଲଡିହା ଫରେଷ୍ଟ ସେକ୍ସନର ଭାଲିଆଡାଳରେ ୮ ତାରିଖରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ସଚେତନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ବୋଇତାଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସଏ ଏବଂ ସମ୍ମାନିତ ଅତିଥି ଭାବେ ଆଇଟିଡିଏର ବିଏଲଇ ପ୍ରମୋଦ କୁମାର ପଲେଇ ଯୋଗ ଦେଇଥିଲେ। ସାତକୋଶିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ମହାନ୍ତ ଯୋଗଦେଇ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସଚେତନତା ଜରୁରୀ ଏବଂ ପରିବେଶ ସନ୍ତୁଳନ, ଜଙ୍ଗଲ ଜୀବ ମଧ୍ୟରେ ଭାରସାମ୍ୟ ରକ୍ଷା ପାଇଁ ବନ୍ୟପ୍ରାଣୀ ରହିବା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ବନରକ୍ଷୀ ଗଦାଧର ମହାନ୍ତ ଅତିଥି ପରିଚୟ ଦେଇଥିଲେ। ସମାଜସେବୀ ଦୁର୍ଗାଚରଣ ପୂର୍ତ୍ତି ଧନ୍ୟବାଦ ଦେଇଥିଲେ।

# ଯୋଗେଶ୍ୱର ଶିବକୁମାର ଶାସ୍ତ୍ରୀଙ୍କ ଜନ୍ମଉତ୍ସବ ପାଳିତ



କରଞ୍ଜିଆ, ୮।୧୦(ସମିସ): ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ପ୍ରତିଷ୍ଠାତା ଆଦିମୁନୀଶ୍ୱର ଯୋଗେଶ୍ୱର ଶିବକୁମାର ଶାସ୍ତ୍ରୀଙ୍କ ପବିତ୍ର ଜନ୍ମୋତ୍ସବ ଅଙ୍କୁରା ମୁନି ଆଶ୍ରମରେ ପାଳିତ ହୋଇଯାଇଛି। ପ୍ରଥମେ ଆଶ୍ରମର ଅଧ୍ୟକ୍ଷ ଯୋଗାଚାର୍ଯ୍ୟ କ୍ଷେତ୍ରମୋହନ ମୁନି ସତ୍ୟ ପତାକା ଉତ୍ତୋଳନ କରିବା ସହିତ ସଭାରେ ସଭାପତିତ୍ୱ କରିଥିଲେ। ଏଥିରେ ମୁନି ନାକୁ ବେହେରା ମୁଖ୍ୟ ଅତିଥି ଭାବେ ଏବଂ ରଘୁନାଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଦଗୁରୁ ଶିବମୁନୀଙ୍କ ମୁନିସମାଜ କେମିତି ସମାଜକୁ ଶୃଙ୍ଖଳିତ କରିବା ସହିତ ନୀରୋଗ କରୁଛି ସେ ନେଇ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଟରନିଟୀ ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ, ଯୋଗୀ ଭରତ ମୁନି, ମୁନି ଶ୍ୟାମସୁନ୍ଦର ଦାଶ, ଛୋଟରାୟ ନାଏକ, ମୁନି ଲକ୍ଷ୍ମଣ ଚରଣ ସାହୁ, ସାରମଣୀ ସାହୁ, ମଞ୍ଜୁଲତା ସାହୁ, ସୁନ୍ଦରୀ ନାଏକ, ମୁନି ଜୟରାମ ମହାନ୍ତ, ମମତା, ସାବିତ୍ରୀ, ବାସନ୍ତୀ ପ୍ରମୁଖ ଯୋଗଦେଇ ସଦଗୁରୁଙ୍କୁ ବିଶ୍ୱର ଜଣେ ମହାନ ଦାର୍ଶନିକ ଓ ଯୋଗଜନ୍ମା ମହାପୁରୁଷ ଭାବେ ବର୍ଣ୍ଣନା କରିଥିଲେ। ମାଜସେବୀ ଜୟକୃଷ୍ଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**୨୭ ବର୍ଷରେ କୁମାର ଉତ୍ସବ**

# ଗଜଲକ୍ଷ୍ମୀ ପୂଜା ପାଇଁ ଦେଉଳିଆ ମୁଖରିତ

ବଡସାହି, ୮।୧୦(ସମିସ): ପାର୍ବଣ ଋତୁରେ ଦୁର୍ଗାପୂଜା ପରେ ପୁଣି ଆରମ୍ଭ ହୋଇଛି ଲକ୍ଷ୍ମୀପୂଜା। ସେହିପରି କୁମାରଉତ୍ସବ, ଯାତ୍ରା ଓ ମେଳା ସବୁ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ସେଥିପାଇଁ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ବଡସାହି ବ୍ଲକ ଦେଉଳିଆ ପଞ୍ଚାୟତର ନବଜ୍ୟୋତି ଯୁବକ ସଂଘ ଆନୁକୂଲ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଚଳିତ ବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ଏହି ପୂଜା ଆସିଲେ ଗ୍ରାମର ସମସ୍ତ ଯୁବକ ନିଜ ନିଜ ମଧ୍ୟରେ ଥିବା ଭେଦଭାବକୁ ଭୁଲି ଏକତା ସୂତ୍ରରେ ବାନ୍ଧି ହୋଇଥାନ୍ତି। ଫଳରେ ସେହି ଏକତା, ନିଷ୍ଠା ଓ ତ୍ୟାଗ ପାଇଁ ଏହି ପୂଜା ଆଜି ୨୫ ବର୍ଷରେ ପଦାର୍ପଣ କରିଥିବାବେଳେ 'କୁମାର ଉତ୍ସବ' ଚଳିତ ବର୍ଷ ୨୭ ବର୍ଷରେ ପହଞ୍ଚିଛି। କେବଳ ପୂଜା ନୁହେଁ ପ୍ରତିବର୍ଷ କମିଟି କୁମାର ଉତ୍ସବକୁ ମଧ୍ୟ ଧୂମଧାମରେ ପାଳନ କରି ଆସିଛି। ଏପରିକି ସଂଘ ପକ୍ଷରୁ ଗ୍ରାମର କୃତୀ ଛାତ୍ର, ପ୍ରତିଭା ଓ ନବଜ୍ୟୋତି ଯୁବକ ସଂଘର ପ୍ରତିଷ୍ଠାତା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିବା ନଜିର ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ ମାଧ୍ୟମରେ ଅଞ୍ଚଳର ଲୁକାୟିତ ପ୍ରତିଭାକୁ ବିକଷିତ କରିବା ପାଇଁ ପ୍ରୟାସ କରାଯାଇ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଏହି କମିଟି ପକ୍ଷରୁ ସୋମବାର ସଂଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଗହଣରେ ଘଟଉତ୍ତୋଳନ କରାଯାଇଛି। ଏହାକୁ ପୂଜା ମଣ୍ଡପରେ ସ୍ଥାପନ କରାଯିବା ସହିତ ଆଧ୍ୟାତ୍ମିକ ପରିବେଶରେ ପୂଜାବିଧି ଅନୁଯାୟୀ ପୂଜା କାର୍ଯ୍ୟ ରାତିତମାମ ଚାଲିଛି। ମଙ୍ଗଳବାର ଭୋରୁ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଛନ୍ତି। କର୍ତ୍ତାକର୍ତ୍ତୀଭାବେ ଶିକ୍ଷକ ରାମକୃଷ୍ଣ ଜୀଉ ଓ ତାଙ୍କ ପତ୍ନୀ ନମିତା ଜୀଉ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ପୂଜକମାନେ ପୂଜାର ସମସ୍ତ ବିଧିବିଧାନ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। କୁମାର ଉତ୍ସବ ଅବସରରେ ଚଳିତ ବର୍ଷ 'ତ୍ରିସା ମ୍ୟୁଜିକାଲ ନାଇଟ୍, ବାଲେଶ୍ୱର ତାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଛି। ଏହି ଟିମରେ ଚର୍ଚ୍ଚିତ ଗାୟକ ସଞ୍ଜୀବ କୁମାର, ଅମିତ ଓ ମେଘାଙ୍କ ଡାଇଲଗ, ନାଚ ଓ ଗୀତରେ ଦର୍ଶକ ବେଶ ଝୁମିଛନ୍ତି। ସଂଘର ସଭାପତି ନିହାର ରଞ୍ଜନ ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣ ଦେଇ କଳା ଓ ସାଂସ୍କୃତିକ ମାଟି ଏହି ଗ୍ରାମରେ କ୍ଲବ ପିଲାଙ୍କ ଏକତା ଓ ଭାଇଚାରା ପାଇଁ ଏହି କୁମାର ଉତ୍ସବ ଆଜି ୨୭ ବର୍ଷରେ ପଦାର୍ପଣ କରିଛି ବୋଲି ବକ୍ତବ୍ୟ ରଖି କର୍ମକର୍ତ୍ତାମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଏତଦବାଦ ଗ୍ରାମରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର ପୂର୍ଣ୍ଣାଙ୍ଗୀକରଣ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। କ୍ଲବର ସମ୍ପାଦକ ଅନଙ୍ଗ ଭୂଷଣ ସଦୁଆଳ, ବ୍ରହ୍ମାନନ୍ଦ ସଦୁଆଳ, ରବୀନ୍ଦ୍ର ଗଜେନ୍ଦ୍ର ମହାପାତ୍ର ଓ ଗଣେଶ୍ୱର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସେହିପରି ଆମ୍ବଡାଳି, ସିଂହଟିଆ, ମାଣତ୍ରୀ, ସୁହାଗପୁର, ବଡସାହି ଓ ଶ୍ରୀରାମପୁର ଆଦି ସ୍ଥାନରେ ମଧ ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଛି।



## ଆଇନଜୀବୀ, ମୋହରୀର ଓ ଭେଣ୍ଡରଙ୍କ କଲମଛାଡ ଆନ୍ଦୋଳନ

ବାରିପଦା, ୮ ।୧୦(ସମିସ): ବ୍ରହ୍ମପୁରରେ ଆଇନଜୀବୀ ତଥା ରାଜ୍ୟ ଆଇଜୀବୀ ପରିଷଦର ନିର୍ବାଚିତ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯିବା ପ୍ରତିବାଦରେ ଏକ ଶୋକସଭା ଜିଲ୍ଲା ଓକିଲ ସଂଘ ସଭାପତି ପ୍ରବୀର କୁମାର ବସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏଭଳି ଅମାନବୀୟ ହତ୍ୟାର ପ୍ରତିବାଦରେ ବୁଧବାର ସମସ୍ତ ଆଇନଜୀବୀ, ମୋହରୀର ଓ ଭେଣ୍ଡର କଲମଛାଡ ଆନ୍ଦୋଳନ କରିଛନ୍ତି। ସଭାରେ ସଂଘର ସଭାପତି ଶ୍ରୀ ବସା, ସଂପାଦକ ବିପ୍ଳବ କୁମାର ବାରିକ, ଯୁଗ୍ମ ସଂପାଦକ ସ୍ୱରୂପ କୁମାର ମିଶ୍ର, ହିମାଂଶୁ କୁମାର ପରିଡା, କୃଷ୍ଣଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ମହାନ୍ତି ଓ ବିଭୁପ୍ରସାଦ ଦାସ ପ୍ରମୁଖ ବହୁ ଆଇନଜୀବୀ ସ୍ମୃତିଚାରଣ କରିଥିଲେ। ଏକ ସ୍ୱତନ୍ତ୍ର ତଦନ୍ତ ଟିମ ଗଠନ ପୂର୍ବକ ଘଟଣାର ଆମୁଳଚୁଳ ତଦନ୍ତ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ।

## ରଥପଡ଼ିଆ କୁମାର ଉତ୍ସବ ସମାରୋହ ଉଦ୍‌ଘାଟିତ



ବାରିପଦା, ୮ ।୧୦(ସମିସ): ଦେଉଳସାହି ରଥପଡ଼ିଆରେ କୁମାର ଉତ୍ସବ ସମିତି ପକ୍ଷରୁ ମଙ୍ଗଳବାର ୫୩ତମ ବାର୍ଷିକ ସମାରୋହ ଉଦ୍‌ଘାଟିତ ହୋଯାଇଛି। କୁମାର ଉତ୍ସବ ସମିତିର ସଭାପତି ବନ ବିହାରୀ ମତଗଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଏବଂ ରାଜ୍ୟସଭା ସାଂସଦ ମମତା ମହାନ୍ତ ବିଶେଷ ଅତିଥି ଭାବେ ଯୋଗଦେଇ ମୟୂରଭଞ୍ଜ ମାଟିର ସ୍ୱତନ୍ତ୍ରତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶ ଚନ୍ଦ୍ର ମହାନ୍ତ, ଡିଭାଇନ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ, ଚଳଚ୍ଚିତ୍ର ଅଭିନେତା ଅନୁପ ସାହା ଓ ଭଞ୍ଜସେନାର ସଭାପତି ପିଣ୍ଟୁ ମାଇତି ଉତ୍କଳୀୟ ସଂସ୍କୃତିର ସମୃଦ୍ଧି ଉପରେ ମତବ୍ୟକ୍ତ କରିଥିଲେ। ସମିତି ଅଧ୍ୟକ୍ଷ ଅସିତ ବରଣ ପତି ସ୍ୱାଗତ"ଅଭିଭାଷଣ ଓ ସାଧାରଣ ସମ୍ପାଦକ ଶିବନାରାୟଣ ରଣା ବିବରଣୀ ଉପସ୍ଥାପନ କରିଥିଲେ।

## ରାସ୍ତା ମରାମତି ପାଇଁ ସାଂସଦଙ୍କୁ ଭେଟିଲେ ଛାତ୍ରଛାତ୍ରୀ

ବାରିପଦା, ୮ ।୧୦(ସମିସ): ମୁନି ସମାଜ ଆଶ୍ରମ ତକତପୁର ଭାୟା ମହାରାଜପୁର ପୂର୍ତ୍ତ ବିଭାଗ ରାସ୍ତା କାମ ବର୍ଷେ ପୂର୍ବରୁ ଆରମ୍ଭ ହେଇଛି; କିନ୍ତୁ ମହାରାଜପୁରଠାରୁ ତକତପୁର ପର୍ଯ୍ୟନ୍ତ ଏକ କିମି ରାସ୍ତା ଏ ଯାଏ ନିର୍ମାଣ ଆରମ୍ଭ ହୋଇନାହିଁ। ଏହି ରାସ୍ତା ଲକ୍ଷ୍ମୀପୋଷି ଓ ଇନ୍ଦୁପାହି ପଞ୍ଚାୟତ ସହିତ ସଂଯୋଗ ହୋଇଥିବାରୁ ମରାମତି ପାଇଁ ବିଭିନ୍ନ ସଂଗଠନ ଦାବି କରିଆସୁଥିଲେ; ତଥାପି ଏ ଯାଏ ମରାମତି ହୋଇନାହିଁ। ରାସ୍ତା କାମ ସମ୍ପୂର୍ଣ୍ଣ ହୋଇନଥିବାରୁ ମହାରାଜପୁର ଓ ଲକ୍ଷ୍ମୀପୋଷିର ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ ମହାବିଦ୍ୟାଳୟର ବହୁ ବିଦ୍ୟାର୍ଥୀ ଛାତ୍ରାବାସରେ ରହି ପଢୁଛନ୍ତି। ସେମାନଙ୍କର କୌଣସି ଅସୁବିଧା ହେଲେ ଆମ୍ବୁଲାନ୍ସଟିଏ ବି ଯାଇପାରୁନାହିଁ। ବର୍ଷା ଦିନେ ରାସ୍ତା କଥା ନ କହିବା ଭଲ। ସାଇକଲ କି ଅଟୋ ଯିବା ମଧ୍ୟ ସମ୍ଭବ ହେଉନି। ତେଣୁ ମହାରାଜପୁରର ବାସିନ୍ଦା ଏବଂ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଛାତ୍ରଛାତ୍ରୀ ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କୁ ଭେଟି ରାସ୍ତା ମରାମତି ପାଇଁ ଆଲୋଚନା କରିଥିଲେ। ଶ୍ରୀମତୀ ମହାନ୍ତ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ସେ ଆଲୋଚନା କରିଛନ୍ତି।

## ପୋଖରୀରେ ବୁଡି ବୃଦ୍ଧାଙ୍କ ମୃତ୍ୟୁ

ବେତନଟୀ, ୮।୧୦(ସମିସ): ବେତନଟୀ ଥାନା ଅଧୀନ ମଶର୍ଦା ଗ୍ରାମର ଭାରତୀ କାଳନ୍ଦୀ (୬୦) ମାଶର୍ଦା ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଦୀର୍ଘ ସମୟ ପରେ ଘରକୁ ନ ଫେରିବାରୁ ପରବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ପୋଖରୀରୁ ଉଦ୍ଧାର କରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦେଶୀ ମଦ ଜବତ; ୫ ଗିରଫ

ବାରିପଦା/ରାଇରଙ୍ଗପୁର, ୮ ।୧୦(ମିସ): ବେଆଇନ ଦେଶୀ ମଦ କାରବାର ରୋକିବାରେ ରାଇରଙ୍ଗପୁର ଅବକାରୀ ବିଭାଗକୁ ସଫଳତା ମିଳିଛି। ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ



ଚଢ଼ଉ କରାଯାଇ ୧୦୮ ଲିଟର ଦେଶୀ ମଦ ଜବତ ହୋଇଛି। ରାଇରଙ୍ଗପୁର ଅବକାରୀ ଥାନା ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ମଦ ଜବତ କରିଛି। ଏହା ସହିତ ୫ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଗୋରୁମହିଷାଣି ଥାନା ଅନ୍ତର୍ଗତ କୁଳେଇଶିଳା ଅଞ୍ଚଳର ନୁନୁରାମ ମାଝୀ(୫୯), କୁକୁଡିମୁଣ୍ଡି ଗ୍ରାମର ସାଲଗି ମାଝୀ(୫୦), ବେଳାପୁର ଗ୍ରାମର ରାଇମଣି ନାଏକ(୪୦), ଛତରମଣ୍ଡଳ ଗ୍ରାମର ଶଙ୍କର ସୋରେନ ଓ ବିନି ସୋରେନ। ଏନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

### ନଭେମ୍ବର ୩ରୁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା

# ଏଥର ହାଇଦ୍ରାବାଦ ସଚିବାଳୟ ତୋରଣ ମୁଖ୍ୟ ଆକର୍ଷଣ

ବାରିପଦା, ୮ ।୧୦(ସମିସ):



ଆସନ୍ତା ନଭେମ୍ବର ୩ ତାରିଖରୁ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳା ଆରମ୍ଭ ହେବ। ଚଳିତ ବର୍ଷ ମା' ଜଗଦ୍ଧାତ୍ରୀଙ୍କ ୭୩ତମ ପୂଜା ଅବସରରେ ୩୧ତମ ମେଳା ମଧ୍ୟ ଅନୁଷ୍ଠିତ ହେବ। ମେଳା ଏବଂ ପୂଜା ଶାନ୍ତିଶୃଙ୍ଖଳାର ସହିତ ସମାପନ ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂଜା କମିଟି ଅଧ୍ୟକ୍ଷ ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମେଳା କମିଟି ଅଧ୍ୟକ୍ଷ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ପୂଜା ଉପାଧ୍ୟକ୍ଷ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ, ମେଳା ଉପାଧ୍ୟକ୍ଷ କଳିଙ୍ଗ କେଶରୀ ଜେନା, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ, ପୂଜା ସାଧାରଣ ସମ୍ପାଦକ ରସିକାନନ୍ଦ ମିଶ୍ର, ମେଳା ସାଧାରଣ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ପୂଜା ସମ୍ପାଦକ ପ୍ରମୋଦ ମହାନ୍ତି, ମେଳା ସମ୍ପାଦକ ରଜତ ସାହୁ, ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ଓ ସହ ସମ୍ପାଦକ ଅବିନାଶ ରଥ ଓ ସତ୍ୟବ୍ରତ ଧଳ, ଷ୍ଟଲ ସମ୍ପାଦକ ସପନ ପଣ୍ଡା, ଅଫିସ ସମ୍ପାଦକ ଦୁର୍ଯ୍ୟୋତି ଦାସ, କୋଷାଧ୍ୟକ୍ଷ ସୁବ୍ରତ ଦାସ ଏବଂ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ପୂଜା ଓ ମେଳା ସୂଚାରୁ ରୂପେ ସମ୍ପାଦନ ପାଇଁ କାର୍ଯ୍ୟ କରୁଛନ୍ତି। ପ୍ରତିବର୍ଷ ଦେଶ ବିଦେଶର ପ୍ରମୁଖ ସ୍ଥଳୀ ଆକୃତିର ତୋରଣ ଏହି ପୂଜାର ଆକର୍ଷଣ ଥିବା ବେଳେ ଚଳିତ ବର୍ଷ ହାଇଦ୍ରାବାଦ ସଚିବାଳୟ ତୋରଣ ବିଶେଷ ଆକର୍ଷଣ ସାଜିବ। ଯାହାର ନିର୍ମାଣ ଆରମ୍ଭ ହୋଇଛି। ତୋରଣ ବାବଦକୁ ପ୍ରାୟ ୨୫ଲକ୍ଷ ଓ ଆଲୋକମାଳା ପାଇଁ ଅତିରିକ୍ତ ୧୦ଲକ୍ଷ ଟଙ୍କା ଅଟକଳ ରହିଛି। ଅକ୍ଟୋବର ୩୦ ତାରିଖରେ ମା'ଙ୍କ ପୂଜା ବିଧି ପାରମ୍ପରିକ ରୀତିରେ ଆରମ୍ଭ ହେବାକୁ ଯାଉଛି। ସେହିପରି ମେଳା ନଭେମ୍ବର ୩ରୁ ଆରମ୍ଭ ହୋଇ ୧୪ତାରିଖରେ ଶେଷ ହେବ। ମେଳାରେ ଜିଲ୍ଲା, ରାଜ୍ୟ ବାହାରୁ ୩୫୦ଟି ଷ୍ଟଲ ପ୍ରଦର୍ଶିତ ହେବ। ସେହିପରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମର, ଛଉ, ଆଦିବାସୀ, ସମ୍ବଲପୁରୀ, ମେଲୋଡି, ଭଜନ ତଥା ଆଧୁନିକ ନୃତ୍ୟ ପରିବେଷଣ ହେବ। ଏଥିସହିତ ମେଳା ପୂର୍ବରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭିଡକୁ ଦୃଷ୍ଟିରେ ରଖି ସିସିଟିଭି କ୍ୟାମେରା, ଅଗ୍ନିନିର୍ବାପକ ଯନ୍ତ୍ର, ସିକ୍ୟୁରିଟି ଗାର୍ଡ ସହିତ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ନୂତନ ଜିଲ୍ଲା ସୃଷ୍ଟି ଓ ଶିମିଳିପାଳର ସୁରକ୍ଷା ପାଇଁ ଦାବିପତ୍ର



ବାରିପଦା, ୮ ।୧୦(ସମିସ): ନୂତନ ଜିଲ୍ଲା ଗଠନ ଓ ଶିମିଳିପାଳ ସୁରକ୍ଷା ପାଇଁ ଅଖଣ୍ଡ ମୟୂରଭଞ୍ଜର ୪ଟି ଉପଖଣ୍ଡ ପରିକ୍ରମା କରି ଦସ୍ତଖତ ଅଭିଯାନ ପରେ ଶିମିଳିପାଳ ପ୍ରୋଟେକ୍ସନ ଗ୍ରୁପ ସଦସ୍ୟଙ୍କ ସହିତ ଚେୟାରମ୍ୟାନ ଶିବାଜୀ ମୌଳିକ ନେତୃତ୍ୱରେ ବୁଧବାର ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରର ଏକକିତା ନକଲ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ରାଜସ୍ୱ ମନ୍ତ୍ରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନୟନ ମନ୍ତ୍ରୀ ଏବଂ ସମସ୍ତ ବିଧାୟକ ଓ ସାଂସଦଙ୍କୁ ପ୍ରଦାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ୧୯୪୭ ମସିହା ପୂର୍ବରୁ ଏକ ରାଜ୍ୟ ଥିଲା। ଦେଶ ସ୍ୱାଧୀନତା ପରେ ଗଡଜାତ ମିଶ୍ରଣ ସମୟରେ ୧୯୪୯ ମସିହାରେ ଏହି ରାଜ୍ୟକୁ ଓଡ଼ିଶା ସହିତ ମିଶ୍ରଣ ହେବା ପୂର୍ବରୁ ଭାରତ ସରକାରଙ୍କ ସହିତ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ସହିତ ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ଚୁକ୍ତି କରିଥିଲେ ମୟୂରଭଞ୍ଜବାସୀ। କିନ୍ତୁ ସାଧୀନତାର ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ସେଭଳି କିଛି ଆଖି ଦୃଶିଆ ବିକାଶ ହୋଇନାହିଁ। ଦୀର୍ଘ ୫୦ବର୍ଷ ହେବ ସୁବର୍ଣ୍ଣରେଖା ଜଳସେଚନ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଏଠାରେ କୌଣସି କଳ କାରଖାନା ନାହିଁ; ଯାହା ଥିଲା ତାହାକୁ ବିକି ଭାଙ୍ଗି ଦେଲେଣି। ତେବେ ନୂତନ ସରକାର ଗଠନ ହେବା ପରେ ମୟୂରଭଞ୍ଜର ବିକାଶ ହେବ ବୋଲି ଯେଉଁ ଆଶା ସଂଚାର ହୋଇଛି ତାହା ଶିମିଳିପାଳର ପୂର୍ବ ଭାଗ ଲୋକଙ୍କ ମନରେ ଏକ ଭ୍ରମ ସୃଷ୍ଟି କରିଛି କି ମୟୂରଭଞ୍ଜ ଦୁଇ ଭାଗ ହୋଇଯିବ। ଏହି ସବୁ ସମସ୍ୟା ଉପରେ ବୁଦ୍ଧିଜୀବିଙ୍କ ସହିତ ଆଲୋଚନା ପରେ ଯେଉଁ ନିଷ୍କର୍ସ ଆସିଛି, ଶିମିଳିପାଳର ପୂର୍ବ ଭାଗରେ ଥିବା ଦୁଇଟି ସବ୍‌ଡିଭିଜନ ଯଥା କପ୍ତିପଦା, ବାରିପଦାକୁ ନେଇ ପୂର୍ବ ମୟୂରଭଞ୍ଜ ଜିଲ୍ଲା ଓ ଶିମିଳିପାଳର ପଶ୍ଚିମ ଭାଗରେ ଥିବା ପାଞ୍ଚପୀଢ଼ ଓ ବାମନଘାଟି ସବ୍‌ଡିଭିଜନକୁ ନେଇ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ଗଠନ ହେଲେ ମୟୂରଭଞ୍ଜର ସ୍ୱାଭିମାନ ରହିବ ଓ ଅଖଣ୍ଡ ମୟୂରଭଞ୍ଜ ରହିବ। ତେବେ ଏବେ ଆଉଗୋଟିଏ ପ୍ରଶ୍ନ ରହିଛି ଯେ, ଶିମିଳିପାଳର ସୁରକ୍ଷା ପାଇଁ ଏକ ଶିମିଳିପାଳ ଡେଭେଲପମେଣ୍ଟ କାଉନସିଲ ଗଠନ କରି ଏହାର ସ୍ୱତନ୍ତ୍ର ଧ୍ୟାନ ଦେଇ ପର୍ଯ୍ୟଟନରେ ଆଗକୁ ନେବା ଓ ଅଖଣ୍ଡ ମୟୂରଭଞ୍ଜର ସହିତ ଅନେକ ବେକାର ଯୁବକ ଯୁବତୀ କର୍ମ ନିଯୁକ୍ତି ମୟୂରଭଞ୍ଜ ମିଶ୍ରଣର ଲାଭ ପାଇପାରିବେ ବୋଲି ଆଶା ଓ ବିଶ୍ୱାସ। ତେଣୁ ସରକାର ଏଥିପ୍ରତି ଧ୍ୟାନ ଦେବେ ବୋଲି ମୟୂରଭଞ୍ଜବାସୀଙ୍କ ଦୃଢ ବିଶ୍ୱାସ ରହିଛି। ଏହାକୁ ଆଧାର କରି ଶିମିଳିପାଳ ପ୍ରୋଟେକସନ ଗ୍ରୁପ (ଏସପିଜି) ର ଚେୟାରମ୍ୟାନ ଶିବାଜୀ ମୌଳିକ ଦସ୍ତଖତ ଓ ମତାମତ ଅଭିଯାନରେ ୪ଟି ସବ୍‌ଡିଭିଜନ ଭ୍ରମଣ ଶେଷ ପରେ ଉପରୋକ୍ତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି।

## ଶ୍ରୀଲଙ୍କାରେ ଓଡିଶା ପର୍ଯ୍ୟଟନ ପ୍ରଚାରରେ ୨ ଓଡିଆ ଯୁବକ

ବାରିପଦା, ୮ ।୧୦(ସମିସ): ସମଗ୍ର ଓଡିଶାକୁ ଗୌରବାନ୍ୱିତ କରିବା ଭଳି କାର୍ଯ୍ୟ କରିଛନ୍ତି ଦୁଇ ଓଡିଆ ଯୁବକ। ଭାରତ ବାହାରେ ଶ୍ରୀଲଙ୍କାର ବିଭିନ୍ନ ସ୍ଥାନରେ ଓଡିଶା ପର୍ଯ୍ୟଟନର ପ୍ରଚାର ପ୍ରସାର କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଓଡିଶା ବୁଲିଆସିବା ନିମନ୍ତେ ସପ୍ତାହ ବ୍ୟାପୀ ପ୍ରଚାର ପ୍ରସାର ଚଳାଇଛନ୍ତି ଦୁଇ ଓଡିଆ ଯୁବକ କୁମାରେଶ ନାୟକ ଓ ନିହାର ରଞ୍ଜନ ନନ୍ଦ। ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହରର ଏହି ଯୁବକ ଦ୍ୱୟ ଶ୍ରୀଲଙ୍କା ବୁଲିଯିବା ସହ ସେଠାରେ ସପ୍ତାହ ବ୍ୟାପୀ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ, ଗଲ୍, ମିରିସା, ମଟାରା, ୱେଲାୱାୟା, ଏଲା, ନାନୁୱାୟା, ନୁଆରା ଏଲିୟା, ବୁଦ୍ଧଦେବଙ୍କ




ଦାନ୍ତର ଅବଶେଷ ରହିଥିବା ଐତିହାସିକ ସହର କେଣ୍ଡି, ଡମ୍ବୁଲା, ରାବଣ ରାଜ୍ୟର ଅବଶେଷ ରହିଥିବା ସହର ସିଗିରିଆ, ଲାୟନ୍ସ ରକ୍ ଆଦି ଅଞ୍ଚଳରେ ଓଡିଶା ପର୍ଯ୍ୟଟନର ବ୍ୟାନର ଧରି ପ୍ରଚାର କରିବା ସହ ସିଂହଳୀ ବ୍ୟତୀତ ସ୍ୱିଜରଲ୍ୟାଣ୍ଡ, ଦକ୍ଷିଣକୋରିଆ, ନ୍ୟୁଜିଲାଣ୍ଡ, ରୁଷ୍, ଜାପାନ, ଇଂଲଣ୍ଡ ଆଦି ଦେଶର ପର୍ଯ୍ୟଟକଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀଲଙ୍କାକୁ କଳିଙ୍ଗ ରାଜ୍ୟ ପ୍ରଦାନ କରିଥିବା ବୁଦ୍ଧଦେବଙ୍କ ଦାନ୍ତର ଅବଶେଷ, ଓଡିଶାରେ ରହିଥିବା ଶତାଧିକ ବୌଦ୍ଧ ଭଗ୍ନାବଶେଷ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର, ରଥଯାତ୍ରା, ଏସିଆର ସବୁଠାରୁ ବଡ ଲବଣାକ୍ତ ହ୍ରଦ ଚିଲିକା, ଶିମିଳିପାଳ ଜୈବମଣ୍ଡଳରେ ରହିଥିବା ଶତାଧିକ ଜଳପ୍ରପାତ, ବିରଳତମ ମେଲାନିଷ୍ଟିକ ବାଘ, ବରେହିପାଣି ଜଳପ୍ରପାତ ଓ ଅନ୍ୟାନ୍ୟ ସ୍ଥାନ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଜନ୍ମମାଟି ଓଡିଶା ତଥା ମୟୂରଭଞ୍ଜ ବୁଲିଆସିବା ପାଇଁ ନିମନ୍ତ୍ରଣ କରିଛନ୍ତି। ଏହି ଦୁଇଜଣଙ୍କୁ ଦେଖି ବିଭିନ୍ନ ଦେଶର ପର୍ଯ୍ୟଟକ ଉତ୍ସାହିତ କରିଥିଲେ। ପୂର୍ବରୁ ମଧ୍ୟ ଏହି ଦୁଇଜଣ ଭାରତର ବିଭିନ୍ନ ରାଜ୍ୟରେ ଓଡିଶା ଓ ମୟୂରଭଞ୍ଜ ପର୍ଯ୍ୟଟନକୁ ଦୀର୍ଘ ବର୍ଷ ଧରି ପ୍ରଚାର କରିଛନ୍ତି। ଓଡିଶାକୁ ବିଦେଶୀ ମାଟିରେ ଗୌରବାନ୍ୱିତ କରିଥିବା କୁମାରେଶ୍ ନାୟକ ଓ ନିହାର ରଞ୍ଜନ ନନ୍ଦ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

## ଡିଇଓ କାର୍ଯ୍ୟାଳୟରେ ପେନସନ ମେଳା; ୬ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାରିପଦା, ୮ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ




ସେପ୍ଟେମ୍ବର ମାସରେ ଅବସର ଗ୍ରହଣ କରିଥିବା ୬ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାସ୍ତରୀୟ ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଂଜନ ଆଚାର୍ଯ୍ୟ, ଖୁଣ୍ଟା ଗୋଷ୍ଠୀ ଶିକ୍ଷା ଅଧିକାରୀ ମନମୋହନ ହେମ୍ବ୍ରମ, ସେକ୍ସନ ଅଫିସର ସୁଦିପ୍ତ କୁମାର ମୌଳିକ୍, ବରିଷ୍ଠ ସହାୟକ ଶକୁନ୍ତଳା ସେଠୀ ଓ କନିଷ୍ଠ ସହାୟକ ପିନାକୀ ବେରା, କ୍ଷେତ୍ର ମୋହନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀ ଅବସର ଗ୍ରହଣ କରୁଥିବା ସମସ୍ତଙ୍କୁ ସମସ୍ତ କାଗଜପତ୍ର ସହ ଉତ୍ତରୀୟ ପ୍ରଦାନ କରିବା ସହିତ ସେମାନଙ୍କର ଉତ୍ତରୀୟ ଉନ୍ନତି କାମନା କରିଥିଲେ। ବହଳଦା ବ୍ଲକର ଜାରିତାଣ୍ଡି ହାଇ ସ୍କୁଲର ପ୍ରଧାନ ଶିକ୍ଷକ ରାଜକିଶୋର ମହାନ୍ତ, ତିରିଂ ବ୍ଲକର ବଡଭୁଣ୍ଟୁ ଯୁଜି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ବସା, କରଞ୍ଜିଆ ବ୍ଲକର କେରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାନୁମତି ମହାନ୍ତ, ବିଶୋଇ ବ୍ଲକର ବିଏସଆଇ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିନୋଦ କୁମାର ମହାନ୍ତ, ଠାକୁରମୁଣ୍ଡା ବ୍ଲକର ଏସ.ସି ହାଇସ୍କୁଲର ଶିକ୍ଷକ ଅଞ୍ଜନ କୁମାର ପଲେଇ, ଶୂଳିଆପଦା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ମାଝିଆଣି ତୋଫାର, ଚତୁର୍ଥ ଶ୍ରେଣୀ କର୍ମଚାରୀ ସୁରେଶ ଚନ୍ଦ୍ର ଭଞ୍ଜଙ୍କର ସମସ୍ତ ପେନସନ କାଗଜପତ୍ର ପ୍ରଦାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଡକ୍ଟର ଶଶିଧର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଓ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରାକ୍ ପ୍ରାଥମିକ ଶିକ୍ଷା ଅସୁରକ୍ଷିତ; ସମନ୍ୱିତ ମହିଳା ଓ ଶିଶୁବିକାଶ ଯୋଜନା ବାଟବଣା

# ୧୧୭୩ଟି ଅଙ୍ଗନବାଡ଼ି କେନ୍ଦ୍ରର ନାହିଁ ନିଜସ୍ୱ ଗୃହ

ବାରିପଦା, ୮ ।୧୦(ସମିସ):



ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଏକ ମାତ୍ର ବିକଳ୍ପ ଅଙ୍ଗନବାଡି କେନ୍ଦ୍ର। ଏଥିସହିତ ନବଜାତକ, କିଶୋରୀ ବାଳିକା, ପ୍ରସୂତୀ ଓ ଗର୍ଭବତୀ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ, ପୃଷ୍ଟିକର ଖାଦ୍ୟ ବଣ୍ଟନ ଆଦି ସମନ୍ୱିତ ମହିଳା ଓ ଶିଶୁବିକାଶ ଯୋଜନା ସମ୍ପାଦନ ପାଇଁ ସରକାର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଏଥିପାଇଁ ଗାଁ ଗାଁରେ ଖୋଲିଛି ଅଙ୍ଗନବାଡ଼ି। ମାତ୍ର ୧୧୭୩ଟି

**ଭଡାଘରେ ୩୨୦, ସ୍କୁଲରେ ୨୦୪ ଓ ଗୋଷ୍ଠୀ କେନ୍ଦ୍ରରେ ଚାଲୁଛି ୬୪୮ କେନ୍ଦ୍ର**

ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ଏବଂ ଭିତ୍ତିଭୂମି ନଥିବାରୁ ଏହି ଯୋଜନା ବାଟବଣା ହୋଇଛି। ତଥ୍ୟ ଅନୁସାରେ, ମୟୂରଭଞ୍ଜ ଜିଲ୍ଲାରେ ୫ହଜାର ୧୫୩ଟି ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ କରୁଛି। ତନ୍ମଧ୍ୟରୁ ୩୯୮୦ଟି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ସ୍ଥାୟୀ ଗୃହ ଓ ଭିତ୍ତିଭୂମି ରହିଥିବାବେଳେ ୩୨୦ଟି କେନ୍ଦ୍ରର ଭଡା ଘରେ ଚାଲିଛି। ସେହିପରି ୬୪୮ଟି ଗୋଷ୍ଠୀ କେନ୍ଦ୍ର ଓ ୨୦୪ଟି ସ୍କୁଲ ଗୃହରେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛି। ବାରମ୍ବାର ପ୍ରସଙ୍ଗ ଉପସ୍ଥାପନ ସତ୍ତ୍ୱେ ନୂତନ ଅଙ୍ଗନବାଡି କେନ୍ଦ୍ର ନିର୍ମାଣରେ ମନ୍ଥରତା ସମସ୍ୟାକୁ ଦ୍ୱିଗୁଣିତ କରିଛି। ଏ ନେଇ ପ୍ରତି ମାସରେ ବିଡିଓମାନଙ୍କୁ ଜିଲ୍ଲାପାଳ ତାଗିଦ୍ କରୁଥିବାବେଳେ ସମସ୍ୟାର ସମାଧାନ ହେଉନାହିଁ। ସରକାରୀ ବାବୁମାନେ ସବୁ ଜାଣି ଚୁପ୍ ବସିଥିବା ବେଳେ ଅଙ୍ଗନବାଡ଼ି ଦିଦିମାନେ ହାତ ଟେକି ଦେଲେଣି। ଯେଉଁଥିପାଇଁ ବହୁ କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଆଉ କିଛି କେନ୍ଦ୍ରକୁ ପିଲା ଆସୁନାହାନ୍ତି। ଆଉ ଯେଉଁଠିକୁ ପିଲା ଆସୁଛନ୍ତି। ସେଠାରେ ଖୋଲା ଆକାଶ ତଳେ ଖରାବର୍ଷାରେ ତିନି ଘଣ୍ଟା ବିତାଇ ଘରକୁ ଫେରୁଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲା ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ଓମ୍ବାଡସି ପକ୍ଷରୁ କରାଯାଉଛି। ମାତ୍ର ନିର୍ମାଣ ପାଇଁ ଦିଆଯାଉଥିବା ପ୍ରସ୍ତାବ ତୁଳନାରେ ପ୍ରତି ବର୍ଷ ପୁରୁଣା କେନ୍ଦ୍ରର ଗୃହଗୁଡିକର ବିପଦସଙ୍କୁଳ ସଂଖ୍ୟା ଅଧିକ ହେଉଛି। ଏଣୁ ନିର୍ମାଣ ତୁଳନାରେ ଆବଶ୍ୟକ ଗୃହ ଅଭାବ ପଡୁଛି। ପାଖାପାଖି ୭୨୩ଟି ନୂଆ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କରାଯିବାକୁ ଯୋଜନା ହୋଇଥିବାବେଳେ କିଛ ଶେଷ ହୋଇଛି ଏବଂ କିଛି ନିର୍ମାଣ ଚାଲିଛି। ଫଳରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇଛି। ପାଠପଢା, ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ, ଖେଳକୁଦ, ଉପକାରୀ ବଗିଚା ଯୋଜନା ପ୍ରଭାବିତ ହେଉଛି। ପ୍ରକାଶ ଥାଉକି, ଜିଲ୍ଲାରେ ମୋଟ ୨ଲକ୍ଷ ୪୫ ହଜାର ୪୪୧ ହିତାଧିକାରୀ ରହିଥିବାବେଳେ ୧୨ହଜାର ୭୬୪ ଜଣ ସ୍ତନ୍ୟପାୟୀ ମା', ୧୭ ହଜାର ୩୯୨ ହଜାର ଗର୍ଭବତୀ, ୬ ମାସରୁ କମ୍ ୧୨ହଜାର ୪୫୨ ଜଣ ଶିଶୁ, ୬ ମାସରୁ ୬ବର୍ଷରୁ ଯାଏ ୮୯ ହଜାର ୨୦୧ ଜଣ ଶିଶୁ, ୩ରୁ ୬ମାସ ଯାଏ ୧ଲକ୍ଷ ୧୩ ହଜାର ୬୩୨ ଜଣ ରହିଛନ୍ତି। ଏନେଇ ଭାରପ୍ରାପ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତିଙ୍କୁ ପଚାରିବାରୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସବୁ କାର୍ଯ୍ୟ ହାତକୁ ନିଆଯାଉଛି। ଅଙ୍ଗନବାଡି କେନ୍ଦ୍ର ନିର୍ମାଣ କାର୍ଯ୍ୟ ସହରାଞ୍ଚଳର ପୌର ଅଧିକାରୀ ଓ ଗ୍ରାମାଞ୍ଚଳରେ ବ୍ଲକ ପ୍ରଶାସନ ହାତକୁ ନେଇଛି। ମାତ୍ର ବିଭିନ୍ନ କାରଣ ପାଇଁ ଏବେ ବି ନିଜସ୍ୱ ଗୃହରେ କେନ୍ଦ୍ର କାର୍ଯ୍ୟ କରିପାରୁନି ବୋଲି କହିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

**ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US"—> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି। ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।

-ଟି. ରୁଜଭେଲ୍ଟ

## ଆସ୍ଥାର ସ୍ଖଳନ

ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇଙ୍କ ଉପରକୁ ଜନୈକ ଆଇନଜୀବୀଙ୍କ ଜୋତା ଫିଙ୍ଗିବା ଭଳି ହୀନ ଉଦ୍ୟମ ସମଗ୍ର ଦେଶକୁ ସ୍ତବ୍ଧ ଓ ଚକିତ କରିଛି। ନ୍ୟାୟର ମନ୍ଦିର ରୂପେ ସ୍ୱୀକୃତ ନ୍ୟାୟାଳୟରେ ନ୍ୟାୟମୂର୍ତ୍ତିଙ୍କ ପ୍ରତି ଏଭଳି ଅଭାବନୀୟ ଓ ଆକସ୍ମିକ ଘଟଣା ଏକପକ୍ଷରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ଓ ଧୈର୍ଯ୍ୟର ସ୍ଖଳନର ପ୍ରତିଫଳନକୁ ସୂଚିତ କରୁଥିବା ବେଳେ ଅପରପକ୍ଷରେ ଘଟଣାକୁ ଜାତିବାଦ ଓ ଧର୍ମ ସହିତ ଯୋଡ଼ିବାର ଉପକ୍ରମ ମଧ୍ୟ ଆରମ୍ଭ ହୋଇସାରିଛି। ଦଳମତ ନିର୍ବିଶେଷରେ ତୁଙ୍ଗ ନେତୃବୃନ୍ଦ ଏହି ଘଟଣାକୁ ନିନ୍ଦା କରିବା ପରେ ଆପାତତଃ ଘଟଣାର ରାଜନୀତିକରଣ ଆଶଙ୍କା ଦୂର ହୋଇଛି।

ରାକେଶ କିଶୋର ନାମକ ସମ୍ପୃକ୍ତ ଆଇନଜୀବୀଙ୍କ ଏତାଦୃଶ ଅଶୋଭନୀୟ ଆଚରଣକୁ ଯେ ତାଙ୍କର ଧର୍ମୀୟ ଭାବନା ଓ ଅସହିଷ୍ଣୁତା ପ୍ରରୋଚିତ କରିଛି ତାହା ଖୋଦ୍ ତାଙ୍କ ଉଚ୍ଚାରଣରୁ ପ୍ରମାଣିତ ହୋଇଛି। ଘଟଣାର ପୃଷ୍ଠଭୂମି ମଧ୍ୟପ୍ରଦେଶର ଖଜୁରାହୋ ବିଷ୍ଣୁମୂର୍ତ୍ତି ପୁନରୁଦ୍ଧାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲା ସହିତ ଜଡ଼ିତ। ଗତ ମାସରେ ମାମଲାର ଶୁଣାଣି ସମୟରେ ପ୍ରଧାନବିଚାରପତି ଏହାକୁ 'ପ୍ରଚାର ସର୍ବସ୍ୱ ମାମଲା' ଭାବେ ଅଭିହିତ କରି ଘଟଣାର ସମାଧାନ ପାଇଁ ବିଷ୍ଣୁ ଭଗବାନ୍‌ଙ୍କୁ ଫେରାଦ ହେବାକୁ ମାମଲା ଦାୟର କରିଥିବା ଆଇନଜୀବୀ ରାକେଶ କିଶୋରଙ୍କୁ କହିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ କିଛି ସପ୍ତାହ ପରେ ରାକେଶ ଏଭଳି କାଣ୍ଡ ଭିଆଇଥିଲେ ବୋଲି କୁହାଯାଉଛି। ଏତାଦୃଶ କାର୍ଯ୍ୟକଳାପ ପରେ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ରାକେଶଙ୍କ ମନ୍ତବ୍ୟ ଥିଲା - 'ସନାତନ ଧର୍ମର ଅପମାନକୁ ଭାରତ ବରଦାସ୍ତ କରିବ ନାହିଁ।' ତେଣୁ ସ୍ୱାଭାବିକ ଭାବରେ ଘଟଣାକୁ ଜାତିବାଦର ରଙ୍ଗ ଦେବାକୁ ଉଦ୍ୟମ ହେଉଛି ଏବଂ ଏକଲବ୍ୟଙ୍କଠାରୁ ଆରମ୍ଭ କରି ଆମ୍ବେଦକର ଓ ଗଭାଇଙ୍କୁ ନେଇ ସମାଜତନ୍ତ୍ରର ଏକ ସଂଯୋଗସୂତ୍ରୀ ପରିକଳ୍ପନା ମଧ୍ୟ ଆରମ୍ଭ ହୋଇଛି।

ଘଟଣା ପରେ ପ୍ରଧାନ ନ୍ୟାୟମୂର୍ତ୍ତି ବି ଆର ଗଭାଇ ଦଣ୍ଡିବା ଶକ୍ତି ଥାଇ ମଧ୍ୟ କ୍ଷମା ଆଚରଣ କରି ରାକେଶଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଭିତରେ କିନ୍ତୁ ଯେଉଁ ପ୍ରଶ୍ନ ଚିହ୍ନଟିଏ ସୃଷ୍ଟି ହୋଇସାରିଛି ତାହା ଅତି ସମ୍ବେଦନଶୀଳ ଓ ଚିନ୍ତା ଉଦ୍ରେକକାରୀ। ଏତାଦୃଶ ଆଚରଣ ବ୍ୟବସ୍ଥା ପ୍ରତି ଆସ୍ଥାର ସ୍ଖଳନକୁ ସୂଚିତ କରୁଛି, ଯାହାର ସୁଦୂରପ୍ରସାରୀ କୁପ୍ରଭାବ ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ତେଣୁ ଏହି ଅବାଞ୍ଛିତ ଅଧ୍ୟାୟର ପୁନରାବୃତ୍ତି ଯେପରି ନ ଘଟେ ସେଥିପ୍ରତି ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଯତ୍ନବାନ ହେବା ବିଧେୟ। ଆଇନଜୀବୀଙ୍କ ଆଚରଣ ନିନ୍ଦନୀୟ, ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ସର୍ବୋପରି ସମ୍ବିଧାନ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଆସୀନ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିତ୍ୱମାନେ ମନ୍ତବ୍ୟ/ରାୟ ଦେବା ବେଳେ ନିଜ ପଦମର୍ଯ୍ୟାଦା, ଅନୁଷ୍ଠାନର ଗରିମା, ସାମ୍ବିଧାନିକ ମୂଲ୍ୟବୋଧ ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ସର୍ବଦୌ ଯତ୍ନଶୀଳ ହେବା ଆବଶ୍ୟକ। ବିଶେଷକରି ଜାତି-ଧର୍ମ-ସମ୍ପ୍ରଦାୟ ସହିତ ଜଡ଼ିତ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ବ୍ୟକ୍ତିଗତ ଭାବନା, ଭାବନା ଓ ଆଦର୍ଶରୁ ଉର୍ଦ୍ଧ୍ୱରେ ରହିଲେ ସମ୍ବିଧାନ ଓ ଆଇନର ଶାସନ ସୁସଂହତ ହେବ।

## ଐତିହ୍ୟର ଘରୋଇକରଣ!

ରୁଗ୍ଣ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ଅନୁକ୍ରମରେ ଦେଶର ଐତିହ୍ୟ ଓ ସ୍ମାରକୀଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି। ଯଦି ଏହା ବାସ୍ତବ ରୂପ ନିଏ ତେବେ ଭାରତୀୟ ଅନନ୍ୟ ସଂସ୍କୃତି ଓ ଗୌରବାବହ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକ ବଜାର ଅର୍ଥନୀତିର ଏକ ଅଂଶ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ରାଷ୍ଟ୍ରର ଏକ ଅଲିଖିତ ଓ ଅପରିହାର୍ଯ୍ୟ ଦାୟିତ୍ୱବୋଧ ରହିଛି। ଅଥଚ ଅର୍ଥ ଓ ମାନବ ସମ୍ବଳ ଅଭାବ ଆଳରେ ସରକାରଙ୍କ ଦାୟିତ୍ୱମୁକ୍ତ ଉଦ୍ୟମ ଅବାଞ୍ଛନୀୟ।

ସମ୍ପ୍ରତି ଦେଶର ପ୍ରାୟ ୩, ୭୦୦ ପ୍ରାଚୀନ କୀର୍ତ୍ତିରାଜି, ସ୍ମାରକୀ ଓ ଐତିହ୍ୟର ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ହାତରେ ନ୍ୟସ୍ତ ଅଛି। ଅପରପକ୍ଷରେ ଏଏସ୍‌ଆଇ ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହିଁ। ଦାୟିତ୍ୱହୀନତା କାରଣରୁ ଦିନକୁ ଦିନ ନିରୁଦ୍ଦିଷ୍ଟ ଐତିହ୍ୟରାଜିର ତାଲିକା ବଢ଼ିବାରେ ଲାଗିଛି। ଏହି ପୃଷ୍ଠଭୂମିରେ ଏଏସ୍‌ଆଇର ପରିଚାଳନାଗତ ଦକ୍ଷତା ବୃଦ୍ଧି ଦିଗରେ ଦୃଷ୍ଟି ନ ଦେଇ ଐତିହ୍ୟସମୂହର ଘରୋଇକରଣ ଯୋଜନା କେତେ ଠିକ୍ ତାହା ବିଚାରଯୋଗ୍ୟ। ପ୍ରସ୍ତାବିତ ଯୋଜନା ଅନୁଯାୟୀ କେତେକ ବଛା ବଛା ସ୍ଥପତିଙ୍କୁ ନେଇ ଏକ କମିଟି ଗଠନ କରାଯିବ। ତା'ସହିତ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥାଙ୍କୁ ମଧ୍ୟ ନିବେଶ ପାଇଁ ଅନୁରୋଧ କରାଯିବ। କେଉଁ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ଘରୋଇ ସଂସ୍ଥାଙ୍କୁ ଦିଆଯିବ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥାଙ୍କୁ କେଉଁ ବଦାନ୍ୟ ବ୍ୟକ୍ତି/ସଂସ୍ଥା ପାଣ୍ଠି ଯୋଗାଇ ଦେବେ ତାହା ଉକ୍ତ ସ୍ଥପତି କମିଟି ସୁପାରିସ କରିବ ଏବଂ ବିହିତ ପରାମର୍ଶ ଦେବ। ଟେଣ୍ଡର ଜରିଆରେ ଘରୋଇ ସଂସ୍ଥାଙ୍କୁ ମନୋନୀତ କରାଯିବ। ଯେଉଁ ସଂସ୍ଥାମାନେ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବେ ସେମାନେ ସିଧାସଳଖ ସେମାନଙ୍କ ପସନ୍ଦ ମୁତାବକ ରକ୍ଷଣାବେକ୍ଷଣ ବିଶେଷଜ୍ଞ ଚୟନ କରିପାରିବେ ଏବଂ ସେଠାରେ ସେମାନେ ନିଜକୁ ବିଜ୍ଞାପିତ କରିପାରିବେ। ଐତିହ୍ୟର ରକ୍ଷଣାବେକ୍ଷଣ/ମରାମତିରେ ଖର୍ଚ୍ଚ ରାଶିକୁ ଶତପ୍ରତିଶତ ଟିକସ ରିହାତି ମିଳିବ ଏବଂ ଏବାବଦ ଖର୍ଚ୍ଚ ସେମାନଙ୍କ ସିଏସ୍‌ଆର(କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି) ଅଧୀନକୁ ଆସିଯିବ।

ଅତୀତରେ ଦିଲ୍ଲୀର ଐତିହାସିକ ଲାଲ କିଲ୍ଲା ସମେତ କେତେକ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥାଙ୍କୁ ଦିଆଯିବା ପରେ ବିବାଦ ଉଠିଥିଲା ଏବଂ ଉକ୍ତ ପ୍ରୟାସ ତା'ର ମହତ୍ ଲକ୍ଷ୍ୟ ହରାଇଥିବା ଅଭିଯୋଗ ହୋଇଥିଲା। ବୋଧହୁଏ ସରକାର ଅଭିଜ୍ଞତାରୁ କିଛି ଶିଖିଲେ ନାହିଁ। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷାରେ ଶିଳ୍ପ ସଂସ୍ଥାଙ୍କୁ ଅଂଶୀଦାର କରିବାର ପ୍ରୟାସ ସ୍ୱାଗତଯୋଗ୍ୟ; କିନ୍ତୁ ଏହାର ଫଳଫଳ ଯେ ଐତିହ୍ୟର ବ୍ୟବସାୟୀକରଣ ଓ ବାହ୍ୟ ଶକ୍ତିର ଶ୍ୟେନ ଦୃଷ୍ଟିର ଶିକାରରେ ଅନ୍ତ ନ ହେବ ସେହି ନିଶ୍ଚିତତା କିଏ କରିବ?

## ବିକଶିତ ଗ୍ରାମପଞ୍ଚାୟତରେ ମହିଳାଙ୍କ ଭାଗିଦାରୀ

**ଦୋଳଗୋବିନ୍ଦ ପଣ୍ଡା**

ଗୋଟିଏ ବିକଶିତ ରାଜ୍ୟ କହିଲେ ଆମେ ଉତ୍ତମ ପ୍ରାକୃତିକ ଓ ସାମାଜିକ ପରିବେଶ, ଶାନ୍ତି, ମୈତ୍ରୀ ଓ ପ୍ରଗତି ସ୍ୱରୂପ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବିଷୟରେ ପରିକଳ୍ପନା କରିଥାଉ। ଜାତିସଂଘ ଦ୍ୱାରା ସ୍ଥିରୀକୃତ ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ହାସଲ କରିବାକୁ ବିଶ୍ୱର ରାଷ୍ଟ୍ରଗୁଡ଼ିକ ସଂକଳ୍ପ ନେଇଛନ୍ତି। ଆମ ରାଜ୍ୟ ମଧ୍ୟ ନିରନ୍ତର ବିକାଶ ହାସଲ କରିବା ନିମନ୍ତେ ସଫଳ ପ୍ରୟାସର ସୂଚନା ଦେଇ ଆସିଛି। ନିତି ଆୟୋଗଙ୍କ ୨୦୨୩ ରିପୋର୍ଟ ଅନୁସାରେ ବହୁମୁଖୀ ଦାରିଦ୍ର୍ୟ ଦୂର କରିବାରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛି। କିନ୍ତୁ ନିରନ୍ତର ବିକାଶ ଲକ୍ଷ୍ୟ କେବଳ ଦାରିଦ୍ର୍ୟ ଦୂର କରିବାରେ ସୀମିତ ନୁହେଁ। ତେଣୁ ନିରନ୍ତର ବିକାଶ ଲକ୍ଷ୍ୟକୁ ବିକେନ୍ଦ୍ରୀକରଣ କରି ଆଞ୍ଚଳିକ ସ୍ତରରେ ଏହାକୁ ହାସଲ କରିବା ପାଇଁ ଭାରତ ସରକାର ୧୭ ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ୯ ଟି ବର୍ଗର ଶ୍ରେଣୀଭୁକ୍ତ କରିଛନ୍ତି। ଏହି ବର୍ଗଗୁଡ଼ିକ ହେଲା ଉନ୍ନତ ଜୀବିକା ଓ ଦାରିଦ୍ର୍ୟ ମୁକ୍ତ ଗ୍ରାମ, ଶିଶୁପ୍ରିୟ ଗ୍ରାମ ପଞ୍ଚାୟତ, ଜଳସମୃଦ୍ଧ ଗ୍ରାମ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ, ସାମାଜିକ ରୂପେ ସୁରକ୍ଷିତ ଗ୍ରାମ, ଭିତ୍ତିଭୂମି ଆତ୍ମନିର୍ଭରଶୀଳ ଗ୍ରାମ, ସୁଶାସନ ଗ୍ରାମ, ଲିଙ୍ଗଗତ ସମାନତା ଭିତ୍ତିକ ବିକାଶ କରୁଥିବା ବା ମହିଳା ହିତୈଷୀ ଗ୍ରାମ ପଞ୍ଚାୟତ।

ମହିଳାମାନଙ୍କର ଆବଶ୍ୟକୀୟ ପ୍ରଗତି ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା ତଥା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପଦକ୍ଷେପ ନିଆଯାଇଛି। ଆମ ରାଜ୍ୟରେ ଗ୍ରାମପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି। ମହିଳାମାନେ ଅସଂରକ୍ଷିତ ଆସନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ଯେଉଁଠି ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ନୁହେଁ ବା ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇନାହାନ୍ତି; ସେଇ ପଞ୍ଚାୟତରେ ନାଏବ୍ ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆ ବର୍ଗ ପାଇଁ ସଂରକ୍ଷିତ ଆସନଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ଆସନ ସେଇ ବର୍ଗର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ଫଳସ୍ୱରୂପ ବର୍ତ୍ତମାନ ଆମ ଓଡ଼ିଶାରେ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ମହିଳା ଅଧ୍ୟକ୍ଷା ଥିବା ବେଳେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦରେ ୬୭ ପ୍ରତିଶତ ଏବଂ ସରପଞ୍ଚ ପଦବୀରେ ୫୬ ପ୍ରତିଶତ ମହିଳା ଅଛନ୍ତି।

ସମାଜରେ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଏବଂ ମହିଳାମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଯୋଗଦାନକୁ ବ୍ୟାପକ କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ମହିଳା ସଭା ଆୟୋଜନ ପାଇଁ ଆଇନ ପ୍ରଣୟନ କରାଯାଇଛି। ଗ୍ରାମ ପଞ୍ଚାୟତରେ ଥିବା ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଭୋଟରଙ୍କୁ ନେଇ ମହିଳା ସଭା ଆୟୋଜନ କରାଯାଏ। ମହିଳା ସଭା ବୈଠକରେ ୨୦ ପ୍ରତିଶତ ଅଧିକ ମହିଳା ଭୋଟର ଅଂଶଗ୍ରହଣ କରିବା ବାଞ୍ଛନୀୟ। ମହିଳା ସଭାରେ ମହିଳାମାନଙ୍କ ପ୍ରଗତି ନିମନ୍ତେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧିତ୍ୱ ଅଛି। ଗୋଟିଏ ଆର୍ଥିକ ବର୍ଷରେ ୪ଟି ମହିଳା ସଭା ଆୟୋଜନର ବ୍ୟବସ୍ଥା ଅଛି। ପ୍ରଥମ ମହିଳା ସଭାର ବିଷୟବସ୍ତୁ ହେଉଛି ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା। ଦ୍ୱିତୀୟ ମହିଳା ସଭାର ବିଷୟ ହେଉଛି ଶିକ୍ଷା ଓ ଜୀବିକାର ବିକାଶ। ତୃତୀୟ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ସ୍ଥାନୀୟ ସରକାରରେ ଅଂଶଗ୍ରହଣ ଓ ଲିଙ୍ଗଗତ ସମାନତା। ଚତୁର୍ଥ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ସାମାଜିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ମହିଳାମାନଙ୍କ ଜୀବନ ଦକ୍ଷତା, ଯାହା ବ୍ୟକ୍ତିଗତ ବିକାଶ, ଶିକ୍ଷା, କର୍ମକ୍ଷେତ୍ରରେ ପ୍ରଗତି ଇତ୍ୟାଦି ଉପରେ ଆଧାରିତ।

ମହିଳା ହିତାଧିକାରୀମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗ ତରଫରୁ ଆଉ ଦୁଇଟି ପ୍ରମୁଖ ଯୋଜନା ଆମର ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ଯୋଜନାରେ ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇପାରିଛନ୍ତି। ପ୍ରତି ହିତାଧିକାରୀଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦,୦୦୦ ଟଙ୍କା ହେବାର ବ୍ୟବସ୍ଥା ଅଛି। ସୁଭଦ୍ରା ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଆର୍ଥିକ ସହାୟତା ପ୍ରଦାନ କରି ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା, ଉଦ୍ୟମିତା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା।

ସେହିପରି ମିଶନ ଶକ୍ତି ବିଭାଗରୁ ମହିଳାମାନଙ୍କ ଜୀବିକା ସାଧନକୁ ପ୍ରୋତ୍ସାହନ ନିମନ୍ତେ ଲକ୍ଷପତି ଦିଦି ସହାୟିକା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ସ୍ୱୟଂ ସହାୟତା ଦଳରେ ସାମିଲ ଥିବା ମହିଳାମାନଙ୍କୁ କୃଷି, ଅଣକୃଷି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରିବା ନିମନ୍ତେ ପ୍ରଶିକ୍ଷଣ, ବୈଷୟିକ ସହାୟତା ଓ ବ୍ୟାଙ୍କ ମାଧ୍ୟମରେ ଋଣ ସହାୟତା ପ୍ରଦାନ କରାଯାଉଛି। ଚଳିତ ବର୍ଷ ଜୁନ ୧୮ ତାରିଖ ସୁଦ୍ଧା ୧୬.୬ ଲକ୍ଷ ଲକ୍ଷପତି ଦିଦିଙ୍କୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ମଧ୍ୟରୁ ଅନେକ ସୁଭଦ୍ରା ହିତାଧିକାରୀ ହୋଇଥିବାରୁ ସେମାନଙ୍କୁ ଜୀବିକା ସାଧନ, ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ଇତ୍ୟାଦି କାମରେ ସହାୟତା କରାଯାଇପାରିବ। ଏତଦ୍‌ବ୍ୟତୀତ ଗ୍ରାମ ପଞ୍ଚାୟତରୁ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନାରେ ଉଭୟ ସୁଭଦ୍ରା ହିତାଧିକାରୀ ଏବଂ ଲକ୍ଷପତି ଦିଦିଙ୍କ ପାଇଁ ପ୍ରାକୃତିକ ସମ୍ବଳ ଆଧାରିତ କ୍ଷେତ ପୋଖରୀ, ଫଳଦାୟକ ବୃକ୍ଷ ରୋପଣ, ଛେଳି ଘର ଏବଂ ଗାଈ ଗୁହାଳ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ। ଯେହେତୁ ମହିଳାମାନେ ସଂଗଠିତ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ ପାଖରେ ପୁଞ୍ଜି ବ୍ୟବସ୍ଥା ଅଛି କୃଷି, ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ଇତ୍ୟାଦି ବିଭାଗ ଗ୍ରାମ ପଞ୍ଚାୟତ ସହିତ ମିଶି ବ୍ୟକ୍ତି ଓ ଗୋଷ୍ଠୀଗତ ଯୋଜନା କଲେ ମହିଳାମାନଙ୍କୁ ଯୋଜନାର ସଫଳତା ଅଧିକ ମିଳିବ।

ଆମ ରାଜ୍ୟରେ ୬୭୯୪ ଟି ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟତା ସଂଘ ଅଛି। ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସ୍ତରୀୟ ସଂଘର ସମନ୍ୱୟ ପୂର୍ବକ ପଞ୍ଚାୟତରେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବାର ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଗୋଟିଏ ପଞ୍ଚାୟତ ନିମନ୍ତେ ଗୋଟିଏ ଯୋଜନା ବିଷୟରେ କୁହାଯାଇଛି। ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଜଳସେଚନ ଓ କୃଷି ଇତ୍ୟାଦି ଉପଯୋଜନାଗୁଡ଼ିକୁ ଗ୍ରାମସଭାରେ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇପାରିବ। ଗ୍ରାମ ପଞ୍ଚାୟତରେ ଥିବା ଲୋକଙ୍କ ପାଇଁ ସ୍ଥାନୀୟ ସରକାର ହେଉଛନ୍ତି ତାଙ୍କ ପଞ୍ଚାୟତ। ଯୋଜନା ପ୍ରସ୍ତୁତି, ତର୍ଜମା ଓ ଅନୁମୋଦନ ପାଇଁ ଗ୍ରାମସଭା ଗଠନର ସାମ୍ବିଧାନିକ ବ୍ୟବସ୍ଥା ଅଛି। ସରକାରଙ୍କ ବିଭିନ୍ନ ବିଭାଗରୁ ସ୍ଥାୟୀ ଓ ଅନୁବନ୍ଧିତ କର୍ମଚାରୀମାନେ ପଞ୍ଚାୟତରେ କାମ କରୁଛନ୍ତି। ଗୋଟିଏ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଡାଟା ଅପେରେଟର, ଗ୍ରାମ ରୋଜଗାର ସାଥୀ, ମାଷ୍ଟର ବୁକ କିପର, ୪ ରୁ ୫ ଜଣ କମ୍ୟୁନିଟି ମୋବିଲାଇଜର, ପ୍ରାଣୀମିତ୍ର, କୃଷିମିତ୍ର, ଗ୍ରାମସେବକ, ଯୋଗାଣ ସହାୟକ, ୪-୫ ଜଣ ଅଙ୍ଗନବାଡ଼ି କର୍ମୀ ଏବଂ ଆଶାକର୍ମୀ ପ୍ରମୁଖ କାମ କରୁଛନ୍ତି।

ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ସୁଦ୍ଧା ଏବଂ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ୨୦୩୬ ସୁଦ୍ଧା ହାସଲ କରିବାକୁ ହେଲେ ଗ୍ରାମ ପଞ୍ଚାୟତ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଏବଂ ଗ୍ରାମ ପଞ୍ଚାୟତରେ କାମ କରୁଥିବା ସରକାରୀ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ମିଳିମିଶି କାମ କରିବାର ଆବଶ୍ୟକତା ଅଛି। ଉଦାହରଣ ସ୍ୱରୂପ ଗୋଟିଏ ଗ୍ରାମରେ ସୁସ୍ଥ ଗ୍ରାମ ଲକ୍ଷ୍ୟ ରଖା ଯାଇଛି ଏବଂ ସେହି ଗ୍ରାମରେ ନିୟମିତ ଟିକାକରଣ, ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ପୋଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି। ଯଦି ସେହି ଗ୍ରାମରେ ଅନ୍ୟ କୌଣସି ଯୋଜନା ମାଧ୍ୟମରେ ରାସାୟନିକ କୃଷି ପଦ୍ଧତି ମାଧ୍ୟମରେ ଚାଷ କରାଯାଇ କର୍କଟ ସୃଷ୍ଟିକାରକ କୀଟନାଶକ ଫସଲରେ ପ୍ରୟୋଗ କରାଯାଏ ତେବେ ଗାଁର ମାଟି, ପାଣି, ଫସଲରେ ବିଷ ଅଂଶ ରହିଯିବାର ଆଶଙ୍କା ଅଛି, ଯାହାକି ଶିଶୁ, ମହିଳା ଓ ସମସ୍ତଙ୍କ ସ୍ୱାସ୍ଥ୍ୟ ନିମନ୍ତେ ହାନିକାରକ ହେବ। ଏଣୁ ସମୟ ଆସିଛି ସମଗ୍ର ରାଜ୍ୟ ପାଇଁ ମିଳିମିଶି କାମ କରିବା ପାଇଁ ମାର୍ଗଦର୍ଶିକା ଓ ଖସଡ଼ା ପ୍ରସ୍ତୁତି କରିବା। ଏକ ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଅଭିନବ ପନ୍ଥା ଅବଲମ୍ବନ କରିବାକୁ ହେବ।

ଭୁବନେଶ୍ୱର, ମୋ: ୮୬୫୮୯୮୬୭୭୭

## ଭୟହୀନ ଅପରାଧ ବନାମ ଭୟଭୀତ ସମାଜ

**ଡକ୍ଟର ବିଶ୍ୱରଂଜନ ଦାସ**

ଏଥର ପାର୍ବଣ ଋତୁ ସମଗ୍ର ଉପକୂଳ ଓଡ଼ିଶାରେ ପାଳୁଛି ସନ୍ତାପର ମହୋତ୍ସବ। ପାଳିତ ଦୁର୍ଗାପୂଜା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଇତ୍ୟାଦିର ସାଜସଜ୍ଜାରେ ଉପକୂଳ ଓଡ଼ିଶା ଯେତେବେଳେ ଜାଗଯମଗ କରିବାର ଥିଲା, ସେତିକିବେଳେ ଅଶାନ୍ତି ଅଗ୍ନିର ଆଭା ଏବଂ ଖବରର ଶିରୋନାମାରେ କେବଳ ଗୋଟେ ପରେ ଗୋଟେ ଅପରାଧ ଘଟଣା ଦେଖାଯାଇଥିଲା। ପାର୍ବଣ ଆରମ୍ଭର ପ୍ରଥମ ଦୁଃସମ୍ବାଦ ଭାବେ ନୀତି ଓ ଆଦର୍ଶର ଅସ୍ଥିପଞ୍ଜରାକୁ ଅଧୋନୀତ କରିଦେଲା ପୁଲିସ ଏସ.ଆଇ. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା। ଆମ ଆଇନ ବ୍ୟବସ୍ଥାର ଗୋଟେ ଗଭୀର ଅସୁସ୍ଥତାର ପରିଚୟ ଦେଲା ଚୌଦ୍ୱାର ଜେଲରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଫେରାର ଖବର। ଅପରାଧୀଠୁ ବଳି ଅପରାଧ ଓ ମାନବିକତା ପ୍ରତି ଆକ୍ରମଣ ହେଲା ଭଦ୍ରକରେ ରାସ୍ତା କଡ଼ରୁ ମାନସିକ ଅସୁସ୍ଥ ମହିଳାଙ୍କୁ ଉଠେଇ ଦୁଷ୍କର୍ମ। କଟକରେ ଜାତିଆଣ ଦଙ୍ଗା, ବାଲେଶ୍ୱରରେ ରାଜରାସ୍ତାରେ ମହିଳାଙ୍କୁ ମାଡ଼ ଓ କର୍ଫ୍ୟୁ, ବ୍ରହ୍ମପୁରରେ ରାଜନେତା ତଥା ଆଇନଜୀବୀଙ୍କୁ ହତ୍ୟା, ପିପିଲିରେ ଚଳନ୍ତା ବସରେ ପଶି ଦୁର୍ବୃତ୍ତର ଆକ୍ରମଣ ପ୍ରଭୃତି ଘଟଣା ମିଶି ଚଳିତ ପାର୍ବଣରେ ମଣିଷ ତିଆରି କରୁଛି ଗୋଟେ ଭୟ ଓ ସନ୍ତାପର ନୂତନ ମହୋତ୍ସବ। ଯେଉଁଠି ମଣିଷ ମଣିଷକୁ ଭୟ କରେ, ଯେଉଁଠି ମାତାପିତା ତାଙ୍କ ସନ୍ତାନକୁ ବାହାରକୁ ପଠାଇବା ପୂର୍ବରୁ ତିନିଥର ଚିନ୍ତା କରନ୍ତି, ସେଇଠି ଆଶା ଓ ଭରସାର ଅସ୍ୱଚ୍ଛ ଛାୟା ନିଶ୍ଚୟ ମାଡ଼ି ଯାଇଛି ବୋଲି କହିବାକୁ ହେବ।

ସମ୍ପ୍ରତି ସମାଜର ମନୋବିଜ୍ଞାନ ବିଶ୍ଳେଷଣ କରିବା ନା ନିରାପତ୍ତା ଅଭାବର ଶିକାର ପାଇଁ ସମାଧାନର ପନ୍ଥା ଖୋଜିବା? ଅପରାଧୀ ଭୟଭୀତ ନୁହେଁ, ନିର୍ଦ୍ଦୋଷ ମଣିଷ ଆଜି ଭୟଭୀତ। ଏହି ସମୟରେ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବା ସ୍ୱାଭାବିକ। ପବିତ୍ର ଉତ୍କଳ ଭୂମି ଆଜି ଜନମନର ଗଭୀର ପୀଡ଼ାର ଅସହାୟ ଅଭିବ୍ୟକ୍ତି ପ୍ରକାଶ କରୁଛି। ଅପରାଧୀ ଲୁଚୁଛି ଲାଭର ଖୁଆଡ଼ରେ, ଅର୍ଥ-ପ୍ରତିପତ୍ତି ଓ କ୍ଷମତାର ଉହାଡ଼ରେ। କେବଳ ରାତି ଅନ୍ଧକାରରେ ନୁହେଁ, ଦିନର ଆଲୋକରେ ବି ଅପରାଧ। ପୁଲିସ ଅଧିକାରୀ ବେଶରେ ଅପରାଧ, ନେତାର ହସରେ ଅପରାଧ, ପଦର ଔଦ୍ଧତ୍ୟରେ ବି ଅପରାଧ।

ତେବେ ପ୍ରଶ୍ନ ଉଠେ- ଦୋଷ କ'ଣ ସରକାରର? ନା, ଏହା ସମ୍ପୂର୍ଣ୍ଣ ଭାବେ ନୁହେଁ। ଯଦି ଆମେ ଅନ୍ୟାୟ ଦେଖି ଚୁପ ରହିଲୁ, ଯଦି ଘଟଣାକୁ ଭିଡିଓ କରି ପୋଷ୍ଟ କଲୁ, ଅଥଚ ସାହାଯ୍ୟ କଲୁ ନାହିଁ, ଆମେ ଚାକିରି ପାଇଁ ପ୍ରଘଟ ପ୍ରଶ୍ନପତ୍ର ଉପରେ ଆଶା ରଖିଲୁ, ତେବେ ଦୋଷ କେବଳ ଶାସକର ନୁହେଁ, ନାଗରିକର ମଧ୍ୟ। ସରକାର ଦୋଷୀ ସେତେବେଳେ, ଯଦି ସେ ନୀତି ରକ୍ଷାରେ ଅସଫଳ। କିନ୍ତୁ ଆମେ ଦୋଷୀ ସେତେବେଳେ ଯଦି ସଚେତନତାରେ ଅସଫଳ। ହୁଏତ ବ୍ୟବସ୍ଥାରେ ଅପରାଧୀ ଲୁଚି ଯାଇପାରେ, କିନ୍ତୁ ଲୋକସମାଜ ଯଦି ସତର୍କ ହୁଏ ତା'ର ଆଉ ରକ୍ଷାରକ୍ଷଣ ନଥାଏ। ଏଣୁ ଇଂରାଜୀରେ ଗୋଟେ କଥା ଅଛି- ଦ ୱାର୍ଲ୍ଡ ସଫରସ୍ ନଟ୍ ବିକଜ୍ ଅଫ୍ ଦ ଭାଓଲେନ୍ସ ଅଫ୍ ବ୍ୟାଡ୍ ପିପୁଲ, ବଟ୍ ବିକଜ୍ ଅଫ୍ ଦ ସାଇଲେନ୍ସ ଅଫ୍ ଗୁଡ୍ ପିପୁଲ୍(ଖରାପ ଲୋକଙ୍କ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ନୁହେଁ, ବରଂ ଭଲ ଲୋକଙ୍କ ନିରବତା ପାଇଁ ବିଶ୍ୱ ପୀଡ଼ିତ)। ଅପରାଧୀ ଜଣେ କିମ୍ବା ଦୁଇଜଣ ହୋଇପାରନ୍ତି, କିନ୍ତୁ ତାଙ୍କୁ ଶକ୍ତି ଦିଏ ହଜାର ହଜାର ମଣିଷଙ୍କ ମୌନତା। ଯେତେବେଳେ ଜଣେ ଅପରାଧୀ ଜାଣିପାରେ ଯେ ତା' କାର୍ଯ୍ୟରେ କେହି ମୁହଁ ଖୋଲିବେ ନାହିଁ, ସେ ଭୟହୀନ ହୋଇଯାଏ। ନିରବ ଶାନ୍ତିକାମୀ ଲୋକେ କେବେକେବେ ଭୟରେ ଚୁପ ରହନ୍ତି ତ କେବେକେବେ ସୁବିଧାରେ ଏବଂ ଆଉ କେବେକେବେ 'ଏହା ମୋର ଦାୟିତ୍ୱ ନୁହେଁ' ବୋଲି କହି ଖସିଯା'ନ୍ତି। କିନ୍ତୁ ଏକ ଆପ୍ତବାକ୍ୟ ରହିଛି- 'ମୌନତେ ସମ୍ମତି ଲକ୍ଷଣମ୍' ଅର୍ଥାତ୍ ମୌନତା କେବେ ଶାନ୍ତି ନୁହେଁ, ଏହା ସମ୍ମତିର ଆବରଣ। ଅନ୍ୟାୟ, ଦୁରାଚାର ଓ ଅନୀତି ବରାବର ଚାଲୁଥାଏ। ଯଦି ତାହା ଆମେ ଦେଖିଶୁଣି ଚୁପ୍ ରହୁ, ତେବେ ବୁଝିବାକୁ ହେବ ଆମେ ସେଇ ଅପରାଧର ସାଥୀ।

ଆମ ସମାଜରେ କୌଣସି କଥାରେ ମୁଣ୍ଡ ପୂରାଉ ନଥିବା ଲୋକକୁ ଅନେକ 'ଶାନ୍ତିପ୍ରିୟ' ଆଖ୍ୟା ଦେଇଥା'ନ୍ତି। କିନ୍ତୁ ଶାନ୍ତିକାମୀ ସେ ନୁହେଁ, ଯେ ଚୁପ୍ ରହି ଶାନ୍ତି ରକ୍ଷାକରେ। ଶାନ୍ତିକାମୀ ସିଏ, ଯିଏ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରେ। କାରଣ ଯେଉଁ ଶାନ୍ତି ନ୍ୟାୟବିହୀନ, ସେ କେବଳ ଭୟର ନିରବତା। ଅପରାଧ ବଢ଼େ ଯେତେବେଳେ ଶାନ୍ତି ଭୟରେ ଭରିଯାଏ ଏବଂ ନିରବତା ନୀତିରେ ପରିଣତ ହୁଏ। ସମାଜ ଯେଉଁଦିନ ମୁଖା ଖୋଲିବ, ସେହିଦିନ ଗଣ୍ଡଗୋଳକାରୀ ନିଜେ ଚୁପ୍ ହୋଇଯିବ। ପୁରାତନ ନୈତିକତା ଓ ନୂତନ-ନୂତନ ନୀତିର କଥା ଢେର ହେଲାଣି। କିନ୍ତୁ ଆଜିର ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶାରେ ଆବଶ୍ୟକତା ଅଛି ଏକ ନୂତନ ଜାଗରଣର।

ମୋତେ ଲାଗିଲା, ଏଥର ପାର୍ବଣରେ ଦେବୀ ଦୁର୍ଗାଙ୍କର ନୁହେଁ, ମହିଷର ବିଜୟୋତ୍ସବ ଚାଲିଛି। ଯେଉଁଠି ଦେବୀ ଦୁର୍ଗାଙ୍କ ବିଜୟୋତ୍ସବ ପାଳିତ ହେଉଥିଲା, ମହିଷାସୁରର ପରାଜୟରେ ମାନବତାର ଜୟଧ୍ୱନି ଶୁଭୁଥିଲା, ସେହି ଋତୁରେ ଏବେ ଦେଖାଯାଉଛି ଏକ ଅନ୍ୟ ଭୂମି, ଅନ୍ୟ ଦୃଶ୍ୟ। ସେଠାରେ ମହିଷାସୁର ହେଉଛି ବିଜେତା, ଦେବୀ ନିରବଦ୍ରଷ୍ଟା। ଦେବୀଙ୍କ ନ୍ୟାୟର ଅସ୍ତ୍ର ଯେମିତି ନିଷ୍ପ୍ରଭ। ଏଠି ରାବଣପୋଡ଼ି ହେଉନି ତ ମଣିଷର ହୃଦୟ ଜଳିପୋଡ଼ି ଯାଉଛି। ଉତ୍ସବର ଉଜ୍ଜ୍ୱଳ ଆଲୋକ ତଳେ ଯେଉଁ ଛାୟା ବଢ଼ିଛି, ତାକୁ ଦେଖିବାର ସାହସ କାହାରି ନାହିଁ। ମଣିଷ ହୋଇ ଅପରାଧକୁ ଦେଖି ମୁହଁ ଘୁଞ୍ଚାଉଛୁ ଏବଂ ସତ୍ୟକୁ ଯେତିକି ପରିମାଣରେ 'ଲାଇକ୍'(ପସନ୍ଦ) କରୁଛୁ, ସେତିକି ମାତ୍ରାରେ ସମର୍ଥନ କରୁନାହୁଁ। ଆମେ ସଭ୍ୟ, ଅଥଚ ସହିଷ୍ଣୁ ନୁହେଁ, ଭୀତ। ସେଥିପାଇଁ ଏଥର ଦେବୀମୂର୍ତ୍ତି ଅଳଙ୍କାରରେ ଶୋଭିତ ହେଲେ ମଧ୍ୟ ତାଙ୍କ ମୁଖରେ ଯେମିତି ହସ ନିର୍ବାପିତ।

ଆଗକୁ ଆସୁଛି ଦୀପାବଳୀ। ଯେତେବେଳେ ଆମେ ଦୀପାବଳୀର ଦୀପ ଜଳାଉ, ତାହା ଜଳେନି କେବଳ ଅନ୍ଧକାର ହଟାଇବା ପାଇଁ। ତାହା ଜଳେ ଆମ ଅନ୍ତଃକରଣର ଆଲୋକକୁ ତିଆରି କରିବା ପାଇଁ। ଏଣୁ ଏ 'ସନ୍ତାପମହୋତ୍ସବ' ଏଣିକି 'ସଚେତନତାମହୋତ୍ସବ'ରେ ପରିଣତ ହେଉ। ସରକାର ହୁଅନ୍ତୁ, ନାଗରିକ ହୁଅନ୍ତୁ କି ଜନମାଧ୍ୟମ, ସମସ୍ତଙ୍କୁ ଜାଗି ଉଠିବାକୁ ହେବ। ନଚେତ୍ ଓଡ଼ିଶା ତା'ର ଅନ୍ଧକାରକୁ ଆଲୋକ ଭାବି ଗୋଟେ ଏକ ନୂତନ ଭୁଲ୍ ଇତିହାସ ଲେଖିଦେବ।

(ଅଧ୍ୟାପକ, ବିଭାଗମୁଖ୍ୟ, ବିଏନ୍‌ଏମ୍‌ଏ କଲେଜ)
ପାଳିଆବିନ୍ଧା(ଭଦ୍ରକ) ମୋ: ୬୩୭୧୪୩୦୫୬୩

## ରହସ୍ୟ-ଉନ୍ମୋଚକ: ମାନସହଂସ ବୈକୁଣ୍ଠନାଥ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ସାହିତ୍ୟ-ତତ୍ତ୍ୱରେ ବର୍ଣ୍ଣିତ ଅଛି ରହସ୍ୟବାଦ। କବିଗୁରୁ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ଠାରୁ ଆରମ୍ଭ କରି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉତ୍ତରାୟଣ' ପର୍ଯ୍ୟନ୍ତ କେତେ ଯେ କବିତାକୁ ତତ୍ତ୍ୱଜ୍ଞ ସୁଧୀ-ସମାଲୋଚକବୃନ୍ଦ ରହସ୍ୟବାଦୀ କବିତା ବୋଲି ଅଭିହିତ କରିଛନ୍ତି, ତାହା ଚେତନାଦୀପ୍ତ ପାଠକମାନେ ଜାଣିଛନ୍ତି ନିଶ୍ଚୟ। ତେବେ ମନରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଏହିସବୁ କବିତାରେ କେଉଁଠି ରହିଛି ରହସ୍ୟ? ବୈକୁଣ୍ଠନାଥ ସବୁଜଧାରାର ମାର୍ମିକ କବି। କେତେ ମଧୁରତା ଭରି ରହିଛି କବିତାରେ ତାଙ୍କରି! ପୃଥିବୀର କେଉଁ ଦୃଶ୍ୟ ଅବା ତାଙ୍କୁ ସ୍ୱପ୍ନାଚ୍ଛନ୍ନ କରି ନ ଦେଇଛି! କେଉଁ ମହାପୁରୁଷଙ୍କ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ନାହାନ୍ତି! ଜୀବନର କେଉଁ କ୍ଷଣ ପୁଣି ସୃଜନାତ୍ମକ ନଥିଲା ତାଙ୍କ ପାଇଁ! ବର୍ଷାଧାରା ଦେଖି ବିଗଳିତ କଣ୍ଠରେ ଗାଇ ଉଠିଲେ ସେ -

'ଆକାଶ ପବନ ସମ ହେଲି ପୁଲକିତ, ମୁକ୍ତ ତୁମରି ଛନ୍ଦେ ଗାଇଲି ଗୀତ / ଛିନ୍ନ ହେଲା ମୋ ଶତ ଜଞ୍ଜାଳ, ଛିନ୍ନ ହେଲା ମୋ ବନ୍ଧନ ଜାଲ ଛିନ୍ନ ସକଳ ସୀମା ଶୃଙ୍ଖଳ / ମୁକ୍ତ ହେ ତୁମ ଆଗେ, ନବ ବରଷାର ଅନୁରାଗେ।'

'ଅରୁଣଶ୍ରୀ', 'କାବ୍ୟ ସଂଚୟନ', 'ଉପେକ୍ଷିତା', 'ମୁକ୍ତି ପଥେ', 'ମୋ ଜୀବନ କଥା' ଆଦିରେ ତାଙ୍କ ଜୀବନାନୁରାଗ ଓ ସୌନ୍ଦର୍ଯ୍ୟାନୁଭବର ବୈଚିତ୍ର୍ୟ ନାନବିଧ ରଙ୍ଗରେ ପାଠକ ଆତ୍ମାକୁ ପ୍ରଦାନ କରିଛି ମଧୁର ଆଶ୍ଳେଷ। ବୁଦ୍ଧ, ଗାନ୍ଧୀ, ଯୀଶୁ, ମୀରାବାଈ, ଗର୍କୀ, ରୋମାଁରୋଲାଁଙ୍କ ଠାରୁ ଆରମ୍ଭ କରି ଆଇଜାକ ସାନ୍ଦ୍ରା, ରିକ୍ସାବାଲାଙ୍କ ପର୍ଯ୍ୟନ୍ତ କେତେ ଅସାମାନ୍ୟ ବ୍ୟକ୍ତିତ୍ୱକୁ ସେ ରୂପାୟିତ କରିଛନ୍ତି। ସାହିତ୍ୟ ସମୀକ୍ଷକମାନେ ସେଥିପାଇଁ ତାଙ୍କୁ 'ସବୁଜ ଯୁଗ'ର କବି ବୋଲି ପ୍ରତିପାଦନ କରିବା ସଂଗେସଂଗେ, ସେ ମଧ୍ୟ 'ପ୍ରଗତିବାଦୀ ଯୁଗ'ର କବି ବୋଲି ସ୍ୱୀକାର କରିଛନ୍ତି। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବିଷୟରେ ଲେଖିବା ପାଇଁ ବି ଚଳଚଞ୍ଚଳ ହୋଇ ଉଠିଛି ତାଙ୍କ କଲମ। ଅଭିନବ ସାମ୍ୟବାଦକୁ ସେ ସ୍ୱାଗତ କରନ୍ତି।

ବୈକୁଣ୍ଠଙ୍କ କବିତା ଗ୍ରନ୍ଥ ଭିତରେ କି ଯାଦୁ ଅଛି! ଯେଉଁମାନେ ନୈରାଶ୍ୟ ନିପୀଡ଼ିତ, ଶୋକଜର୍ଜରିତ, ହତାଶାବୋଧରେ ଅବସନ୍ନ, ବ୍ୟର୍ଥତାର ବ୍ୟାଧିରେ ଯେଉଁମାନଙ୍କ ଜୀବନ ମନେହେଉଛି ବିଷାଦଗ୍ରସ୍ତ ଓ ବିଷାକ୍ତ, ସେମାନେ କେବଳ ପୃଷ୍ଠା ଓଲଟାଇ ଦେବା ମାତ୍ରକେ ଦେଖିବେ କେବଳ ଆଶା, ବିଶ୍ୱାସ, ଆସ୍ଥାଶୀଳତା, ଆତ୍ମୀୟତା ଆଉ ନବୀନ ଉଲ୍ଲାସର ଅଗଣିତ ଲହରୀମାଳା। କେବଳ ଦେଖିବେ ନାହିଁ। ସେମାନେ ଚାହାନ୍ତୁ କି ନ ଚାହାନ୍ତୁ, ଜୀବନ-ସାଗରର ଉତ୍ତାଳ ତରଙ୍ଗ ନିଶ୍ଚୟ ଦେବ ଗୋଟାପଣେ ଭିଜାଇ। ସେ କ'ଣ ଜାଣି ନଥିଲେ ଏ ପୃଥିବୀ ଓ ମଣିଷ ଜୀବନ ଦୁର୍ଭାଗ୍ୟ-କବଳିତ, ମରଣ-ଜର୍ଜରିତ, ସବୁକିଛି ଏଠି କ୍ଷଣିକରେ ହୋଇଯାଏ ଅନ୍ତର୍ହିତ ବୋଲି? ସବୁ ଜାଣି ସୁଦ୍ଧା କାହିଁକି ନିୟତିର କ୍ରୁର ପରିହାସ ସମ୍ମୁଖରେ ଗାଇଛନ୍ତି ଜୀବନର ଗୀତି? କବିତ୍ୱ ମୁକୁଳିତ ହୁଏ ସେଇଠାରେ, ଯେଉଁଠି ଅଛି ଜୀବନର ଉଚ୍ଛୃିତ ଉଚ୍ଛ୍ୱାସ। ପରାଜୟ ନୁହେଁ ରହିଥାଏ ବିଜୟ-ସଂକେତ-ପୂର୍ଣ୍ଣ ପଦ ପରେ ପଦ।

ତାଙ୍କ ରଚିତ ଶ୍ରେଷ୍ଠ କବିତା 'ଯାତ୍ରା ସଂଗୀତ' ହେଉ ଅବା 'ଶେଷ ଗୀତି'-ସର୍ବତ୍ର ମୃତ୍ୟୁର କଳା ପରଦା ଅପସୃତ କରି ଦେଖାଇ ଦେଉଛନ୍ତି ସେ ଜୀବନର ଅମର ପ୍ରଦୀପ ପ୍ରଜ୍ୱଳିତ ଯେଉଁଠି। ସବୁ କିଛି ଚିରମଙ୍ଗଳମୟ - ଏହି ବିଶ୍ୱାସବୋଧ ସୃଷ୍ଟି କରିବା, ଜୀବନର ଦୀପଶିଖାକୁ ଉଜ୍ଜୀବିତ କରିବା ସକାଶେ ହିଁ କବିସତ୍ତା ବାରମ୍ବାର ଅବତରଣ କରେ ଏ ଧରିତ୍ରୀ ବକ୍ଷକୁ। ବୈକୁଣ୍ଠ ଗାଉଛନ୍ତି - 'ସେ ପୀରତି ତେଜେ ଯାଉ ମୋ ଜୀବନ ନିଭି ମୃତ୍ୟୁକୁ ମାରି ପଦେ ତା'ର ନିଭିଯିବି।' ଓଡ଼ିଶାର ଯେଉଁ ସଂଗୀତାନୁରାଗୀ ଶ୍ରୋତାବର୍ଗ କବିଙ୍କ ସୁକନ୍ୟା ମହାନ ସଂଗୀତ ସାଧିକା ସୁନନ୍ଦା ପଟ୍ଟନାୟକଙ୍କ କମ୍ପିତ କଣ୍ଠରୁ ଶୁଣିଛନ୍ତି 'ଯାତ୍ରା ସଂଗୀତ'ର ଅମର ପଦପଂକ୍ତି, ସେମାନେ ଜାଣନ୍ତି ଯେ, ସେଥିରେ ପରିପୂର୍ଣ୍ଣ ହୋଇ ରହିଛି ଜୀବନାମୃତର କି ଆସ୍ୱାଦନ-ଶକ୍ତି। 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲ ବୋଲି କିଛି କହିବି କି ହେ ଆଉ? ଜୀବନ ପ୍ରିୟତମ ହରିଛ ମୋ ଭରମ ତରଣୀ ମୋର ତ? ସାଗରେ ବହିଯାଉ।'

ସେ ତ ମାନସରୋବରର ଶୁଭ୍ର ହଂସ। କେତେ ପାରାବାର, ଅସଂଖ୍ୟ ହିମଗିରି ଲଂଘନ କରିଯିବେ ସେ। ଏହି ଅଭିବ୍ୟକ୍ତିରେ ତ ରହସ୍ୟ କିଛି ବି ନାହିଁ। ଜୀର୍ଣ୍ଣ ଜୀବନ-ତରୁ ଯେଉଁଠି ନିତ୍ୟ ପଲ୍ଲବିତ ସେଇଠି ତ ପରାଣ କୁଞ୍ଜରେ ଶ୍ରୁତ ହୁଏ ବଂଶୀ ଧ୍ୱନି। ଜୀବନ-ବୀଣାରେ ଭରିଯାଏ ନୂତନ ମୂର୍ଚ୍ଛନା। ଏହି ନିବିଡ଼ ସତ୍ୟକୁ ଢାଙ୍କି ରଖିଥିବା ପରଦା କାଢ଼ି ଦେଇ ଯିଏ ଆମକୁ ମୃତ୍ୟୁରୁ ଅମୃତକୁ ଘେନି ଯାଉଛନ୍ତି ସେ ଆଉ ରହସ୍ୟବାଦୀ ହୋଇ ବର୍ଣ୍ଣିତ ହେବେ ବା କାହିଁକି? ସେଇ ଜୀବନବାଦୀ, ସତ୍ୟବାଦୀ ଓ ସୌନ୍ଦର୍ଯ୍ୟବାଦୀଙ୍କୁ ସମ୍ପ୍ରତି ପୁନଃଉନ୍ମୋଚନ କରିବା ଯଥାର୍ଥ ହେବନାହିଁ କି?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାପକୁ ହାଣି ମାଟିରେ ପୋତିଦେଲା ପୁଅ

### ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର


ଦେବଗଡ଼,୮।୧୦(ସମିସ): ଦେବଗଡ ଜିଲ୍ଲା ବାରକୋଟ ଥାନା ଔତଳ ଗାଁରେ ପୁଅର ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧ ବାପାର ମୃତ୍ୟୁ ଘଟିଥିବା ଜଣାପଡିଛି।ମୃତକ ବଳଭଦ୍ର ବେହେରା



(୬୫)। ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଅଟକରଖି ପଚରା ଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାଇ ଔତଳ ଗାଁର ବଳଭଦ୍ର ନିଜ ଘରେ ମେଣ୍ଢା ପାଳିଥିଲେ। ଅଭିଯୁକ୍ତ ପୁଅ ହୃଦାନନ୍ଦ ଗତକାଲି ମେଣ୍ଢା ବିକ୍ରି ପାଇଁ ନେଇଯାଉଥିବା ବେଳେ ବାପା ବଳଭଦ୍ର ପ୍ରତିବାଦ କରିଥିଲେ। ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା। ବାପା ବଳଭଦ୍ରଙ୍କ ମୃତ୍ୟୁ ହେବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା । ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲି ହତ୍ୟା ମାମଲା ରଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଛି।ସାଇଣ୍ଟିଫିକ ଟିମ୍ ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି

## ଗାଁରୁ ଦନ୍ତାର ମୃତଦେହ ଉଦ୍ଧାର

ଦେବଗଡ଼,୮।୧୦(ସମିସ): ଦେବଗଡ଼ ବନଖଣ୍ଡରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କାଉଁସିତଇଲା ଗାଁରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ କାଉସିତଇଲା ଗାଁ



ନିକଟସ୍ଥରାସ୍ତାରେ ଦନ୍ତାର ମୃତ ଦେହ ପଡିଥିବା ଦେଖି ବନରକ୍ଷୀ ସିନିସ୍ମିତା ମରେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏଲିଫ୍ୟାଣ୍ଟ ଟ୍ରାକ୍ ସ୍କାଡ୍ର ସଦସ୍ୟଙ୍କ ସମେତ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ହାତୀର ବ୍ୟବଚ୍ଛେଦ କରାଇଥିଲେ। ତେବେ ମୃତହାତୀର ଆନୁମାନିକ ବୟସ ୧୮ ବର୍ଷ ହେବ। ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନଖଣ୍ଡ ଅଧିକାରିଣୀ ସୁଶ୍ରୀରଶ୍ମି ଜୀ ସୂଚନା ଦେଇଛନ୍ତି।

## ୧୬ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୮।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ପୁଲିସ ନିକଟରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆଜି ମାଓ ସଂଗଠନର ପିଏଲଜିଏ ମିଲିଟାରୀ କମ୍ପାନୀର ଜଣେ ଡେପୁଟି କମାଣ୍ଡର, ପିଏଲଜିଏ ମିଲିଟାରୀ କମ୍ପାନୀ ନମ୍ବର ୧ର ଜଣେ ସଦସ୍ୟ, ନର୍ଥ ବ୍ୟୁରୋ ଟେକ୍ନିକାଲ୍ ଟିମ୍ର ସଦସ୍ୟ, ଏସିଏମ୍, ପାର୍ଟି ସଦସ୍ୟ, କୁତୁଲ୍ ମାଓ କମିଟି ସଦସ୍ୟ, ଜନତାନା ସରକାରର ଅନେକ ସଦସ୍ୟ ଏବଂ ମିଲିସିଆ ସଦସ୍ୟଙ୍କ ସମେତ ୧୬ ଜଣ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନାରାୟଣପୁର ପୁଲିସ ନିକଟରେ ଶପଥ ନେଇଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୭ ଜଣ ମହିଳା ମାଓବାଦୀ ସାମିଲ ଅଛନ୍ତି। ସେମାନଙ୍କ ନାମରେ ୭୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହି ମାଓବାଦୀଙ୍କ ଆତ୍ମସମର୍ପଣ ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆତ୍ମ ସମର୍ପଣକାରୀଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଛତୁ ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, ୮।୧୦ (ସମିସ): ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା। ବୁଧବାର ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ଶାନ୍ତିଲତାଙ୍କୁ ଅତର୍କିତ ଆକ୍ରମଣ



କରିଥିଲା। ଶାନ୍ତିଲତାଙ୍କ ଚିତ୍କାରରେ ଭାଲୁଟି ସେଠାରୁ ଛାଡି ପଳାଇଥିବା ବେଳେ ତାଙ୍କ ବେକକୁ ଝାମ୍ପିଥିବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ୱାମୀ

- ଆସିଲାନି ଆମ୍ବୁଲାନ୍ସ
- ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧେଇ ମେଡିକାଲ ନେଲେ ସ୍ୱାମୀ

ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଆମ୍ବୁଲାନ୍ସର ସୁବିଧା ନ ହେବାରୁ ଶାନ୍ତିଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ ମେଡିକାଲକୁ ଆଣିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଭଡା ଟେମ୍ପୁରେ ନୀଳଗିରି ମେଡିକାଲ୍ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି।

### ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ଅଭିଯୋଗ

## ସରକାରୀ ନୀତିକୁ ଖୋଲା ଉଲ୍ଲଂଘନ କରୁଛନ୍ତି ନିଗମ

- ନିଯୁକ୍ତି କ୍ଷେତ୍ରରେ ଦକ୍ଷ ପ୍ରତିଭାବାନ ପ୍ରାର୍ଥୀ ଅବହେଳିତ
- ଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚପିସି) ଓ ଶକ୍ତିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ନିଗମର ପରିଚାଳନା ମଣ୍ଡଳୀ ବା ବୋର୍ଡକୁ ଓଡ଼ିଶା ସରକାର ନିଯୁକ୍ତ କରୁଥିଲେ ମଧ ସେମାନେ ରାଜ୍ୟ ସରକାର ପ୍ରଣିତ କରିଥିବା ମାନବସମ୍ବଳ ନୀତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିଗମଗୁଡିକ ସ୍ୱଜନପୋଷଣ (ନେପୋଟିଜିମ) ନୀତିରେ ନିଗମଗୁଡିକୁ ପରିଚାଳନା କରୁଛନ୍ତି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ। ନିୟମର ଖୋଲା ଉଲ୍ଲଂଘନ କାରଣରୁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଓ ପ୍ରତିଭା ମୂଲ୍ୟହୀନ ହୋଇପଡିଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ବୁଧବାର ସଂଘ ପକ୍ଷରୁ ଏନେଇ ଏକ ସ୍ମାରକ ପତ୍ର ଶକ୍ତିମନ୍ତ୍ରୀଙ୍କୁ ଅବଗତ କରିବା ସହିତ ତୁରନ୍ତ ପ୍ରତିକାରମୂକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି।

ସଂଘର ଅଭିଯୋଗ ଅନୁଯାୟୀ, ଯନ୍ତ୍ରୀମାନଙ୍କର ନିଯୁକ୍ତି ଓ ପଦୋନ୍ନତି ପାଇଁ ଜଳସମ୍ପଦ ବିଭାଗ ପ୍ରଣିତ କରିଥିବା କ୍ୟାଡର ନୀତିରେ କର୍ମଚାରୀ ମାନଙ୍କର ଦକ୍ଷତା ଓ ପାରଦର୍ଶିତା ବୃଦ୍ଧିପାଇଁ କୌଣସି ପ୍ରତିବନ୍ଧକ ନାହି। କିନ୍ତୁ ବିଡ଼ମ୍ବନା ହେଉଛି, ସ୍ୱଜନପୋଷଣ ନୀତିରେ ପରିଚାଳିତ ଓଏଚ୍‌ପିସି ତାହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଆସୁଛି। ନିଗମରେ କାର୍ଯ୍ୟ କରୁଥିବା ଦକ୍ଷ, ଯୋଗ୍ୟ ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ ଏଜିଏମ୍ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର) ପଦରେ ସୀମିତ ରଖିବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ହୋଇଛି। ସେହିପରି ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହାୟକ ଯନ୍ତ୍ରୀଙ୍କ କ୍ୟାଡର୍ ନିଯୁକ୍ତି ଅନୁପାତ ୪୦:୬୦ଧାର୍ଯ୍ୟ କରି ଅଧିନିୟମ ଜାରି କରିଥିବାବେଳେ ନିଗମଗୁଡିକ ତାହାକୁ ପ୍ରତ୍ୟାଖ୍ୟାନ କରି ୩୩:୬୭ ଅନୁପାତ ସ୍ଥିର କରି ନିଗମ ପରିଚାଳନା କରୁଛନ୍ତି। ଶକ୍ତି ସମୀକ୍ଷକ ତଥା ସଂଘର ସଭାପତି ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ, ନିୟମରେ ଉଲ୍ଲଂଘନ କାରଣରୁ ନିଗମଗୁଡିକର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତା ପ୍ରଭାବିତ ହୋଇ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟ ସମ୍ପାଦନ ହେଉନାହିଁ। ନିଗମଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଯାହାରବୋଝ ବିଦ୍ୟୁତ୍ ଉପଭୋକ୍ତା ବହନ କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

## ୪୫ବସ୍ତା ବାଣ ଜବତ; ଜଣେ ଗିରଫ

ବାରିପଦା, ୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ପଥୁରୀ ପଞ୍ଚାୟତ ବୁଡାମରା ଗ୍ରାମରେ ପୁଲିସ ଚଢ଼ଉ କରି ୪୫ ବସ୍ତା ବାଣ ସହିତ ବ୍ୟବସାୟୀ ସଞ୍ଜିବ ସାହୁଙ୍କୁ ଗିରଫ କରିଛି। ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି ପୁଲିସ ଟିମ୍ ନେଇ ଚଢ଼ଉ କରିଛନ୍ତି। ବାଣ ଗୁଡ଼ିକ ଦୀପାବଳୀରେ ବିକ୍ରି ହେବା ପାଇଁ ଆସିଥିଲା ବୋଲି ଜଣାପଡିଛି।

## ଜାପାନ, ଆମେରିକା, ଅଷ୍ଟ୍ରେଲିଆ ବୈଜ୍ଞାନିକଙ୍କୁ ରାସାୟନ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହାମ୍,୮।୧୦(ଏଜେନ୍ସି): ଜାପାନର ସୁସୁମୁ କିତାଗାୱା, ଅଷ୍ଟ୍ରେଲିଆର ରିଚାର୍ଡ ରବସନ ଓ ଆମେରିକାର ଉମର ଏମ୍ ୟାଘିଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସ୍ୱିଡେନର ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନସେଜ ତରଫରୁ ବୁଧବାର ଏ ନେଇ ଘୋଷଣା କରାଯାଇଛି। ଧାତୁ କାର୍ବନିକ ଢ଼ାଞ୍ଚାର ବିକାଶ ପାଇଁ ଏହି ବୈଜ୍ଞାନିକମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ବୋଲି ଏକାଡେମୀ ତରଫରୁ ଏକ୍ସରେ ପୋଷ୍ଟ କରି ଘୋଷଣା କରାଯାଇଛି। ନୋବେଲ ପୁରସ୍କାର ବିଜେତାଙ୍କୁ ୧୧ ମିଲିଅନ ସ୍ୱିଡିଶ କ୍ରୋନର୍ ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ। ଡିସେମ୍ବର ୧୦ରେ ଏକ ସ୍ୱତନ୍ତ୍ର ସମାରୋହରେ ନୋବେଲ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାଠଗଡ଼ାରେ ଓପିଆର୍‌ବି...

ନିୟମର ବିପରୀତ ଭାବରେ ପ୍ରଶ୍ନପତ୍ର ପ୍ରସ୍ତୁତି ପରି ଗୋପନୀୟ କାର୍ଯ୍ୟରେ ସିଲିକନ୍ ଓ ପଞ୍ଚସଫ୍ଟ ପରି କମ୍ପାନୀ କିପରି ସଂଶ୍ଳିଷ୍ଟ ହେଲେ ଏବଂ ଅଧିକାରୀମାନେ ଏହାକୁ କିପରି ପ୍ରଶ୍ରୟ ଦେଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ବା ଛାପିବା ଦାୟିତ୍ୱରେ ନ ଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପ୍ରଶ୍ନପତ୍ର କିପରି ପାଇଥିଲେ, ତାହା ସମଗ୍ର ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତାକୁ କାଠଗଡ଼ାରେ ଠିଆ କରାଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦେଖି ପ୍ରସ୍ତୁତି କରିବାକୁ ଆନ୍ଧ୍ରପ୍ରଦେଶ ଯାଉଥିବାବେଳେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲ୍ ଗିରଫ ପରେ ଏହି ପ୍ରଶ୍ନପତ୍ର କିଣାବିକା ମାମଲାରେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ଓପିଆର୍‌ବି ଏବଂ ଏହାର ଅଧିକାରୀମାନେ କିପରି ପର୍ଯ୍ୟବେକ୍ଷଣ କରୁଥିଲେ ଯେ ତାହା ଜାଣିପାରିଲେ ନାହିଁ, ନା ସବୁକିଛି ସଲାସୁତୁରାରେ ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ବିନା ଏହି ଚାକିରି ବିକ୍ରି ପ୍ରକରଣ ସମ୍ଭବ ନୁହେଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ଘଟଣାକୁ ୯ ଦିନ ବିତିଥିଲେ ମଧ କ୍ରାଇମ୍‌ବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଉଛି। ଓପିଆର୍‌ବି ଏବଂ ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଗିରଫ ତ ଦୂରର କଥା, ତଦନ୍ତ ପରିସରଭୁକ୍ତ ମଧ କରିନାହିଁ। କେବଳ ସବ୍-କଣ୍ଟ୍ରାକ୍ଟ ନେଇଥିବା ସିଲିକନ୍ ଓ ପଞ୍ଚସଫ୍ଟ କମ୍ପାନୀ ମଧ୍ୟରେ ତଦନ୍ତ ସିମିତ ରଖିଛି। ଏଯାଏଁ ଚାକିରି ବିକ୍ରିର ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ବିଫଳ ହୋଇଥିବାବେଳେ ସିଣ୍ଡିକେଟ୍‌ର ମୂଳରେ କେବେ ଓ କିପରି ପହଞ୍ଚିବ ବୋଲି ପ୍ରଶ୍ନ ଉଠିଛି। ତେଣୁ ଚାକିରି ବିକ୍ରି ପାଇଁ ଖୋଦ୍ ପୁଲିସ୍ ଅଧିକାରୀମାନେ ହିଁ ଗଳାବାଟ ପ୍ରସ୍ତୁତ କରିଥିବା ଧାରଣା ଦୃଢ଼ୀଭୂତ ହୋଇଛି। ପରୀକ୍ଷା ସମ୍ପର୍କିତ ସମସ୍ତ ଗୋପନୀୟ କାର୍ଯ୍ୟ କରିବା ପାଇଁ ଆଇଟିଆଇ ଲିମିଟେଡ୍‌କୁ ଅଖଣ୍ଡ କ୍ଷମତା ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଛପାଇବା ଠାରୁ ଆରମ୍ଭ କରି ଓପିଆର୍‌ବି ମୁଖ୍ୟାଳୟରେ ପହଞ୍ଚାଇବା, ପରୀକ୍ଷା କେନ୍ଦ୍ର ଚୟନ, ସୁରକ୍ଷା ପାଇଁ ସିସିଟିଭି, ସିସିଟିଭି ପରିଚାଳନା ଆଦି ସମସ୍ତ କାର୍ଯ୍ୟ କରିବାକୁ ଟେଣ୍ଡର ଦେଇଛନ୍ତି। ପରୀକ୍ଷାରେ ଗଫଲତି ପାଇଁ ଅଧିକାରୀମାନେ ଯେପରି ଉତ୍ତରଦାୟୀ ନ ହେବେ, ସେଥିପାଇଁ ଟେଣ୍ଡର ନେଇଥିବା କମ୍ପାନୀ ହିଁ ଦାୟୀ ରହିବ ବୋଲି ଧାଡ଼ିକିଆ ନିର୍ଦ୍ଦେଶନାମା ଲେଖିଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି। ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆଇଟିଆଇ ଲିମିଟେଡ୍‌କୁ ଦେବା ପରେ କେବଳ ଓପିଆର୍‌ବି ଅଧିକାରୀମାନେ ପର୍ଯ୍ୟବେକ୍ଷଣ କରିବେ ବୋଲି କୁହାଗଲା। ହେଲେ କେଉଁ କାର୍ଯ୍ୟକୁ କିଏ ଓ କେମିତି ପର୍ଯ୍ୟବେକ୍ଷଣ କରିବେ ସେ ନେଇ କିଛି ଉଲ୍ଲେଖ କରାଗଲା ନାହିଁ। ଫଳରେ କୌଣସି ଗଫଲତି ଧରା ପଡ଼ିଲେ ମଧ ଅଧିକାରୀଙ୍କ ଉପରକୁ ଆଞ୍ଚ ଆସିବ ନାହିଁ। ଏକାଧିକ ଗଳାବାଟ ଛାଡ଼ିଦେବା ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ନ କରବାରୁ ପରୀକ୍ଷାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସବ୍-କଣ୍ଟ୍ରାକ୍ଟ ପାଇଥିବା କମ୍ପାନୀଙ୍କ ହାତକୁ ଚାଲିଗଲା। ଏସବୁ ଗଳାବାଟ ଛାଡ଼ିବା ପଛରେ ଚାକିରି ବିକ୍ରି ହିଁ ଏକମାତ୍ର ଉଦ୍ଦେଶ୍ୟ ବୋଲି ଅଭିଯୋଗ ହୋଇଛି। ତଦନ୍ତକୁ ବ୍ୟାପକ କଲେ ବହୁ ବରିଷ୍ଠ ଅଧିକାରୀ ଧରା ପଡ଼ିବା ନିଶ୍ଚିତ ହୋଇଥିବାରୁ ସେହି ପୁଲିସ୍ ବିଭାଗ ହିଁ ଘଟଣା ଚାପିବାକୁ ଆପ୍ରାଣ ଉଦ୍ୟମ କରୁଥିବା ଆଇନଜ୍ଞମାନେ ଅଭିଯୋଗ କରିଛନ୍ତି। ଯଦି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତି କରାଇବାକୁ ନେବା ସମୟରେ ପରୀକ୍ଷାର୍ଥୀ ଓ ଦଲାଲ୍ ଗିରଫ ହେଲେ, ତାହାଲେ ଦଲାଲ୍‌ଙ୍କୁ ପ୍ରଶ୍ନପତ୍ର ଯୋଗାଉଥିବା ବ୍ୟକ୍ତିଙ୍କ ପାଖରେ କିପରି କ୍ରାଇମ୍‌ବ୍ରାଞ୍ଚ ପହଞ୍ଚିପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବୌଦ୍ଧ ମହୋତ୍ସବରେ...

ସେନା ତଥା ମିଲିଟାରୀ ଜୁଣ୍ଟା ଶାସନଭାର ହାତକୁ ନେବା ପରେ ଏବେ ମିଆଁମାରରେ ଗୃହଯୁଦ୍ଧ ଭଳି ସ୍ଥିତି ସୃଷ୍ଟିହୋଇଛି। ଦେଶରେ ଗଣତନ୍ତ୍ରର ସମର୍ଥକ ଅନ୍ୟ ଉଗ୍ରବାଦୀ ସଂଗଠନ ସହ ମିଶି ମିଲିଟାରୀ ଜୁଣ୍ଟା ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ତେବେ ମିଆଁମାରରେ ଆଗାମୀ ଡିସେମ୍ବର ୨୮ ରେ ସାଧାରଣ ନିର୍ବାଚନ ଆୟୋଜନ ହେବ ବୋଲି କୁହାଯାଇଛି। କିନ୍ତୁ ବ୍ୟାପକ ଦୁର୍ନୀତି ହେବ ବୋଲି ଆଶଙ୍କା ପ୍ରକଟ କରି ବିଦ୍ରୋହୀ ଓ ଗଣତନ୍ତ୍ରର ସମର୍ଥକମାନେ ଏହି ନିର୍ବାଚନକୁ ଅଗ୍ରାହ୍ୟ କରିଛନ୍ତି।

## ସରକାରଙ୍କୁ ଆଇନଶୃଙ୍ଖଳା...

ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## କମୁଛି ଏନ୍‌ଆର୍‌ଆଇ...

ସେହି ଆକର୍ଷଣକୁ ଏବେ ଶିଥିଳ କରିଦେଇଛି। ଟ୍ରମ୍ପ ପୁନର୍ବାର କ୍ଷମତାକୁ ଆସିବାର ୬ ମାସ ମଧ୍ୟରେ ସେହି କ୍ରେଜ୍ କମିଯାଇଛି। ଅନେକ ପରିବାର ଏବେ ବିବାହକୁ ବିଳମ୍ବ କରୁଛନ୍ତି। ସେମାନେ ପ୍ରବାସ ନୀତି ଉପରେ ସ୍ପଷ୍ଟତାକୁ ଅପେକ୍ଷା କରିଛନ୍ତି।

ଟ୍ରମ୍ପଙ୍କ ଏଚ୍୧-ବି ଭିସା ହେଉଛି ଆମେରିକାର ଏକ ଅଣ-ଆବାସିକ ଭିସା, ଯାହା କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଔଷଧ, ଅର୍ଥ ଏବଂ ଶିକ୍ଷା ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଏ। ଟ୍ରମ୍ପଙ୍କ ଭିସା ବିସ୍ଫୋରଣ ଭାରତ ପାଇଁ ଏକ ଆଘାତ ପ୍ରମାଣିତ ହେଉଛି କାରଣ ଏହି ଭିସା ସହିତ ଆମେରିକାରେ କାମ କରୁଥିବା ଲୋକଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଭାରତୀୟ। ରିପୋର୍ଟରୁ ଜଣାପଡିଛି ଯେ, ୨୦୨୪ ଆର୍ଥିକବର୍ଷରେ ମୋଟ ଅନୁମୋଦିତ ଏଚ୍୧-ବି ଭିସା ହିତାଧିକାରୀଙ୍କ ମଧ୍ୟରୁ ୭୧% ଭାରତୀୟ ଥିଲେ। ଯଦିବା ହ୍ୱାଇଟ୍ ହାଉସ୍ ଟ୍ରମ୍ପଙ୍କ ଏଚ୍୧-ବି ଭିସା ଫି' ନିୟମ ସ୍ପଷ୍ଟ କରିଛି। ତଥାପି ଭାରତରେ ଏହାର ପ୍ରଭାବ ଅନୁଭୂତ ହେଉଛି। ବିଶେଷକରି ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଏନ୍‌ଆର୍‌ଆଇମାନଙ୍କ ସହିତ ବିବାହ କରାଇବାକୁ ଯୋଜନା କରୁଥିଲେ ସେମାନଙ୍କ ମଧ୍ୟରେ ଭୟ ଆହୁରି ଗଭୀର ହୋଇଛି। ଏହାର ଅର୍ଥ ହେଉଛି ଟ୍ରମ୍ପଙ୍କ ଭିସା ବୋମା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ କରୁଛି। ବେସ୍ପୋକ୍ ମ୍ୟାଚ୍ ମେକିଂ ସେବା ଭଏଜ୍ ଫର୍ ଇଟରନିଟିର ପ୍ରତିଷ୍ଠାତା ଅନୁରାଧା ଗୁପ୍ତା କହିଛନ୍ତି ଯେ ଟ୍ରମ୍ପଙ୍କ ଭିସା ନିୟମ ଘୋଷଣା ପରେ ଏହି ପରିବର୍ତ୍ତନ ବ୍ୟାପକ ଭାବରେ ଅନୁଭୂତ ହୋଇଛି। ଉଲ୍ଲେଖନୀୟ ଯେ ବିଶ୍ୱର ସବୁଠାରୁ ଅଧିକ ଭାରତୀୟ ପ୍ରବାସୀ ଆମେରିକାରେ ବାସ କରନ୍ତି, ଯେଉଁଥିରେ ପ୍ରାୟ ୨୧ ଲକ୍ଷ ଏନ୍‌ଆର୍‌ଆଇ ଅନ୍ତର୍ଭୁକ୍ତ।


**JEYPORE LAW COLLEGE, JEYPORE,**
**DIST. KORAPUT (ODISHA) Pin - 7640003**

Applications are invited for the following posts:-

**1. Principal**

**Terms and Conditions:**

- Qualification, Eligibility – As per the UGC Norms
- Salary – Negotiable.
- Interested candidates may apply by registered post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within 21 days from the date of publication of this advertisement.
- Candidates applied earlier for the above mentioned post in response to our advertisement of July, 2025 need not apply again.

**Sd/-President,**
Jeypore Law College Governing Body,
Jeypore, Pin - 764003

Office of District Manager
Odisha State Civil Supplies Corporation Ltd. (OSCSC)
NABARNGPPUR
Phone: 9438200053
District Website : nabarangpurnic.in
CAD-1945

Tender No. 27,28,29,30,31,32,33,34,35 & 36 Dt. 06.10.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **(i) Paddy from Paddy Purchase Centres ( PPCs) / Mandis to Rice Mill point( Within or outside district ) & (II) Custom Milled Rice ( CMR) from Rice Mill Points to Rice Receiving Centres ( RRCs)/ Depots (Within or outside district)** |
| 2 | Availability of bid document in the portal | From 09.10.2025 |
| 3 | Last Date / Time for receipt of bids in the portal | Dt 27.10.2025 up to 5.00 P.M. |
| 4 | Date/Time of Opening of Technical Bid | Dt 28.10.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if anyshall be published only in above websites.

District Manager
OSCSC Ltd. Nabarangpur

OIPR-07045/11/0004/2526

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Pranati Samantara, aged about 41 years, W/o- Dillip Baliarsingh, resident of At/Po-Sanapadar, PS- Begunia, Dist- Khordha, PIN-752064, Odisha declared by this affidavit No. 2025, dtd- 07/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit (CF No.99) sworn before The Executive Magistrate, Bhubaneswar dated-09/06/2025. I, **Budhi Redi,** W/o Balaram Redi, Address: Plot No. 1584, Narayanibasti, Unit-8, Nayapalli, Bhubaneswar, Dist-Khurda, PIN- 751012, Odisha declare that I have changed my minor daughter's name from **Nandini Redi To S.Nandini Reddy.** Henceforth, she shall be known as **S.Nandini Reddy** (new name) for all purposes.
**Budhi Redi**

**AFFIDAVIT**
I, Shakuntala Behera, aged about 63 years, W/o-Ananta Kumar Behera, resident of At-Praharajapur, Muntunia, Dakshinpraharajpur, Raibania, Dist- Baleswar, PIN- 756033, Odisha declared by this affidavit No. 2024, dtd- 07/10/2025 that now onwards I shall be known as **SAKUNTALA BEHERA** for all future purposes.

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com
O-857

Letter No. 5271 — e-Procurement Notice — Date 24.09.2025

Name of the work :- Road Works
Total No of works :- 38 (Thirty Eight) No's.
Approx. Estimated Cost :- Rs. 5.08 lakhs to Rs. 13.56 lakhs
Class of Contractor :- "C" & "D" Class Contractor
Period of completion :- 2 (Two) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -07/2025-26 | 38 (Thirty Eight) No's. | 10.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | |

For Details can be seen from the Government website www.tendersorissa.gov.in

Executive Engineer
Rural Works Division-I, Nabarangpur

OIPR-25092/11/0022/2526

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ବାଲୁଗାଁ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ବାଲୁଗାଁ ଶାଖା /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ବିଶୋଇ,** ପିତା: ମୋହନ ବିଶୋଇ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ ଅରବିନ୍ଦ ପାଇକରାୟ,** ପିତା: ଭାଗିରଥି ପାଇକରାୟ, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣଦେଇପୁର, ଆଙ୍କୁଲା, ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦ | ମିଆଦୀ ଋଣ | ୨୯.୦୮.୨୦୨୨ / ୦୬.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୯,୨୯,୨୯୫.୬୧ | ଶ୍ରୀ ବିଶ୍ୱମ୍ଭର ବିଶୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୮୦/୬୦୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ପ୍ଲଟ୍ ନଂ.: ୭୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୭୧, କ୍ଷେତ୍ର: ଏକର୦.୦୭୩ ଡିସିମିଲି, ପ୍ଲଟ୍ ନଂ.: ୭୦, କ୍ଷେତ୍ର: ଏକର୦.୦୪୨ ଡିସିମିଲି, ପ୍ଲଟ୍ ନଂ.: ୬୯/୭୦୦, କ୍ଷେତ୍ର: ଏକର୧.୨୪୪ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୦୯୬ ଡିସିମିଲି, ଖାତା ନଂ.: ୨୪୦/୪୨ (ସମୁଦାୟ ୬ଟି ପ୍ଲଟ୍), **ସମୁଦାୟ କ୍ଷେତ୍ର: ଏକର୧.୫୧୩ ଡିସିମିଲି,** ମୌଜା: ବ୍ରାହ୍ମଣଦେଇପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ତ୍ତିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## କେଶଦୁରାପାଳ ବାଲିଯାତ୍ରା ପାଇଁ ମାଟି ଅନୁକୂଳ



ରାମଚନ୍ଦ୍ରପୁର, ୮ ।୧୦ (ସମିସ): କେଶଦୁରାପାଳ ବାଲିଯାତ୍ରା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି । ପୂଜା କମିଟି ସଦସ୍ୟ ଟିଟୁ ବିନ୍ଧାଣି ଦିନତମାମ୍ ଉପବାସ ବ୍ରତ ରଖି ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଛନ୍ତି । ପୂଜକ ଟାଙ୍ଗୁରୁ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିବାପରେ ରେମାଳ ନଦୀ ଶଯ୍ୟାରୁ ପବିତ୍ର ମାଟି ଅନୁକୂଳ କରାଯାଇଥିଲା । ହରିବୋଲ ହୁଳହୁଳି ସହ ଦେବ ମନ୍ତ୍ର ଉଚ୍ଚରଣ ପୂର୍ବକ ପବିତ୍ର ମାଟିକୁ ଆବାହନ କରାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା । ପୂଜା କମିଟି ସଂଯୋଜକ ଭିକାରୀ ଚରଣ ବିନ୍ଧାଣି, ସୁରେନ୍ଦ୍ର ସାହୁ, ନବୀନଚନ୍ଦ୍ର ବିନ୍ଧାଣି, ହରିପ୍ରସାଦ ମିଶ୍ର, ବିଶ୍ୱନାଥ ଓଝା, ସୁରେନ୍ଦ୍ର ନାୟକ, ପର୍ଶୁରାମ ମହାରଣା, ନାରାୟଣ ଦାସ, ରଞ୍ଜନ କୁମାର ଆଚାର୍ଯ୍ୟ, ମାଧବାନନ୍ଦ ସାହୁ, ରଞ୍ଜନ କୁମାର ଦାସ, ନିଧି ବିନ୍ଧାଣି, ଅର୍ଜୁନ ବିନ୍ଧାଣି, ଲକ୍ଷ୍ମୀଧର ସାହୁ ସମେତ ବହୁ ମହିଳା ପୁରୁଷ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ ।

## ଗାଁ ମୁରବୀ ଭରତଚନ୍ଦ୍ର ନାୟକଙ୍କ ଦେହାନ୍ତ



ରାମଚନ୍ଦ୍ରପୁର, ୮।୧୦(ସମିସ): ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କରଡ଼ାମାଳି ଗ୍ରାମର ବରିଷ୍ଠ ମୁରବୀ ତଥା ପୂର୍ବତନ ସ୍ୱାସ୍ଥ୍ୟକର୍ମୀ ଭରତଚନ୍ଦ୍ର ନାୟକ (୮୨)ଙ୍କ ଗତ ହୃଦଘାତରେ ପରଲୋକ ଘଟିଛି । ପରିବାର ଲୋକ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ, ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅବୋହୂ, ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ । ପରେ ବହୁ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ତାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି । ଅବସର ନେବା ପରେ ଗାଁର ବିଭିନ୍ନ ସାଂସ୍କୃତିକ ଏବଂ ଧାର୍ମିକ ଅନୁଷ୍ଠାନ ସହ ଜଡ଼ିତ ରହିଥିଲେ । ସୋମବାର ବିଳମ୍ବିତ ରାତ୍ରୀରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡପୁଅ ସମିରରଞ୍ଜନ ମୁଖାଗ୍ନି ଦେଇଥିଲେ ।

## ବ୍ଲକ୍‌ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ତେଲକୋଇ, ୮।୧୦(ସମିସ): ତେଲକୋଇ ବ୍ଲକ କାର୍ଯ୍ୟାଳୟରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୧୮୩ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲେ । ସମସ୍ତଙ୍କୁ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା । ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ଅନଲାଇନରେ ପଞ୍ଜୀକରଣ କରାଯାଇଥିଲା । ଯେଉଁମାନେ ପୂର୍ବରୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ସେମାନଙ୍କ ନବୀକରଣ କରାଯାଇଥିଲା । କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅସ୍ଥିଶଲ୍ୟ ବିଭାଗର ଡା ପ୍ରବୀର କୁମାର ମହାପାତ୍ର, ଚକ୍ଷୁ ବିଶେଷଜ୍ଞ ଡା ରଶ୍ମିରଞ୍ଜନ ଭଞ୍ଜ, ନାସା ଓ ଗଳା ବିଶେଷଜ୍ଞ ଡା ସଞ୍ଜୟ କୁମାର ବେହେରାଙ୍କ ସହ ଡା ନିହାର ରଞ୍ଜନ ରଥ, ମାନସ କୁମାର ମହାନ୍ତ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ । ତେଲକୋଇ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ ।

# ଆନନ୍ଦପୁର ଓ ଘସିପୁରା ବସଷ୍ଟାଣ୍ଡରେ ଜଳଯୋଗାଣ ଓ ଶୌଚାଳୟ ଅକାମୀ

ଆନନ୍ଦପୁର, ୮।୧୦ (ସମିସ)






ଆନନ୍ଦପୁର ଓ ଘସିପୁରା ବସଷ୍ଟାଣ୍ଡର ରାକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିବା କମ୍ପାନୀର ମନମାନି ଯୋଗୁଁ ଜଳଯୋଗାଣ, ଶୌଚାଳୟ, ସଫେଇ ହୋଇପାରୁନାହିଁ । ଫଳରେ ଏନେଇ ବ୍ୟାପକରେ ଅସନ୍ତୋଷ ପ୍ରକାଶ ପାଇଛି । ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବସଷ୍ଟାଣ୍ଡରେ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଛି । ତନ୍ମଧ୍ୟରୁ ଶୌଚାଳୟ, ଜଳଯୋଗାଣ, ବିଦ୍ୟୁତ୍, ସଫେଇ, ପରିମଳ ବ୍ୟବସ୍ଥା ନିୟମିତ ଠିକ ଭାବେ କରିବାକୁ ବିଭିନ୍ନ ଠିକା ସଂସ୍ଥା ସହ ଚୁକ୍ତିନାମା କରାଯାଇଛି । ଟେକ୍ନୋ କମ୍ପାନୀ ଏଥିପ୍ରତି ସମ୍ପୂର୍ଣ ଅଣଦେଖା କରୁଥିବାରୁ ଶୌଚାଳୟ ଠିକ ଭାବେ କାର୍ଯ୍ୟକ୍ଷମ ନ ଥିଲା ବେଳେ ସମ୍ପୂର୍ଣ୍ଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ହେଉ ନଥିବା ଜଣାପଡ଼ିଛି । ଏହାଦ୍ୱାରା ଯାତ୍ରୀମାନେ ନାହିଁ ନଥିବା ହୀନସ୍ତା ଭୋଗୁଛନ୍ତି । ବସଷ୍ଟାଣ୍ଡ ଭିତରେ ଥିବା ଥଣ୍ଡା ପାନୀୟଜଳ ଯୋଗାଣ ମେସିନ୍ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ପାଣି ବନ୍ଦ ରହିଥିବାରୁ ଯାତ୍ରୀମାନେ ହଇରାଣ ହରକତ ହେଉଥିବା ବେଳେ ଶୌଚାଳୟଗୁଡ଼ିକରେ ପାଣି ନିଷ୍କାସନ ହୋଇପାରୁ ନଥିବାରୁ ମହିଳା ଓ ପୁରୁଷ ଯାତ୍ରୀମାନେ ଶୌଚ ହେବାପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳୟଗୁଡ଼ିକରେ କମ୍ପାନୀ ପକ୍ଷରୁ ଫିନାଇଲ, ବ୍ଲିଚିଂ ପାଉଡର ପକାଯାଉ ନଥିବାରୁ ପରିବେଶ ଦୁର୍ଗନ୍ଧମୟ ହୋଇପଡିଛି । ଆନନ୍ଦପୁର ବସଷ୍ଟାଣ୍ଡ ଭିତରେ ଲାଗିଥିବା ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଜଳୁ ନଥିବାରୁ ଅନ୍ଧାରିଆ ପରିବେଶ ଯୋଗୁଁ ଯାତ୍ରୀମାନେ ଅସୁରକ୍ଷିତ ମନେ କରୁଛନ୍ତି । ଏପରିକି କମ୍ପାନୀ ଦୀର୍ଘ ମାସ ହେଲା କର୍ମଚାରୀଙ୍କୁ ଦରମା ନଦେବା ଓ ବସଷ୍ଟାଣ୍ଡର ସମସ୍ୟା ପ୍ରତି ଦୃଷ୍ଟି ନଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି ।

ଆନନ୍ଦପୁର ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇଛି ।

## କଲମ ଛାଡ଼ି ଓକିଲଙ୍କ ସମୂହ ପ୍ରତିବାଦ



ଆନନ୍ଦପୁର,୮।୧୦ (ସମିସ): ରାଜ୍ୟ ଆଇନଜୀବୀ ପରିଷଦର ଆହ୍ୱାନକ୍ରମେ ଆନନ୍ଦପୁର ଓକିଲ ସଂଘ କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଛି । ବ୍ରହ୍ମପୁରରେ ଜଣେ ଓକିଲଙ୍କୁ ଗତ ସୋମବାର ସନ୍ଧ୍ୟାରେ ଗୁଳିକରି ହତ୍ୟା କରାଯାଇଥିବା ପ୍ରତିବାଦରେ ବୁଧବାର ଆନନ୍ଦପୁର ଓକିଲ ସଂଘର ସଦସ୍ୟ କାର୍ଯ୍ୟ ବନ୍ଦ ରଖି ଧାରଣା ଦେଇଥିଲେ । ପୁଲିସ ଅଦ୍ୟାବଧି ଦୁର୍ବୃତ୍ତଙ୍କର କୌଣସି ସନ୍ଧାନ ପାଇ ନଥିବା ବେଳେ ତୁରନ୍ତ ବିଚାର ବିଭାଗୀୟ ତଦନ୍ତ କରିବା ଓ ଓକିଲଙ୍କ ସୁରକ୍ଷା ଦାବିରେ ଏହି ପ୍ରତିବାଦ କରାଯାଇଥିବା ଆନନ୍ଦପୁର ଓକିଲ ସଂଘର ସମ୍ପାଦକ ଭଗବାନ ମଲିକଙ୍କଠାରୁ ସୂଚନା ମିଳିଛି । ପ୍ରାରମ୍ଭରେ ଓକିଲ ସଂଘର ସଭାଗୃହରେ ସଭାପତି ଦୟାନିଧି ଦାଶଙ୍କ ସଭାପତିତ୍ୱରେ ସ୍ୱର୍ଗତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ଏ ସମ୍ପର୍କରେ ଆନନ୍ଦପୁରର ସମସ୍ତ ଅଦାଲତ ଓ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କୁ ସୂଚନା ଦିଆଯାଇ କଲମଛାଡ଼ ଆନ୍ଦୋଳନ କରାଯାଇଥିଲା । ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ, ଭୁବନାନନ୍ଦ ଦାଶ, ରାମଚନ୍ଦ୍ର ପାତ୍ର, ବ୍ରଜବନ୍ଧୁ ସାହୁ, ଲକ୍ଷ୍ମୀଧର ମିଶ୍ର, ହରିହର ମିଶ୍ର, ଶରତଚନ୍ଦ୍ର ତ୍ରିପାଠୀ, ମନୋରଞ୍ଜନ ମିଶ୍ର, ଅଖିଳ ପଟ୍ଟନାୟକ, ହରେକୃଷ୍ଣ ପଟ୍ଟନାୟକ, ସଞ୍ଜୟ ମିଶ୍ର, ବାଇଧର ସେଠୀ, ଅମର ମହାପାତ୍ର, ବନବିହାରୀ ଜେନା, ଜୟନ୍ତ ରାଜ, ସୁବାସଚନ୍ଦ୍ର ବିଶ୍ୱାଳ, ସୁବାସ ତ୍ରିପାଠୀ, କୋଷାଧ୍ୟକ୍ଷ ଅଶୋକ ରାଉଲ, ରଶ୍ମିରଞ୍ଜନ ବଳ, ଶିବଶଙ୍କର ସାହୁ, ମନୋରଞ୍ଜନ ପାଣିଗ୍ରାହୀ, ଆଲୋକ ରାଉତ, ଅମୀୟ ଜେନା, ରବିନ୍ଦ୍ର ସାହୁ, ରମେଶ ବାରିକ୍, ଭୁବନେଶ୍ୱର ଜେନା, ହେମନ୍ତ ମଲିକ, ତ୍ରିଲୋଚନ ତ୍ରିପାଠୀ, ଭାଗୀରଥୀ ଦାଶ, ମାନସ ସାହୁ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

## ଗୁମୁରା ସମିତିସଭ୍ୟ ଉଦୟ ପାତ୍ରଙ୍କ ପରଲୋକ



ବାଲିବନ୍ଧ, ୮।୧୦ (ସମିସ): ଝୁମ୍ପୁରା ବ୍ଲକ ଗୁମୁରା ପଞ୍ଚାୟତ ସମିତିସଭ୍ୟ ଉଦୟ ପାତ୍ରଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ହୋଇଥିଲା । ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରପୋକାରୀ ବ୍ୟକ୍ତି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ଦୀର୍ଘ ଦିନ ହେବ ଯକୃତ ଜନିତ ରୋଗରେ ଚିକିତ୍ସିତ ହେଉଥିଲେ । ମଙ୍ଗଳବାର ସନ୍ଧ୍ୟା ସମୟରେ ଅସୁସ୍ଥ ଅନୁଭବ କରିଥିଲେ ଉଦୟ । ତୁରନ୍ତ ପରିବାର ଲୋକେ ତାଙ୍କୁ ଚମ୍ପୁଆ ମେଡିକାଲ ନେଇଥିଲେ । ସେଠାରେ ଉଦୟଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଉଦୟଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳ ସ୍ତବ୍ଧ ହୋଇଯାଇଛି । ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଉପାଧ୍ୟକ୍ଷ ମାନସରଞ୍ଜନ ବିଶ୍ୱାଳ, ବିଡିଓ ହୃଦାନନ୍ଦ ଅଢା, ଜିଡିପିଓ ମାନସ ରଞ୍ଜନ, ପିଇଓ ଶୁଭଦର୍ଶୀ କର, ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀ ପ୍ରତିନିଧି ତଥା ବାଲିବନ୍ଧ ସମିତିସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ନାରଦପୁର ସମିତିସଭ୍ୟ ଅଯୋଧ୍ୟା ନାଏକ, ଝୁମ୍ପୁରା ସମିତିସଭ୍ୟ କୁଞ୍ଜବିହାରୀ ନାଏକ, ମଲଦା ସମିତିସଭ୍ୟା ଗୀତାଞ୍ଜଳି ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗାଁ ମଶାଣିରେ ଉଦୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି ।

## ବିଦ୍ୟାଧରପୁର ୧ ନଂ ୱାର୍ଡ ରାସ୍ତା ଜଳମଗ୍ନ



ହାଟଡ଼ିହୀ, ୮।୧୦(ସମିସ): ହାଟଡ଼ିହୀ ବ୍ଲକ୍ ବାଲିବରେଇ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ୧ନଂ ୱାର୍ଡକୁ ଯିବା ପାଇଁ ରହିଥିବା ରାସ୍ତା ଜଳମଗ୍ନ ହୋଇ ପଡ଼ିଛି । ପୂର୍ବରୁ ଗାଁ ରାସ୍ତା ଅପେକ୍ଷା ମୁଖ୍ୟରାସ୍ତାର ଉଚ୍ଚତା ରାସ୍ତାର କମ୍ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ଥିବାରୁ ଗାଁରେ ବର୍ଷାଜଳ ଜମି ରହୁ ନଥିଲା । ଗାଁ ନିକଟରେ ନୂତନ କେନାଲ ନିର୍ମାଣ ପରେ ମୁଖ୍ୟ ରାସ୍ତାଟି ଅଧିକ ଉଚ୍ଚତା ହେବାରୁ ଗାଁ ମୁଣ୍ଡ ପୋଖରୀ ପାଣି ସହ ବର୍ଷାଜଳ ଗାଁ ରାସ୍ତାକୁ ଜଳମଗ୍ନ କରୁଛି । ଯାହାଫଳରେ ବର୍ଷା ଦିନେ ଗାଁ ଭିତରୁ ଲୋକମାନେ ବାହାରିବା କଷ୍ଟକର ହୋଇପଡୁଛି । ଛାତ୍ରଛାତ୍ରୀମାନେ ଗାଁ ଭିତରୁ ବାହାରି ସ୍କୁଲ କଲେଜ ଯିବାରେ ନାନା ସମସ୍ୟା ଭୋଗୁଛନ୍ତି । ଜଳମଗ୍ନ ରାସ୍ତା ପାଇଁ ଗାଁ ଭିତରେ ଥିବା ଖାଲୁଆ ଘରଗୁଡ଼ିକରେ ବର୍ଷାଜଳ ପଶି ଯାଉଛି । କିଛି ଲୋକଙ୍କ ଚୁଲି ଓଦା ହୋଇ ଯାଉଥିବାରୁ ରୋଷେଇ କରି ଗଣ୍ଡେ ଖାଇବା ସେମାନଙ୍କ ପକ୍ଷେ ନିହାତି କଷ୍ଟକର ହୋଇପଡୁଛି । ଏହି ରାସ୍ତାକଡରେ ଥିବା ଏକ ସରକାରୀ ନଳକୂପ ମଧ୍ୟ ବର୍ଷାଜଳରେ ବୁଡ଼ି ଯାଉଥିବାରୁ ସେଥିରୁ ପାନୀୟଜଳ ସଂଗ୍ରହ କରିବା ସମ୍ଭବ ହୋଇପାରୁନି । ଏପରିକି ଏହି ଗାଁ ରାସ୍ତାଟି କଂକ୍ରିଟ ନଥିବାବେଳେ ଏହାର ଉଚ୍ଚତା ବୃଦ୍ଧି ସହ ମରାମତି କରି ଏହାର ନବୀକରଣ କରାଗଲେ ଗାଁ ଲୋକେ ଆନନ୍ଦରେ ଯାତାୟାତ କରିପାରନ୍ତେ ବୋଲି ଗ୍ରାମର ସମ୍ବିତ ବିଶ୍ୱାଳ, ଅସିତ ବିଶ୍ୱାଳ, ବୃନ୍ଦାବନ ବିଶ୍ୱାଳ, ଅଭୟ ବିଶ୍ୱାଳ, ଗଣେଶ ବିଶ୍ୱାଳ, କମଳ ବିଶ୍ୱାଳ, ସୁବାସ ମଲ୍ଲିକ, ସତ୍ୟବ୍ରତ ବିଶ୍ୱାଳ, ଟୁଙ୍ଗୁରୁ ବିଶ୍ୱାଳ, ବିନ ମଲ୍ଲିକ, ମହେଶ୍ୱର ଜେନା, ଦେବାଶିଷ ବିଶ୍ୱାଳ ପ୍ରମୁଖ କହିଛନ୍ତି । ପଞ୍ଚାୟତ ଓ ବ୍ଲକ୍ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ଗ୍ରାମପଞ୍ଚାୟତ ପରିବର୍ତ୍ତନ ବିରୋଧରେ ତିଳବେଡ଼ା ଗ୍ରାମବାସୀ



ତୁରୁମୁଙ୍ଗା, ୮।୧୦(ସମିସ): ସାହାରପଡ଼ା ବ୍ଲକର କିଛି ପଞ୍ଚାୟତକୁ ଭାଗ କରାଯାଇ ତଣ୍ଡ, ବାଲିତୋଟା ଓ ଗୋଜିଟାଙ୍ଗିରୀ ଗ୍ରାମଗୁଡିକୁ ନେଇ ତଣ୍ଡଠାରେ ଓ କମାରମରା, ଅସ୍ତଯୋଡି, ବାଉଁଶନାଳୀ ଗ୍ରାମଗୁଡିକୁ କମାରମରାଠାରେ, ଯାମଦା, ବାଲିପଶି, ମୟୂରପଙ୍ଖା, ଅର୍ଜୁନପଶି, ଗଣିଆବରେଇ ଗ୍ରାମଗୁଡିକୁ ନେଇ ଯାମଦାଠାରେ ଏବଂ ବାରତଣିଆ, ମାଟିଆଗୁନି,ରାଧାପୁର, ମେଦିନୀପୁର, ପିଙ୍ଗୁପାଟଣା, ତିଳବେଡା ଗ୍ରାମଗୁଡିକୁ ନେଇ ମାଟିଆଗୁନିଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ହେବାକୁ ପ୍ରସ୍ତାବ ଦିଆଯାଇଛି । ବଡ଼ବିଲ ପଞ୍ଚାୟତର ୬ ୱାର୍ଡ ତିଳବେଡାର ଶତାଧିକ ମହିଳା ଓ ପୁରୁଷ ମିଳିତ ଭାବେ ଏହାକୁ ବିରୋଧ କରିଛନ୍ତି । ନୂତନ ପଞ୍ଚାୟତ ମାଟିଆଗୁନିରେ ମିଶିବାକୁ ବିରୋଧ କରି ବୁଧବାର ସାହାରପଡା ବିଡିଓ ରଣଜିତ ମହାନ୍ତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ମାଟିଆଗୁନି ତିଳବେଡ଼ା ଗ୍ରାମଠାରୁ ୧୨ କିଲୋମିଟର ଦୂର ଏବଂ ଗମନାଗମନରେ ସୁବିଧା ନଥିବାରୁ ଗ୍ରାମବାସୀ ଭତ୍ତା, ରାସନ୍ ଚାଉଳ ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମାଟିଆଗୁନି ଯିବାଆସିବାରେ ଅସୁବିଧା ଓ ବର୍ତ୍ତମାନ ବଡ଼ବିଲ ପଞ୍ଚାୟତର କାର୍ଯ୍ୟାଳୟ ମାତ୍ର ଏକ କିଲୋମିଟର ଦୂର ଥିବାରୁ ସେମାନେ ସେହି ବଡ଼ବିଲ ପଞ୍ଚାୟତବାସୀ ହୋଇ ରହିବାକୁ ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି । ଏସମ୍ପର୍କରେ ଗ୍ରାମବାସୀଙ୍କ ଦାବିକୁ ସରକାରଙ୍କୁ ସୁପାରିସ କରିବି ବୋଲି ବିଡିଓ କହିଛନ୍ତି ।

# ଗାଁରେ ଜମୁଛି ମା' ଗଜଲକ୍ଷ୍ମୀଙ୍କ ପୂଜା



### ■ ନାଉକଣା

ରାମଚନ୍ଦ୍ରପୁର, ୮।୧୦(ସମିସ): ଘଷିପୁରା ବ୍ଲକ୍ ମଛାଳୋ ପଞ୍ଚାୟତ ନାଉକଣା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳନ ହେଉଛି । ପୂଜା ମଣ୍ଡପରେ ଘଟ ସ୍ଥାପନ ପରେ ପୂଜକ ସାରଙ୍ଗଧର ନନ୍ଦ ଏବଂ ସାଥୀ ଗଙ୍ଗାଧର ନନ୍ଦଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା । କର୍ତ୍ତା କାର୍ଯ୍ୟ ଚିନ୍ତାମଣି ଜେନା ଏବଂ ତାଙ୍କ ପତ୍ନୀ ଦେବକୀ ଜେନା ଥିଲେ । ପୂଜା ମଣ୍ଡପକୁ ସୁଉଚ୍ଚ ତୋରଣ ସାଂଗକୁ ଚିକିମିକି ରଙ୍ଗୀନ ଆଲୁଅରେ ସଜାଯାଇଛି । ସଂଧ୍ୟା ହେଲେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଛି । ସଙ୍କୀର୍ତ୍ତନମଣ୍ଡଳୀ ଦ୍ୱାରା ଭଜନ କୀର୍ତ୍ତନ ହେଉଛି । ବୁଧବାର ସନ୍ଧ୍ୟା ସାତଟାରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପାଲା ପରିବେଷଣ ହେବ ବୋଲି ସୂଚନା ମିଳିଛି । ଏହାସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି । ଭକ୍ତ ମାନଙ୍କ ପାଇଁ କମିଟି ପକ୍ଷରୁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

### ■ ଚମ୍ପୁଆ ବ୍ଲକ୍

**ଚମ୍ପୁଆ:** ମାଆ ଗଜଲକ୍ଷ୍ମୀଙ୍କୁ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇ ପୂଜା ମଣ୍ଡପରେ ଆଲୋକୀକରଣ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଭିତରେ ପୂଜାର୍ଚ୍ଚନା କରାଯାଉଛି । ବିଭିନ୍ନ ଗ୍ରାମ ଏଥିପାଇଁ ଝଲସି ଉଠିଛି । ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀଙ୍କୁ ବିଭିନ୍ନ ପୂଜା କମିଟି ତରଫରୁ ବିଶେଷ ଭାବେ ପୂଜା ମଣ୍ଡପ ଦର୍ଶନ ନିମନ୍ତେ ମୁଖ୍ୟଅତିଥି ଭାବେ ନିମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । କଇଁତା ଗ୍ରାମ, ସାନ କରଞ୍ଜିଆ, ଭଣ୍ଡା କଂସରା, ତିଲିକାପଶି, କେମତିହା, ଉଚ୍ଚବାଲି, ପାହାଡ଼ଭଙ୍ଗା, ନନ୍ଦପୁର, ନିଶାଗଡ଼ିଆ, ମଥୁରାପୁର ଆଦି ଗାଁଗୁଡ଼ିକର ପ୍ରାୟ ୧୭ଟି ପୂଜା ମେଢ଼ ବୁଲି ମାଆଙ୍କୁ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ ଶ୍ରୀ ତ୍ରିପାଠୀ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ କୌଣସି ମନାନ୍ତର ନରଖି ସମସ୍ତ ଭାଇଭଉଣୀ, ମା'ମାଉସୀ ଏକତ୍ରିତ ହୋଇ ସମାଜର ମଙ୍ଗଳ କାମରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ ।

### ■ ଚେମଣା

**ତୁରୁମୁଙ୍ଗା:** ପାଟଣା ବ୍ଲକ ଚେମଣା ଗ୍ରାମ ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖର ହୋଇପଡିଛି । ଚଳିତ ବର୍ଷ ୩୫ତମ ଲକ୍ଷ୍ମୀପୂଜା କରାଯାଉଥିବା ବେଳେ ପୂଜକ ଭାବରେ ମହେଶ ଚାଟାର୍ଜି ପୂଜାର୍ଚ୍ଚନା କରୁଛନ୍ତି । କର୍ତ୍ତା ଭାବରେ ରବୀନ୍ଦ୍ର କୁମାର ମହାନ୍ତ ନୀତିକାନ୍ତି ତୁଲାଉଛନ୍ତି । ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଦୀନବନ୍ଧୁ ନାୟକ, ସମ୍ପାଦକ ବିରେନ୍ଦ୍ର ପ୍ରସାଦ, ରମେଶଚନ୍ଦ୍ର ନାୟକ, ସଞ୍ଜୟ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ନିତ୍ୟାନନ୍ଦ ମହାନ୍ତ, ହେମନ୍ତମହାନ୍ତ, ନିରାକାର ମହାନ୍ତ, ସଞ୍ଜୟ ମହାନ୍ତ, ବିଷ୍ଣୁ ମହାନ୍ତ, ଉଗ୍ରେସନ ମହାନ୍ତ, ଗଜେନ୍ଦ୍ର ମହାନ୍ତ, ହରେକୃଷ୍ଣ ମହାନ୍ତ, ରଣଜିତ ମହାନ୍ତ, ଜୟଦେବ ମହାନ୍ତ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି । ଏଠାରେ ୫ ଦିନ ଧରି ଭଜନ ସଂଧ୍ୟା ସାଙ୍ଗକୁ ପାଲା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ଝଲସୁଛି ତୋରଣ ମାଳା, ରଙ୍ଗୀନ୍ ଆଲୁଅ

ହାଟଡ଼ିହୀ,୮।୧୦(ସମିସ): ହାଟଡ଼ିହୀ, ଅଣା, ଛେନାପଦି ଆଦି ତିନିଟି ବଜାରରେ ୧୦ଟି ମେଢ଼ରେ ମା' ମହାଲକ୍ଷ୍ମୀ ପୂଜା ପାଉଛନ୍ତି । ବିଶ୍ୱତାରିଣୀ ମନ୍ଦିର ନିକଟରେ ଲକ୍ଷ୍ମୀ ମେଢ଼ ସହ ବିରାଟ ତୋରଣ ସାଙ୍ଗକୁ ସୁନ୍ଦର ମୀନବଜାର ଦର୍ଶକଙ୍କୁ ଘଡ଼ିଏ ବାନ୍ଧି ରଖୁଛି । ବଉଳା ରାସ୍ତାରେ ନିର୍ମିତ ସୁନ୍ଦର ଲକ୍ଷ୍ମୀ ମେଢ଼ ସହ ବଡ଼ ତୋରଣ ଓ ସଖୀଙ୍କୁ ଦେଖି ଦର୍ଶକଙ୍କ ପାଦ ଅଟକି ଯାଉଛି । ସବୁଠି ଭଳିକି ଭଳି ସୁନ୍ଦର ତୋରଣ ସାଙ୍ଗକୁ ଆଲୋକମାଳା ଓ ସାଉଣ୍ଡ କମ୍ପିଟିସନ୍ ଚାଲିଛି । ଏହିପରି ଛେନାପଦି ବଜାରର ତୁଳସୀ କମ୍ପ୍ଲେକ୍ସ, ବିଶ୍ୱତାରିଣୀ ମହିଳା କଲେଜ ସାମ୍ନା, ବଲ୍ଲୀ ମଲ୍ଲିକ କମ୍ପ୍ଲେକ୍ସ, ଦଳେଇ ପେଟ୍ରୋଲ ପମ୍ପ, ସହ ସାଇସ କମ୍ପ୍ୟୁଟର କମ୍ପ୍ଲେକ୍ସ ଆଦି ସ୍ଥାନରେ ଲକ୍ଷ୍ମୀପୂଜା ସହ ଦୋକାନ ବଜାର ଜମୁଛି । ଅଣା ଛକରେ ମା' ଲକ୍ଷ୍ମୀଙ୍କ ସୁନ୍ଦର ମେଢ଼ ସହ ତୋରଣ ଏବଂ ସଖି କଣ୍ଢେଇ ଅତ୍ୟନ୍ତ ଆକର୍ଷଣ ହୋଇଛି । ସର୍ବପୁରାତନ ଅନୁଷ୍ଠାନ ଭାବେ ହାଟଡ଼ିହୀ ଲକ୍ଷ୍ମୀ ବଜାରରେ ନିର୍ମିତ ହୋଇଥିବା ମହାଲକ୍ଷ୍ମୀଙ୍କ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ବଡ଼ ତୋରଣ ଓ ଆଲୋକମାଳା ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି । ଜଳକଲଙ୍ଗ ଲକ୍ଷ୍ମୀ ବଜାରରେ ପୂଜା ପାଉଥିବା ଜୀବନ୍ତ ରୂପୀ ମା' ଲକ୍ଷ୍ମୀଙ୍କ ମୂର୍ତ୍ତି ଆବାଳ ବୃଦ୍ଧବନିତାଙ୍କୁ ଚକ୍ଷୁଶୀଳ ହୋଇପାରିଛି । ପୂଜା କମିଟିର ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଉପଦେଷ୍ଟା ଓ ପ୍ରତ୍ୟେକ ସଦସ୍ୟଙ୍କ ସହଯୋଗକ୍ରମେ ଆଜକୁ ୩ଦିନ ଧରି ଲକ୍ଷ୍ମୀପୂଜା ଓ ମୀନବଜାର ଶାନ୍ତିଶୃଙ୍ଖଳାର ସହ ଆଗେଇ ଚାଲିଛି । ଆଉ ୪ଦିନ ଧୂମଧାମରେ ମେଳା ଚାଲିବ । ଗତକାଲି ଏବଂ ଆଜି ପାଗ ଭଲ ରହିଥିବାରୁ ବ୍ଲକର ବିଭିନ୍ନ ଗ୍ରାମରୁ ଛୋଟ ଛୁଆ, ମହିଳା, ଝିଅ, ବୋହୂମାନେ ବୁଲାବୁଲି କରି ମେଳା ଉପଭୋଗ କରୁଥିବା ଦେଖିବାକୁ ମିଳିଛି । ପୂଜା ବଜାରର ଶାନ୍ତିଶୃଙ୍ଖଳା ପାଇଁ ନନ୍ଦିପଦା ଥାନା ଅଧିକାରୀ ରବିନ୍ଦ୍ର କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବିଳମ୍ବିତ ରାତ୍ର ଯାଏଁ କଡ଼ା ପାଟ୍ରୋଲିଂ ଚାଲିଛି । ଝିଅ, ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେବା ନେଇ ବିଭିନ୍ନ ପୂଜାମଣ୍ଡପ ନିକଟରେ ପୁଲିସ ମୁତୟନ କରାଯାଇଛି ।



# ବାଲି ମାଫିଆଙ୍କ ଦାଦାଗିରି; କାର୍ଯ୍ୟାନୁଷ୍ଠାନ ଦାବି

## ବେଆଇନ ବାଲିଘାଟ ରାସ୍ତା ପାଇଁ ଗଛ କଟା; ଗ୍ରାମବାସୀଙ୍କ ବିରୋଧ

ହାଟଡ଼ିହୀ, ୮।୧୦(ସମିସ): ବେଆଇନ୍ ବାଲିଘାଟ ପାଇଁ ରାସ୍ତା ନିର୍ମାଣ ବେଳେ ମୂଲ୍ୟବାନ ଗଛକାଟାକୁ ଗ୍ରାମବାସୀଙ୍କ ବିରୋଧ ଦେଖାଯାଇଛି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ କରଗୋଳା ବୈତରଣୀ ବାଲିଘାଟ ନିକଟରେ। ପୂର୍ବରୁ ଏଠାରେ ଲିଜ୍ ବାଲିଘାଟ ଥିବାବେଳେ ପ୍ରଶାସନ ପକ୍ଷରୁ ତାହାକୁ ଏବେ ଲିଜ୍ ଦିଆଯାଇନାହିଁ। ଗ୍ରାମବାସୀ ଜଙ୍ଗଲ ବିଭାଗ ସହଯୋଗରେ ୨୦୧୭ରେ ହଜାର ହଜାର ଗଛ ଲଗାଇ ଏକ ସୁନ୍ଦର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଥିଲେ; କିନ୍ତୁ କିଛି ବ୍ୟକ୍ତି ବେଆଇନ୍ ଭାବେ ବାଲି ଉତ୍ତୋଳନ କରିବାକୁ ଏବେ ରାସ୍ତା ନିର୍ମାଣ କରୁଛନ୍ତି। ଗ୍ରାମବାସୀଙ୍କ ଅଜାଣତରେ ଗତକାଲି ରାତିରେ ୫୦ରୁ ଊର୍ଦ୍ଧ୍ୱ ଶାଗୁଆନ, ଶିଶୁ, ଆକାଶିଆ ଆଦି ଗଛକୁ ଓପାଡି ଦେଇଛନ୍ତି। ଏପରିକି ଅନେକ ଗଛକୁ ଓପାଡ଼ି ନଦୀରେ ଭସାଇ ଦେଇଥିବା ଜଗବନ୍ଧୁ ଜେନା, ମୁରଲୀ ସେଠୀ, ଲକ୍ଷ୍ମୀନାରାୟଣ ନନ୍ଦ, ଜଗତ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ଅନ୍ତର୍ଯ୍ୟାମୀ ସାହୁ, ନଟବର ମହାରଣା, ବେଣୁ ଜେନା, ଶ୍ରୀଧର ଜେନା, ଗଣେଶ ଜେନା, ଗୋପାଳ ସେଠୀ, ଶୁକଦେବ ପଣ୍ଡା, ସୁବାଷ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ନରହରି ପତି, ପରୀକ୍ଷିତ ଜେନା, ବଳରାମ ପଣ୍ଡା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନା ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଆଜି ଶତାଧିକ ଗ୍ରାମବାସୀ ଏକଜୁଟ୍ ହୋଇ ଏପରି ବେଆଇନ୍ ବାଲିଘାଟକୁ ବନ୍ଦ କରିବା ସହିତ ମୂଲ୍ୟବାନ ଗଛ ଓପାଡ଼ି ଥିବା ଓ ନଷ୍ଟ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



## ବଜ୍ରପାତରେ ଯୁବକ ମୃତ

ବଡସାହି, ୮।୧୦(ସମିସ): ବଡସାହି ଥାନା ଅଧୀନ ଭୀମଦା ପଞ୍ଚାୟତ ଅର୍ଜ୍ଜୁନବାରିଆ ଗ୍ରାମରେ ଜଣେ ଯୁବକ ବିଲରେ କାମ କରୁଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହେବାରୁ ଗୁରୁତର ଆହତ ହୋଇପଡିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଉଦ୍ଧାର କରି ମାଣତ୍ରୀ ଡାକ୍ତରଖାନରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ମଦନ ସିଂର ପୁଅ ବାପି ସିଂ(୩୦)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମହୁଲି ମଦ ଜବତ; ଜଣେ ଗିରଫ

ମହୁଲଡିହା, ୮।୧୦(ସମିସ): ଠାକୁରମୁଣ୍ଡା ଅବକାରୀ ବିଭାଗ ଚଢ଼ଉ କରି ୨୫୦୦ କେଜି ମହୁଲ ପୋଚ ଏବଂ ୭୦ ଲିଟର ମହୁଲି ମଦ ନଷ୍ଟ କରିବା ସହିତ ଜଣକୁ ଗିରଫ କରିଛି। ଗିରଫ ଜଣକ ହେଲେ ମଙ୍ଗଲୁ ସୁଣ୍ଡି (୩୦)। ସେହିପରି ବାଲଡିହା ନାଳକୂଳରେ ମଦ ରନ୍ଧାଯାଉଥିବା ଖବର ପାଇ ଅବକାରୀ ବିଭାଗ ଚଢଉ କରିଥିଲା। ମାତ୍ର ଅବକାରୀ ବିଭାଗଙ୍କୁ ଦେଖି ମଦ ରାନ୍ଧୁଥିବା ଲୋକେ ଫେରାର ହୋଇଯାଇଥିଲେ। ପରେ ଅବକାରୀ ବିଭାଗ ୨୫୦୦ କେଜି ମହୁଲ ପୋଚ ଏବଂ ୭୦ ମହୁଲି ମଦକୁ ନଷ୍ଟ କରିଛି।

## ଛଠ ମହୋତ୍ସବ ପ୍ରସ୍ତୁତି ବୈଠକ




ରାଇରଙ୍ଗପୁର, ୮।୧୦(ସମିସ): ଛଠ ପର୍ବ ସାମାଜିକ ଓ ସାଂସ୍କୃତିକ ଟ୍ରଷ୍ଟ ରାଇରଙ୍ଗପୁର ଖଡକାଇ ନଈ ଛଠ ଘାଟରେ ଛଠ ମହୋତ୍ସବ ୨୦୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଟ୍ରଷ୍ଟ ଅଧ୍ୟକ୍ଷ ବିଜୟ କୁମାର ରାମଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଅବଧେଶ ମିଶ୍ର, ରାଜେଶ କୁମାର ପ୍ରଜାପତି, ମଦନ ରଜକ, ଲାଲବାବୁ ସାଓ, ଚନ୍ଦ୍ରଭୁଷଣ (ଛୋଟୁ) ଯାଦବ, ମୟୁର ଗୁପ୍ତା, ବୈଦ୍ୟନାଥ ସାଓ, ବିନୋଦ ଦାସ, କିଶୋର ରଜକ, ସୌରଭ ପଟ୍ଟନାୟକ, ବାପି ସାହୁ, ପ୍ରମୁଖ ଉପସ୍ଥିତ ରହି ଛଠ ପୂଜା କିପରି ଶାନ୍ତିପୂର୍ଣ୍ଣ ଭାବରେ ହେବ ସେ ନେଇ ଆଲୋଚନା କରିଥିଲେ।

## ଆଇନଜୀବୀଙ୍କ କଲମ ଛାଡ ଆନ୍ଦୋଳନ



ରାଇରଙ୍ଗପୁର, ୮।୧୦(ସମିସ): ରାଇରଙ୍ଗପୁର ସିଭିଲ କୋର୍ଟ ଆଇନଜୀବୀ ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ କଚେରୀ ପ୍ରାଙ୍ଗଣ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକତ୍ରିତ ହୋଇ ବ୍ରହ୍ମପୁର ସ୍ଥିତ ବାସଗୃହରେ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା କରାଯାଇଥିବା ନେଇ ରାଇରଙ୍ଗପୁର ସିଭିଲ କୋର୍ଟ ଆଇନଜୀବୀ ସଂଘ କଲମ ଛାଡ ଆନ୍ଦୋଳନ କରିଛି। ସରକାର ସ୍ୱର୍ଗତ ପଣ୍ଡାଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ କରନ୍ତୁ ବୋଲି ଦାବି ଜଣାଇଛନ୍ତି।

## କଂଗ୍ରେସର 'ଭୋଟ ଚୋର ଗାଦି ଛାଡ' କାର୍ଯ୍ୟକ୍ରମ ଶୁଭାରମ୍ଭ



ବାରିପଦା, ୮ ।୧୦(ସମିସ): ରାହୁଲ ଗାନ୍ଧୀଙ୍କ ନାରା 'ଭୋଟ ଚୋର ଗାଦି ଛାଡ'କୁ ତୃଣମୂଳସ୍ତରରେ ସଫଳ କରିବା ପାଇଁ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ, ବ୍ଲକ କଂଗ୍ରେସ ସଭପତି, ନେତୃବୃନ୍ଦଙ୍କ ଉପସ୍ଥିତରେ ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଶୁଭାରମ୍ଭ ହୋଇଛି। ଜିଲ୍ଲା ପର୍ଯ୍ୟବେକ୍ଷକ ଯଶୋବନ୍ତ ସିଂ ଲାଗୁରୀ, ପୂର୍ବତନ ସାଂସଦ ସୁଶିଳା ତିରିଆଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଶ୍ରୀ ବିଶ୍ୱାଳ ରାହୁଲ୍ ଗାନ୍ଧୀଙ୍କ ଏହି କାର୍ଯ୍ୟକ୍ରମକୁ ବ୍ଲକ ସ୍ତରରେ ସଫଳ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଗାମୀ ଦିନରେ ଦଳକୁ ମଜଭୁତ କରିବା ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଆଡଭୋକେଟ ଜ୍ୟୋତିପ୍ରକାଶ ରଥ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ନେତା ହେମନ୍ତ ଦାସ, ଚୈତନ୍ୟ ହାଁସଦା, କ୍ଷୀରୋଦ ପାତ୍ର, ପ୍ରଦୀପ ମିଶ୍ର, ଉତ୍ତମ ବେହେରା, ବିଜୟ ସିଂ, ଜୀବନ ବାରିକ, ବନମାଳୀ ବାରିକ, ମହମ୍ମଦ ରକିମ, ଅସିତ ଦାସ, ଅଶୋକ ଗିରି, ରବୀନ୍ଦ୍ର ସାହୁ,, ଶାନ୍ତନୁ ପାଲ, ସତ୍ୟକାମ ସେନାପତି ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଶେଷରେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ଦିବସ ପାଳିତ

## ଶ୍ରୀବତ୍ସ ଓ ଲାଡୁଙ୍କୁ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ପ୍ରଦାନ




ବାରିପଦା, ୮।୧୦(ସମିସ): ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ସଙ୍କଳ୍ପ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଛି। ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଲୋକାୟୁକ୍ତ ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା, କରଞ୍ଜିଆ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୋଚ୍ଛାୟତ, ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ ଯୋଗଦେଇ ଜନସାଧାରଣଙ୍କ ସହଭାଗିତା ଜରିଆରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିମିଳିପାଳର ସୁରକ୍ଷା ଦେଲେ ବନ୍ୟପ୍ରାଣୀ ସୁରକ୍ଷିତ ରହିପାରିବେ। ବିଶ୍ୱ ଦରବାରରେ ଶିମିଳିପାଳ କଳା ବାଘ ପାଇଁ ପରିଚୟ ହାସଲ କରିଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ସମ୍ମିଳିତ ପ୍ରୟାସ ଜରୁରୀ ବୋଲି ଡ.ସ୍ୱାଇଁ ମତପ୍ରକାଶ କରିଥିଲେ। ଏହି ଅବସରରେ ବାରିପଦା ସବଡିଭିଜନ ଅଧିନରେ ବାରିପଦା ବନଖଣ୍ଡରୁ ଶ୍ରୀବତ୍ସ ବେହେରା ଓ କରଞ୍ଜିଆ ସବଡିଭିଜନରୁ ଲାଡୁ ବଦ୍ରାଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଭାବେ ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଛି। ଏସିଏଫ ପ୍ରଦୀପ କୁମାର ଦେ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ବନଅଧିକାରୀ କର୍ମଚାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବାଙ୍ଗରିପୋଷି ବ୍ଲକ ବଣକାଟି ଏସଏସଡି ବାଳିକା ହାଇସ୍କୁଲର ଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗୀତାରେ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏସିଏଫ ମେହରବାନ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।

## ମେଗା ଏକ୍ସପୋ ବିକଶିତ ଓଡିଶା ପ୍ରଦର୍ଶନୀ ଶୁଭାରମ୍ଭ

ରାଇରଙ୍ଗପୁର, ୮।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ରାଇରଙ୍ଗପୁର କଚେରୀ ଷ୍ଟାଡିୟମ୍ ପଡିଆଠାରେ ଏକ ମେଗା ଏକ୍ସପୋ ବିକଶିତ ଓଡିଶା ପ୍ରଦର୍ଶନୀ ମେଳା ଗତ ୭ ତାରିଖରୁ ଶୁଭାରମ୍ଭ ହୋଇଛି। ଏହି ମେଳା ୯ ତାରିଖରେ ଉଦ୍‌ଯାପିତ ହେବ। ମଙ୍ଗଳବାର ଉଦଘାଟନୀ ସମାବେଶରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ, ବରିଷ୍ଠ ନେତା ସଂଜୀବ ମହାନ୍ତି ଓ ସାଂସଦ ପ୍ରତିନିଧି ମନୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୀତାଞ୍ଜଳି ତ୍ରିପାଠୀ, କାଳିପ୍ରସନ୍ନ ମହାନ୍ତି, ଶୁଭକାନ୍ତ ନାୟକ, ରାଜେଶ କୁମାର ରାମ, ମାନସ ଦାସ ଓ ଅଭିଜିତ ନନ୍ଦ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପରେ ବିଧାୟକ ଭାଦବ ହାଁସଦାଃ, ଜଲେନ ନାଏକ ଓ ପ୍ରକାଶ ସୋରେନ ବିକଶିତ ଓଡିଶା ସଂପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ଶେଷରେ ମୁଖ୍ୟଅତିଥି ଆସନ୍ତା ୨୦୩୬ ବେଳକୁ ବିକାଶର ସ୍ୱତନ୍ତ୍ର ଓଡିଶା ପରିକଳ୍ପନା କରାଯାଉଥିଲା ବେଳେ ୨୦୪୭ ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ବିକାଶଶୀଳ ରାଷ୍ଟ୍ରରେ ଗଠନ କରିବା ଓ ଆଜି ଓଡିଶା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ଯୋଗାଯୋଗ, ବେପାର ବାଣିଜ୍ୟ ଆଦି କ୍ଷେତ୍ରରେ ଉନ୍ନତି କରିଛି। ତାହାକୁ ବିକଶିତ ଓଡିଶା ପ୍ରଦର୍ଶନୀ ମାଧ୍ୟମରେ ପ୍ରଦର୍ଶନ କରିବା ଲକ୍ଷ୍ୟ ବୋଲି କହିଥିଲେ। ଶିକ୍ଷକ ରଂଜନ କୁମାର ନନ୍ଦ ପରିଚାଳନା କରିଥିବା ବେଳେ ଅଧ୍ୟାପକ ବିଜୟ କୁମାର ରାମ ଧନ୍ୟବାଦ ଅର୍ପଣ କରିଥିଲେ।



## କୁଳିଅଣା ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା



କୁଳିଅଣା, ୮।୧୦(ସମିସ): ବୁଧବାର ଅପରାହ୍ନରେ କୁଳିଅଣା ଲ୍ୟାମ୍ପସର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସମିତି ସଭାପତି ଶରତ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସଭାରେ ବରିଷ୍ଠ ସମବାୟବିତ ସୁଧାଂଶୁ କୁମାର ପାଣିଗ୍ରାହୀ, ଉପସଭାପତି ଅମ୍ବିକା ନାଏକ, ସଭ୍ୟ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ବୈଲୋଚନ ନାଏକ, ଆଦିକନ୍ଦ ସାହୁ, ମଙ୍ଗୁଲୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଥମେ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଚାଷୀଙ୍କୁ ଉନ୍ନତମାନର ବିହନ ଯୋଗାଣ, ଚାଷ ଉପକରଣ ଓ ଋଣ ସରଳୀକରଣ ସମ୍ପର୍କରେ ସୂଚନା ଦିଆଯାଇଥିଲା। ୨୦୨୪-୨୫ ବର୍ଷରେ ମୋଟ ୧୧ କୋଟି ୯୮ ହଜାର ୨୭୩ ଜମା ହୋଇଥିବାବେଳେ ୧୧ କୋଟି ୯୮ ହଜାର ୨୯୧ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୪-୨୫ ବଜେଟ୍ ଅନୁସାରେ ୯୫,୩୦,୭୦୪ ଟଙ୍କା ଆୟ ହୋଇଥିବାବେଳେ ୪୯,୪୪,୫୬୬ ଟଙ୍କା ବ୍ୟୟ ହୋଇଛି। ୨୦୨୪- ୨୫ ବର୍ଷରେ ୬୮ ଜଣ ନୂତନ ସଭ୍ୟ ପଞ୍ଜୀକୃତ ହୋଇଛନ୍ତି ଏବଂ ସେମାନଙ୍କୁ ଋଣ ପ୍ରଦାନ କରାଯାଇଛି। ୪୩ ଜଣଙ୍କୁ ୧୭ ଲକ୍ଷ ୪୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି ୨୦୦ କ୍ୱିଣ୍ଟାଲ ଧାନ ବିହନ ଯୋଗାଇ ଦିଆଯାଇଥିବା ବେଳେ ୭୭୪ ଜଣ ଚାଷୀଙ୍କ ଠାରୁ ୨୩୩୪୯.୯୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଶେଷରେ ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ନାଏକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୁରୁଣାବାନ୍ଧଗୋଡ଼ା ଲକ୍ଷ୍ମୀ ମନ୍ଦିର ଚଳଚଞ୍ଚଳ



ରାମଚନ୍ଦ୍ରପୁର, ୮ ।୧୦(ସମିସ): ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡା ପତିତପାବନ କ୍ଷେତ୍ରରେ ଥିବା ମହାଲକ୍ଷ୍ମୀ ମନ୍ଦିରରେ ବିଶେଷ ପୂଜାନୀତି ସମ୍ପନ୍ନ କରାଯାଇଛି। ଗ୍ରାମର ରଞ୍ଜିତ ଧୀର ଏବଂ ତାଙ୍କ ଧର୍ମପତ୍ନୀ ରେବତୀ ଧୀର ସଂକଳ୍ପରେ ବସିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଆଶୁତୋଷ ମାଝୀ, ନାରଣ ସେନାପତି, ସୁରଥ ଧୀର, ଭୀମସେନ ମାଝୀ, ତାରିଣୀ ପ୍ରସାଦ ପଟ୍ଟନାୟକ, ଅଭିଷେକ ମାଝୀ, ଶ୍ରୀକାନ୍ତ ଜେନା, ଆର୍ତ୍ତସାରଥୀ ପଟ୍ଟନାୟକ, ସମ୍ବିତ ମାଝୀ, ସୁକାନ୍ତ ଜେନା, ପିକେଶ୍ ମାଝୀ, ବାପୁଜୀ ନାୟକ ସମେତ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କାଠକଟାରେ ବନ୍ୟପ୍ରାଣୀ ସପ୍ତାହ



ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁର ବ୍ଲକ କାଠକଟାଠାରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଜଙ୍ଗଲ ସୁରକ୍ଷା ଆମର ରକ୍ଷା ଜଙ୍ଗଲ ସୁରକ୍ଷା ହେଲେ ଜୀବଜନ୍ତୁ ସୁରକ୍ଷା ହେବ ବୋଲି ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ହଦଗଡ଼ ବନାଞ୍ଚଳ କାଠକଟାଠାରେ ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ବନପ୍ରାଣୀ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ବନଅଧିକାରୀ ଅଶୋକ କୁମାର ବିଶ୍ୱାଳ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ ଅତିଥି ଭାବେ ଯୋଗ ଦେଇଥିଲେ। କାଠକଟା ସେକ୍ସନର ସମସ୍ତ ବନ ସୁରକ୍ଷା ସମିତିର ସଦସ୍ୟା ଏବଂ ସ୍ୱୟଂ ସହାୟକ ସଦସ୍ୟାମାନେ ମତ ରଖିଥିଲେ। କାଠକଟା ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ ହଦଗର ଫରେଷ୍ଟର ମଳୟ କୁମାର ସାହୁ ସହଯୋଗ କରିଥିଲେ।

## ଓସିଏସ୍ ପରୀକ୍ଷାରେ ଲୋହିତଙ୍କ ସଫଳତା



ଖୁଣ୍ଟ, ୮।୧୦(ସମିସ): ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଶୁକ୍ରୁଳି ବ୍ଲକ ଅନ୍ତର୍ଗତ ଆଦିପୁର ଗ୍ରାମର ରତ୍ନାକର ମହାନ୍ତ ଓ ଜୟନ୍ତୀ ମହାନ୍ତଙ୍କ ପୁତ୍ର ଲୋହିତ କୁମାର ମହାନ୍ତ ୨୧୯ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ସଫଳତା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭା ପ୍ରାକ୍ତନ ଶିକ୍ଷକ ପୁରୁଷୋତ୍ତମ ମହାନ୍ତ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡ଼ାଇ, ମୁଖ୍ୟବକ୍ତା ଭାବେ ଏବିଓ ସୁରେନ୍ଦ୍ର ରାଉତ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଜିପିଓ ମହେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବରେ ସୁରେଶ ଚନ୍ଦ୍ର ମହାନ୍ତ, ସତ୍ୟ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୁଶୀଲ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ତାଙ୍କର କର୍ମମୟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଶେଷରେ ଗ୍ରାମବାସୀଙ୍କ ତରଫରୁ ଉପଢୌକନ ସ୍ୱରୂପ କଳାମୁଗୁନି ପଥର ନିର୍ମିତ ଗଣେଶ ମୂର୍ତ୍ତି ଉପହାର ଦିଆଯାଇଥିଲା।

## ପଦ୍ମପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଆନନ୍ଦପୁର, ୮।୧୦ (ସମିସ): ଆନନ୍ଦପୁର ପୌରାଞ୍ଚଳର ପଦ୍ମପୁରରେ ଶ୍ରୀ ଲକ୍ଷ୍ମୀପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଜୟ ମା' ଦୁର୍ଗା କଳା ନିକେତନ, ଫକୀରପୁର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପଦେଷ୍ଟା ପ୍ରଦୀପ କୁମାର ରାମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନୃତ୍ୟଶିଳ୍ପୀ ଶୁଭସ୍ମିତା ମାଝୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା (ନନ୍ଦିନୀ), ପ୍ରୀତିମୟୀ ଶର୍ମା, ଅନନ୍ୟା ଅନୁପ୍ରିୟା, ସ୍ୱିଟି ଜେନା, ସ୍ୱପ୍ନାରାଣୀ ନାହାକ, ଅଙ୍କିତା ରାମ୍, ନନ୍ଦିନୀ ଦାସ, ସୌମ୍ୟାଶ୍ରୀ ନାହାକ, ତୁଳସୀ ଦାସ, ସୋନି ସେଠୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ କୁନି କୁନି କଳାକାରଙ୍କୁ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

## ପ୍ରସ୍ତାବିତ ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଜନମତ ସାଉଁଟିଲେ ବିଧାୟକ

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସପକ୍ଷବାଦୀ ଜନମଞ୍ଚର ୩୨ ଦାବି


ଡୁରୁମୁଙ୍ଗା, ୮।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ଓ ଯମୁନାପଶି ପଞ୍ଚାୟତ ୧୨ଟି ମୌଜାରେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ହେବାକୁ ଥିବା ବେଳେ ଲୋକଙ୍କ ମନରେ ଏବେ ବିସ୍ଥାପନକୁ ନେଇ ଅସନ୍ତୋଷ ଓ ଦ୍ୱନ୍ଦ୍ୱ ଲାଗି ରହିଛି। ଏଥିପାଇଁ ନାନା ଆଶଙ୍କା ମଧ୍ୟରେ ସ୍ଥାନୀୟ ଚମ୍ପୁଆ ବିଧାୟକ ରାଜ୍ୟ ସରକାରଙ୍କ ନୀତି ସ୍ପଷ୍ଟ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ନିକଟକୁ ବିସ୍ଥାପିତଙ୍କ ସହାୟତା ଉଦ୍ଦେଶ୍ୟରେ ୩୨ଟି ଦାବି ଉପସ୍ଥାପନ କରିଛନ୍ତି। ଲୋକଙ୍କ ସମସ୍ୟା ଦୂର ପାଇଁ ଏକ ଇସ୍ପାତ ପ୍ରକଳ୍ପ ସପକ୍ଷବାଦୀ ଜନମଞ୍ଚ ଗଠନ କରି ମଞ୍ଚ ସଭାପତି ଡ ସଞ୍ଜୀବ ଘଣାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ୩୨ଟି ଦାବି ରଖିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲ୍ଲାବାସୀଙ୍କ ପାଇଁ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଅଞ୍ଚଳରେ ଷ୍ଟିଲ ପ୍ଲାଣ୍ଟ ହେଲେ କେନ୍ଦୁଝର ଜିଲ୍ଲାର ବିକାଶ ଅଗ୍ରଗତି ହେବ। ଏଠାରେ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନା ପାଇଁ ପୋସ୍କୋ ଓ ଜେଏସ୍‌ଡବ୍ଲୁ ସରକାରଙ୍କ ନିକଟରେ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ୧୨ଟି ଗ୍ରାମର ୨୪୬୬ ଏକର ଜମି ଅଧିଗ୍ରହଣ କରାଯିବ। ସେଥିରୁ ୯୭୬ ଏକର ସରକାରୀ ଜମି ଏବଂ ୧୪୯୦ ଏକର ଘରୋଇ ଜମି ରହିଛି। ଏଥିସହ ପ୍ରକଳ୍ପ ପାଇଁ ୭୯୪ ଏକର ଜଙ୍ଗଲ ଜମି ମଧ୍ୟ ଅଧିଗ୍ରହଣ ହେବ।

ଷ୍ଟିଲ ପ୍ଲାଣ୍ଟକୁ ପ୍ରବଳ ବିରୋଧ ସତ୍ତ୍ୱେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଏହି ଅଞ୍ଚଳରେ ହେଉଥିବା ଫୁଟବଲ ଖେଳରେ ବିଭିନ୍ନ ପୂଜାମଣ୍ଡପ ବୁଲି ଯୋଗ ଦେଉଛନ୍ତି। ଗୋଡିପୋଖରୀ ଗ୍ରାମର କୀର୍ତ୍ତନ ମଣ୍ଡପ ପାଇଁ ୧୦ ଲକ୍ଷ ସହ ଲକ୍ଷ୍ମୀ ପେଣ୍ଡାଲ ନିର୍ମାଣ ୨ ଲକ୍ଷ ମଞ୍ଜୁର କରିଛନ୍ତି। ଏଥିସହ ଯୁବପିଢିଙ୍କ ପାଇଁ ଖେଳ ପଡ଼ିଆ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ବିସ୍ଥାପିତ ଅଞ୍ଚଳର ଲୋକଙ୍କୁ ଭେଟିବା ପରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ପ୍ରକଳ୍ପ ପ୍ରାରମ୍ଭରୁ ୧୨ଟି ପ୍ରସ୍ତାବିତ ଗ୍ରାମର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଇସ୍ପାତ କାରଖାନା ସପକ୍ଷବାଦୀ ଜନମଞ୍ଚର ୩୨ଟି ପ୍ରମୁଖ ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ ପାଇଁ ମଞ୍ଚ ତରଫରୁ ପ୍ରସ୍ତାବ ଦିଆଯାଇଛି। ଆଗକୁ କିପରି ସୁରୁଖୁରୁରେ ବିସ୍ଥାପିତ ଲୋକଙ୍କ ଦୁଃଖ ଦୂର ହେବା ସହ କିପରି କ୍ଷତିଗ୍ରସ୍ତ ନହେବ ସେନେଇ ବିଧାୟକ ଚିନ୍ତା ବ୍ୟକ୍ତ କରିଛନ୍ତି।



## ଶାଳଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବଡସାହି, ୮ ।୧୦(ସମିସ): ବଡସାହି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ରାଜ୍ୟ ଅବସରପ୍ରାପ୍ତ ଜଙ୍ଗଲ ପଦାଧିକାରୀ କଲ୍ୟାଣ ସଂଘ ଓଡ଼ିଶା, ଇକୋକ୍ଲବ, ଶାଳଗାଁ ସହଯୋଗରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ପାତ୍ର, ସ୍ୱତନ୍ତ୍ର ଅତିଥି ଦିଲ୍ଲୀପ କୁମାର ବାରିକ, ମୁଖ୍ୟବକ୍ତା ଭାବେ ବଟକୃଷ୍ଣ ପାଢ଼ୀ ଅବସର ପ୍ରାପ୍ତ ଉପ ବନ ସଂରକ୍ଷକ, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ଦାସ ଅବସରପ୍ରାପ୍ତ ବନାଞ୍ଚଳଅଧିକାରୀ, ସରୋଜ କୁମାର ବେହେରା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଜୟନ୍ତୀ ପାତ୍ର ବେତନଟୀ ଜଙ୍ଗଲ ବିଭାଗର ବନରକ୍ଷୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅତିଥି ବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ଲାକାର୍ଡ ଧରି ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଶାଳଗାଁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଓ ଗ୍ରାମବାସୀ ଯୋଗ ଦେଇଥିଲେ।



## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସଭା




କେନ୍ଦୁଝର, ୮।୧୦(ସମିସ): କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ୭୧ତମ ବାର୍ଷିକ ସାଧାରଣ ସଭା ବ୍ୟାଙ୍କ ସଭାପତି କାନନ ବିହାରୀ ପହିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ସମସ୍ତ ପୃଷ୍ଟପୋଷକଙ୍କୁ ଲାଭାଂଶ ବଣ୍ଟନ କରାଯାଇଥିବା ବେଳେ ଚାଷୀଙ୍କୁ ୫୬୨୮୯ ଲକ୍ଷ ଟଙ୍କା ଋଣ ଦିଆଯାଇଥିବା ଶ୍ରୀ ପହି ସୂଚନା ଦେଇଥିଲେ। ଅପରପକ୍ଷରେ ରାଜ୍ୟ ସମବାୟ ବ୍ୟାଙ୍କ୍ ମାଧ୍ୟମରେ ନାବାର୍ଡଠାରୁ ୪୦୦୮୬ ଲକ୍ଷ ଟଙ୍କା ଋଣ ଗ୍ରହଣ କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ୍, ଅନ୍ୟାନ୍ୟ ବ୍ୟବସାୟିକ ବ୍ୟାଙ୍କ୍ ସରକାରୀ ବଣ୍ଡରେ ମୋଟ ୭୪୯୭୬ ଲକ୍ଷ ଟଙ୍କା ଗଚ୍ଛିତ ଅଛି ବୋଲି ସଭାପତି କରିଛନ୍ତି। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ଦାସ ଆର୍ଥିକ ବର୍ଷ ୨୦୨୪-୨୫ ବିବରଣୀ ପଠନ କରିଥିଲେ। କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଉପସଭାପତି ରଶ୍ମିରେଖା ଚକ୍ର, ନିର୍ଦ୍ଦେଶକ ଦେବପ୍ରିୟ ପତ୍ର, ସମବାୟ ୟୁନିଟ ସଭାପତି ଅଟଳ ବିହାରୀ ଶତପଥୀ, ଡିଡିଏମ କୁରେଶ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ ଶ୍ରୀ ରଥ ଏବଂ ବ୍ୟାଙ୍କର ଉପଦେଷ୍ଟା ଅମର ବର ଖଟୁଆ ପ୍ରମୁଖ ଉଦବୋଧନ ହୋଇଥିଲେ। ସଭାକୁ ବରିଷ୍ଠ ସମବାୟବିତ ଦେବାଶିଷ ମିଶ୍ର ଏବଂ ବ୍ୟାଙ୍କର ପରିଚାଳକ ଆଲୋକ ବଳ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଲ୍ୟାମ୍ପସ ଓ ପ୍ୟାକ୍ସ ସଭାପତି ଓ ସଦସ୍ୟମାନେ ମତ ଉପସ୍ଥାପନା କରିଥିଲେ।





ସକାଳ
THE SAKALA
www.sakalaepaper.com

# ପ୍ରତିରୋପଣ ପରେ ବଦଳିଯାଉଛି ମଣିଷର ଆଚରଣ

### ହୃତ୍‌ପିଣ୍ଡ ଦେଇଥିବା ବ୍ୟକ୍ତିଙ୍କ ପରି ହେଇଯାଉଛି ହାବଭାବ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପରିବର୍ତ୍ତିତ ଜୀବନଶୈଳୀ, ପୁଷ୍ଟିକର ଖାଦ୍ୟ ଏବଂ ବ୍ୟାୟାମର ଅଭାବ ଯୋଗୁଁ ଦେଶରେ ହୃତ୍‌ପିଣ୍ଡ ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଏହା ଅଚାନକ ହୃଦ୍‌ଘାତର କାରଣ ପାଲଟି ଯାଉଛି। ଭାରତରେ ପ୍ରାୟ ୫୨୩ ନିୟୁତ ଲୋକେ ହୃତ୍‌ପିଣ୍ଡ ଜନିତ ରୋଗରେ ପୀଡ଼ିତ ବୋଲି ଜଣାପଡିଛି। ଅନେକ ଏହି ରୋଗରେ ପଡ଼ି ପ୍ରାଣ ହରାଉଛନ୍ତି। କିନ୍ତୁ ଏହି ଦୂରାରୋଗ୍ୟରୁ ଆରୋଗ୍ୟ ହେଉ ନଥିବା କିଛି ଧନାଢ୍ୟ ବ୍ୟକ୍ତି ଶେଷରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରୁଛନ୍ତି। କିନ୍ତୁ ସମସ୍ୟା ଏହି କି ଯେ ଅସ୍ତ୍ରୋପଚାର ପରେ ଅଧିକାଂଶଙ୍କ ଜୀବନଶୈଳୀ, ଚାଲିଚଳଣୀ, ଚିନ୍ତାଧାରା ବଦଳି ଯାଉଛି। ପୂର୍ବରୁ ଯାହାକୁ ବାଇକ୍ ଚଲାଇବାକୁ ପସନ୍ଦ ହେଉ ନ ଥିଲା ସେ ଏବେ ରେସିଂ ବାଇକ୍ ପଛରେ ପଡିଛି। ଆଉ କିଏ ଭାରତୀୟ ଖାଦ୍ୟକୁ ଛାଡ଼ି ଚାଇନିଜ୍ ମାୟାରେ ଫସି ଯାଇଛି। ଅନେକଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ହୋଇଛି।

ଅହମଦାବାଦର ନରହରିଭାଇ ପଟେଲ କହିଛନ୍ତି ଯେ ଗତ ସାତ ବର୍ଷ ହେଲା ସେ କାର୍ ଚଳାଉଛନ୍ତି। ତାଙ୍କୁ ଜମାରୁ ବାଇକ ପସନ୍ଦ ନୁହେଁ। ବାଇକ ତାଙ୍କୁ ବିପଦ ଭଳି ଲାଗେ। କିନ୍ତୁ ଗତ ୬ ମାସ ହେଲା ସେ ସ୍ପୋର୍ଟ୍ସ ବାଇକ ପଛରେ ପଡି ଯାଇଛନ୍ତି। ଏଥିରେ ଲେହ, ଲଦାଖ ବୁଲିବାକୁ ଚାହୁଁଛନ୍ତି। ତେଣୁ ଏହା କିଣିବା ପାଇଁ ଲାଗିଛନ୍ତି। ଦୁଇ ତିନୋଟି ବାଇକ ମଧ୍ୟ ଦେଖି ସାରିଲେଣି। ଏହାକୁ ଘର ଲୋକ ମଧ୍ୟ ଚିନ୍ତିତ ଅଛନ୍ତି। ଯଦି ବାଇକ ଚଲାଇବନି ତେବେ କିଣିବ କାହିଁକି ବୋଲି ପଚାରୁଛନ୍ତି। ଏହାକୁ ହଠାତ୍ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ କଥା ମନେ ପଡ଼ି ଯାଇଥିଲା। ୨୦୨୪ ଜାନୁଆରୀରେ ୧୪ ବର୍ଷ ସାନ ଯୁବକଙ୍କ ହୃତ୍‌ପିଣ୍ଡ ତାଙ୍କଠାରେ ଲାଗିଥିଲା। ସେ ବାଇକକୁ ବହୁତ ପସନ୍ଦ କରୁଥିଲେ। ତେଣୁ ଏବେ ତାଙ୍କୁ ବାଇକ ଭଲ ଲାଗୁଛି। ଚାଇନିଜ ଖାଇବାକୁ ଭଲ ପାଉଛନ୍ତି। ଆଦୌ ଝଗଡ଼ା କରୁ ନ ଥିବା ପଟେ ଏବେ ଟିକେ ଟିକେ କଥାରେ ରାଗି ଯାଉଛନ୍ତି। ପ୍ରତିରୋପଣ ପରେ ସେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି। କେବଳ ପଟେଲ ନୁହଁନ୍ତି ଏଭଳି ଅନେକ ବ୍ୟକ୍ତିଙ୍କ ରୁଚି ଏବଂ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି।

ହାର୍ଟ ପମ୍ପିଂରେ ସମସ୍ୟା ହେବାରୁ ୨୦୨୦ ଜୁଲାଇ ୧୦ରେ ଅହମଦାବାଦର ସାକ୍ଷିତାବେନଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ଏକ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ସୁରଟର ୨୪ ବର୍ଷୀୟ ମହର୍ଷ ପଟେଲଙ୍କ ହୃତ୍‌ପିଣ୍ଡ ତାଙ୍କୁ ମିଳିଥିଲା। ଏହି ଅସ୍ତ୍ରୋପଚାର ପରେ ତାଙ୍କ ହାବଭାବ ବଦଳି ଯାଇଥିଲା। ସେ ଚିଡ଼ିଚିଡ଼ା ହେବାରେ ଲାଗିଥିଲେ। ପୂର୍ବରୁ କାହାକୁ ଜବାବ ଦେଉ ନ ଥିବା ସାକ୍ଷିତା ଏବେ ଶୀଘ୍ର ରାଗି ଯାଉଛନ୍ତି। ତାଙ୍କ ଖାଦ୍ୟ ଶୈଳୀ ମଧ୍ୟ ବଦଳି ଯାଇଛି। ପୂର୍ବରୁ ପସନ୍ଦ ଆସୁ ନ ଥିବା ଗୁଜରାଟୀ ଖାଦ୍ୟ ତାଙ୍କୁ ଏବେ ଭଲ ଲାଗୁଛି। ଆଇସକ୍ରୀମ ଅଧିକ ଖାଉଛନ୍ତି। ସ୍ୟାଣ୍ଡୱିଚ ପସନ୍ଦ କରୁ ନ ଥିବା ସାକ୍ଷିତା ଅସ୍ତ୍ରୋପଚାର ପରେ ଏହା ଖାଇ ଚାଲିଛନ୍ତି। ଏ ସବୁ ଜିନିଷ ମହର୍ଷଙ୍କୁ ଭଲ ଲାଗେ। ତେଣୁ ଏବେ ତାଙ୍କୁ ଭାଲ ଲାଗୁଛି ବୋଲି ସେ ପଚରାଉଚୁରା କରିବାରୁ ଜାଣି ପାରିଛନ୍ତି। ସେହିପରି ୧୩ ବର୍ଷ ବୟସରେ ଜାମନଗରର ବାସିନ୍ଦା ଭୂମିକାଙ୍କ ୨୦୨୨ ମାର୍ଚ୍ଚ ୧୫ରେ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ଜଣେ ୨୧ ବର୍ଷୀୟ ରାଜସ୍ଥାନୀ ଯୁବକଙ୍କ ହୃତପିଣ୍ଡ ତାଙ୍କଠାରେ ଲାଗିଥିଲା। ଏହା ପରେ ଭୂମିକାଙ୍କଠାରେ ବଡ଼ ପରିବର୍ତ୍ତନ ହୋଇଥିଲା। ପ୍ରଥମେ ଭୂମିକାଙ୍କୁ କଦଳୀ ପସନ୍ଦ ନ ଥିଲା। କିନ୍ତୁ ପରେ ଏହାକୁ ଖାଇବା ଆରମ୍ଭ କରିଥିଲେ। ଏବେ ଏହି ସବୁ ପରିବର୍ତ୍ତନ ବିଷୟରେ ଗବେଷଣା ଜାରି ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।

# ପାକିସ୍ତାନରେ ସଂଘର୍ଷ; ୩୦ ନିହତ



ଇସଲାମାବାଦ୍, ୮ ।୧୦(ଏଜେନ୍ସି): ତେହରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ଖାଇବର ପଖତୁନଖ୍ୱା ଅଞ୍ଚଳରେ ପୁଣି ଏକ ବଡ଼ ଧରଣ ଆକ୍ରମଣ କରିଛି। ଏଥିରେ ୧୧ ଜଣ ପାକିସ୍ତାନ ସୈନିକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଲେଖାଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ସାମିଲ ରହିଛନ୍ତି। ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଥିବା କୁରମ ଜିଲ୍ଲାରେ ପାକ୍ ସେନା ଟିଟିପି ବିରୋଧରେ ଅପରେସନ ଜାରି ରଖିଛି। ଫଳରେ ଦୁଇପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଟିଟିପିର ୧୯ ଜଣ ଯୋଦ୍ଧା ମଧ୍ୟ ନିହତ ହୋଇଛନ୍ତି। ଟିଟିପି ଆକ୍ରମଣକାରୀଙ୍କୁ ଭାରତର ସମର୍ଥନ ରହିଛି ବୋଲି ପାକିସ୍ତାନ ସେନା ତରଫରୁ ଅଭିଯୋଗ କରାଯାଇଛି। ପାକସେନା ଅପରେସନ ଜାରି ରଖିଥିବା ବେଳେ ଟିଟିପି ଯୋଦ୍ଧା ବୋମା ମାଡ଼ କରିବା ସହ ଗୁଳି ଚଲାଇଥିଲେ। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଉଲ୍ଲେଖଥାଉ କି, ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ଆସିବା ପରେ ଟିଟିପି ପାକିସ୍ତାନ ସେନା ବିରୋଧରେ ଗରିଲା ଯୁଦ୍ଧ ଜାରି ରଖିଛି। ଟିଟିପିକୁ ଗତ ୧୨ ବର୍ଷ ମଧ୍ୟରେ ପାକିସ୍ତାନ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଛି।

ଗତ କେତେମାସ ମଧ୍ୟରେ ଟିଟିପି ପାକିସ୍ତାନ ସେନା ଉପରେ ତା'ର ଆକ୍ରମଣକୁ ଦିନକୁ ଦିନ ତୀବ୍ରତର କରିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ଟିଟିପିର ଆକ୍ରମଣ ୯୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୫ ଗ୍ଲୋବାଲ ଟେରରିଜମ ଇଣ୍ଡେକ୍ସରେ ପାକିସ୍ତାନ ଦ୍ୱିତୀୟ ସର୍ବାଧିକ ଆତଙ୍କବାଦ ପ୍ରଭାବିତ ଦେଶ ଭାବେ ପରିଗଣିତ ହେଉଛି। ୨୦୨୪ରେ ଟିଟିପି ପାକିସ୍ତାନରେ ୪୮୨ଟି ଆକ୍ରମଣ କରିଛି। ଏଥିରେ ୫୫୮ ଜଣ ମୃତ୍ୟୁବରଣ କରିଛନ୍ତି। ଉଲ୍ଲେଖଥାଉ କି, ଗତ ସେପ୍ଟେମ୍ବର ୨୧ ରାତି ୨ଟାରେ ପାକିସ୍ତାନ ବାୟୁସେନା ଖାଇବର ପଖତୁନଖ୍ୱାର ତିରା ଉପତ୍ୟକାରେ ଚୀନ ପ୍ରଦତ୍ତ ଜେ-୧୭ ବିମାନରୁ ୮ଟି ଲେଜର ବୋମା ମାଡ଼ କରିଥିଲା। ଏଥିରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ।

## କଶ୍ମୀରରେ ତୁଷାରପାତ, ତାପମାତ୍ରା -୦.୫



ଶ୍ରୀନଗର, ୮ ।୧୦(ସମିସ): ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପାହାଡି ରାଜ୍ୟର ଉଚ୍ଚତମ ସ୍ଥାନମାନଙ୍କରେ ଗତ ୨୪ ଘଣ୍ଟା ମଧ୍ୟରେ ତୁଷାରପାତ ହୋଇଛି। ସେନା ଡୋଡା ଜିଲ୍ଲାରେ ଉଚ୍ଚତର ଅଞ୍ଚଳରେ ଫସି ରହିଥିବା ୨୫ ଜଣ ଆଦିବାସୀଙ୍କୁ ଉଦ୍ଧାର କରିଛି। ସେନା ନିଜର ପାଳିତ ଜନ୍ତୁଙ୍କ ସାହାଯ୍ୟରେ ଏହି ତୁଷାର ଝଡ଼ରୁ ଏମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ସେହିପରି ବୁଧବାରଠାରୁ ଜମ୍ମୁ-କଶ୍ମୀରର କଟରାରେ ବୈଷ୍ଣୋଦେବୀ ଯାତ୍ରା ପୁଣି ଥରେ ଆରମ୍ଭ ହୋଇଛି। ପ୍ରତିକୂଳ ପାଗ କାରଣରୁ ଏହି ଯାତ୍ରାକୁ ୫ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ୩ ଦିନ ପରେ ଯାତ୍ରା ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁ ଖୁସି ଜାହିର କରିଛନ୍ତି। ଆଜି ସକାଳୁ ଶହଶହ ଲୋକ ପୁଣିଥରେ ଯାତ୍ରା ଆରମ୍ଭ କରିଛନ୍ତି।

ସେପଟେ ହିମାଚଳ ପ୍ରଦେଶରେ ମଙ୍ଗଳବାର ଲାଗାତର ତୃତୀୟ ଦିନ ପାଇଁ ତୁଷାରପାତ ହୋଇଛି। ଲାହୋଲ- ସ୍ପିତିରେ ରାତିରେ ତାପମାତ୍ର -୦.୫ ଡିଗ୍ରୀରେ ପହଞ୍ଚିଛି। ସେହିପରି ଉତ୍ତରାଖଣ୍ଡ ବଦ୍ରିନାଥ, କେଦାରନାଥ ଓ ହେମକୁଣ୍ଡରେ ମଙ୍ଗଳବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ହେମକୁଣ୍ଡରେ ୨ରୁ ୩ ଇଞ୍ଚ୍ ପର୍ଯ୍ୟନ୍ତ ବରଫ ପଡ଼ିଛି। କେଦାରନାଥରେ ତାପମାତ୍ରା ୫ ଡିଗ୍ରୀକୁ ଖସିଛି। ଏବେ ୪ ଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଅନ୍ୟପଟେ ବିହାରରେ ମୌସୁମୀର ଲେଉଟାଣୀ ଜାରି ରହିଥିଲେ ମଧ୍ୟ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା କାରଣରୁ କେତୋଟି ନଦୀରେ ବନ୍ୟା ଆସିଛି। ସୁପୋଲରେ ୫ ହଜାର ଘରେ ପାଣି ପଶିଯାଇଛି। ମଧୁବନୀରେ ୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଦେଶର ସମତଳ ଅଞ୍ଚଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର କେତୋଟି ସହରରେ ତାପମାତ୍ରରେ ଅବନତୀ ପରିଲକ୍ଷିତ ହୋଇଛି। କେତୋଟି ସହରର ତାପମାତ୍ରା ୨୦ ଡିଗ୍ରୀ ତାକୁ ଖସିଛି। ଫଳରେ ଶୀତ ଅନୁଭୂତ ହୋଇଛି।

## ବର୍ଷା ପାଇଁ ଦିଲ୍ଲୀ-କୋଲକାତା ହାଇୱେ ଜାମ୍



୪ ଦିନ ହେଲା ଗାଡ଼ିଗୁଡ଼ିକ ଫସି ରହିଛି

ନୂଆଦିଲ୍ଲୀ, ୮ ।୧୦(ଏଜେନ୍ସି): ବିହାରର ରୋହତାସ ଜିଲ୍ଲାରେ ଗତ ସପ୍ତାହରେ ହୋଇଥିବା ପ୍ରବଳ ବର୍ଷା କାରଣରୁ ଦିଲ୍ଲୀ- କୋଲକାତା ଜାତୀୟ ରାଜପଥ-୧୯ ସମ୍ପୂର୍ଣ୍ଣ ଭାବେ ଠପ୍ କରିଛି। ହଜାର ହଜାର ଗାଡ଼ି ସଡ଼କ ଉପରେ ୪ ଦିନ ହେବ ଫସି ରହିଛି। ଟ୍ରକ୍, ବସ, କାର, ମୋଟର ସାଇକଲ ସବୁ ଗାଡ଼ି ଗୁଡିକ ଲମ୍ବା ଲାଇନ୍‌ରେ ଠିଆ ହୋଇଛନ୍ତି। ରୋହତାସରୁ ଔରଙ୍ଗାବାଦ ପର୍ଯ୍ୟନ୍ତ ୬୫ କିମିର ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଗତ ଶୁକ୍ରବାର ପ୍ରବଳ ବର୍ଷା ହେବା କାରଣରୁ ହାଇୱେରେ ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଡାଇଭର୍ଜନ ଓ ସର୍ଭିସ ଲେନ୍‌ରେ ପାଣି ପଶିଛି। ଏହି ଟ୍ରାଫିକ ଜାମ୍ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ କିଛି ପ୍ରୟାସ କରାଯାଇନାହିଁ। ସେହିପରି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ସଡ଼କ ନିର୍ମାଣ ସଂସ୍ଥା ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାଁନ୍ତି। ୨୪ ଘଣ୍ଟା ମଧ୍ୟରେ ଗାଡିଗୁଡିକ ମାତ୍ର ୫ କିମି ଆଗକୁ ଯିବାକୁ ସକ୍ଷମ ହୋଇଛି। ଗତ ୩୦ ଘଣ୍ଟାରେ ଆମେ ମାତ୍ର ୭ କିମି ଯାତ୍ରା କରିଛୁ ବୋଲି ପ୍ରବୀଣ ସିଂ ନାମକ ଜଣେ ଟ୍ରକ୍ ଡ୍ରାଇଭର କହିଛନ୍ତି। ଟ୍ରାଫିକ ଜାମ୍ କାରଣରୁ ବ୍ୟବସାୟଠାରୁ ଆରମ୍ଭ କରି ସବୁ ପ୍ରକାର ଦୈନନ୍ଦିନ କାର୍ଯ୍ୟ ଯଥା ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହୋଇଛି।

## ଜୁବିନ ଗର୍ଗଙ୍କ ସମ୍ପର୍କୀୟ ଭାଇ ଗିରଫ

ଗୌହାଟୀ, ୮ ।୧୦(ସମିସ): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲାରେ ଏବେ ଆସାମ ପୁଲିସର ଡିଏସ୍‌ପି ସନ୍ଦୀପନ ଗର୍ଗଙ୍କୁ ଗିରଫ କରାଯାଇଛି। ସନ୍ଦୀପନ ହେଉଛନ୍ତି ଜୁବିନଙ୍କ ଦାଦାଙ୍କ ପୁଅ ଭାଇ। ଘଟଣା ବେଳେ ସେ ଜୁବିନଙ୍କ ସହ ସିଙ୍ଗାପୁରରେ ଥିଲେ। ଜୁବିନଙ୍କ ମୃତ୍ୟୁ ସମ୍ପର୍କରେ ସନ୍ଦୀପନଙ୍କୁ ଗତ କିଛିଦିନ ହେବ ପଚରାଉଚରା କରାଯାଉଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ବିନା ଉଦ୍ଦେଶ୍ୟରେ ହତ୍ୟା, ବେପରୁଆ ମନୋଭାବ କାରଣରୁ ମୃତ୍ୟୁ ଭଳି ମାମଲା ରୁଜୁ କରାଯାଇଛି। ସିଙ୍ଗାପୁରର ନର୍ଥଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଜୁବିନ ସିଙ୍ଗାପୁର ଯାଇଥିଲେ। ସେଠାରେ ସେ ଗୋଟିଏ ଦିନ ପୂର୍ବରୁ ସମୁଦ୍ରରେ ସ୍କୁବା ଡାଇଭିଂ କରିବାକୁ ପ୍ରୟାସ କରୁଥିବା ବେଳେ ସେପ୍ଟେମ୍ବର ୧୯ ରେ ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିଲେ। ଏଥିସହ ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ଏହାପୂର୍ବରୁ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲର ମୁଖ୍ୟ ଆୟୋଜକ ଶ୍ୟାମାକାନ୍ତୁ ମହନ୍ତ, ତାଙ୍କ ମ୍ୟାନେଜର ସିଦ୍ଧାର୍ଥ ଶର୍ମା ଓ ଦୁଇ ବ୍ୟାଣ୍ଡ ସଦସ୍ୟ ଶେଖର ଜ୍ୟୋତି ଗୋସ୍ୱାମୀ ଓ ଅମୃତ ପ୍ରଭା ମହନ୍ତଙ୍କୁ ଗିରଫ କରାଯାଇଥିଲା।



## ପିକ୍‌ନିକ୍ ବେଳେ ଭାସିଗଲେ ୭

ବେଙ୍ଗାଲୁରୁ, ୮ ।୧୦(ସମିସ): ଛୁଟିରେ ବଣଭୋଜି କରିବାକୁ ଯାଇଥିଲେ। କିନ୍ତୁ ଏହା ଏକ ବଡ଼ ଦୁଘର୍ଟଣାରେ ରୂପ ନେଇଥିଲା। କର୍ଣ୍ଣାଟକର ତୁମାକୁରୁର ୧୫ଜଣ ଲୋକ ମାରକୋନାହାଲି ଡ୍ୟାମ୍‌କୁ ପିକ୍‌ନିକ କରିବାକୁ ଯାଇଥିଲେ। ଏମାନଙ୍କ ମଧ୍ୟରୁ ୭ ଜଣ ପାଣି ଭିତରେ ପଶିଥିଲେ। ଏତିକି ବେଳେ ଡ୍ୟାମରୁ ପାଣି ଛଡ଼ା ଯାଇଥିଲା। ଫଳରେ ପ୍ରବଳ ସୁଅ ଆସିଥିଲା ଓ ସମସ୍ତେ ଭାସି ଯାଇଥିଲେ। ସୂଚନା ପାଇ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ନୱାଜ ବୋଲି ଜଣେ ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ତୁମାକୁରୁ ଏସ୍‌ପି କେଭି ଅଶୋକ କହିଛନ୍ତି। ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ବାକି ୪ ଜଣଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। କିଛି ସମୟ ପାଇଁ ସର୍ଚ୍ଚ ଅପରେସନକୁ ବନ୍ଦ ରଖାଯାଇଥିଲା ଓ ବୁଧବାର ସକାଳୁ ପୁଣି ଏହାକୁ ଆରମ୍ଭ କରାଯାଇଛି ବୋଲି କୁହାଯାଇଛି। ନୱାଜଙ୍କୁ ବାଦ୍ ଦେଲେ ଭାସିଯାଇଥିବା ଅନ୍ୟମାନେ ହେଲେ ମହିଳା ଓ ଛୋଟ ପିଲା।

## ସାମାଜିକ ଗଣମାଧ୍ୟମରେ ପ୍ରଧାନବିଚାରପତିଙ୍କୁ କଟାକ୍ଷ; ପଞ୍ଜାବରେ ମାମଲା



ଜଷ୍ଟିସ ଗଭାଇଙ୍କ ପରିବାର କ୍ଷୁବ୍ଧ

ନୂଆଦିଲ୍ଲୀ, ୮।୧୦: ଗତ ସୋମବାର ଦିନ ସୁପ୍ରିମ କୋର୍ଟ ଭିତରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଉପରେ ଜୋତା ଆକ୍ରମଣ ପାଇଁ ଉଦ୍ୟମ ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଜଣେ ଆଇନଜୀବୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଥିବା ବେଳେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ସେପଟେ ଅଭିଯୁକ୍ତ ଆଇନଜୀବୀ ମଧ୍ୟ ଅନୁତାପ କରିବା ପରିବର୍ତ୍ତେ ଆକ୍ରମଣ ସପକ୍ଷରେ ପ୍ରଚାର କରିବାରେ ଲାଗିଛନ୍ତି।

ଇତିମଧ୍ୟରେ ଜଷ୍ଟିସ ଗଭାଇଙ୍କ ପରିବାର ପକ୍ଷରୁ ଜୋତା ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି। ଜଷ୍ଟିସ ଗଭାଇଙ୍କ ମାଆ କମଳ ଗଭାଇ ଏବଂ ଭଉଣୀ କିର୍ତ୍ତି ଗଭାଇ ଘଟଣାର ନିନ୍ଦା କରି କହିଛନ୍ତି ଯେ କୋର୍ଟ ରୁମ ଭିତରେ ଏଭଳି ଆଚରଣ ହେଉଛି ସମ୍ବିଧାନ ଉପରେ ଆକ୍ରମଣ। ଏଭଳି ଆଚରଣ ବନ୍ଦ ହେବା ଉଚିତ। ନହେଲେ ଭବିଷ୍ୟତ ପିଢ଼ି ଆମକୁ କେବେହେଲେ କ୍ଷମା ଦେବେ ନାହିଁ। ବିନା କୌଣସି କାର୍ଯ୍ୟାନୁଷ୍ଠାନରେ ସଂପୃକ୍ତ ଆଇନଜୀବୀଙ୍କୁ ଛାଡ଼ିଦେବା ଲାଗି ଜଷ୍ଟିସ ଗଭାଇଙ୍କ ପରାମର୍ଶ ତାଙ୍କର ବଡ଼ପଣିଆର ପ୍ରଦର୍ଶନ ଥିଲା। ଆକ୍ରମଣକାରୀଙ୍କ 'ବିଷାକ୍ତ ଆଦର୍ଶ'ର ସମାଲୋଚନା କରି ସେମାନେ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଅପମାନ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର।

ଅନ୍ୟପକ୍ଷରେ ଏହି ଘଟଣା ପରେ ସାମାଜିକ ଗଣମାଧ୍ୟମରେ କେତେକ ବ୍ୟକ୍ତି ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରିବା ଆରମ୍ଭ କରିଛନ୍ତି। ସେମାନେ ଆକ୍ରମଣକାରୀ ଓକିଲକୁ ସମର୍ଥନ କରି ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଜାତିଆଣ ଟିପ୍ପଣୀ କରୁଛନ୍ତି। ଗତକାଲି ଠାରୁ ଏହି ଧାରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେମାନେ କହିଛନ୍ତି ଯେ ସଂପୃକ୍ତ ଓକିଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। କୋର୍ଟ ରୁମ ଭିତରେ ପ୍ରଧାନ ବିଚାରପତିଙ୍କ ଉପରେ ଜୋତା ଆକ୍ରମଣ ଉଦ୍ୟମ ଏକ ଛୋଟ ଘଟଣା ନୁହେଁ। ସରକାର ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସାମାଜିକ ଗଣମାଧ୍ୟମରେ ଗଭାଇଙ୍କୁ କଟାକ୍ଷ କରୁଥିବା ଲୋକମାନଙ୍କ ବିରୋଧରେ ପଞ୍ଜାବରେ ଏକାଧିକ ଏଫଆଇଆର୍ ଦାଖଲ କରାଯାଇଥିବା ଜଣାପଡ଼ିଛି।



## ଇକୁଏଡ୍‌ର ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ; ୫ ଗିରଫ

ନୂଆଦିଲ୍ଲୀ, ୮ ।୧୦(ଏଜେନ୍ସି): ଉତ୍ତର ପଶ୍ଚିମ ଲାଟିନ ଆମେରିକୀୟ ଦେଶ ଇକୁଏଡର ରାଷ୍ଟ୍ରପତି ଡାନିଏଲ ନୋବୋଆଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି। ବୁଧବାର ସେ ନିଜର ସୁରକ୍ଷାକର୍ମୀଙ୍କ ସହ ଗାଡ଼ିରେ ଯାଉଥିବା ବେଳେ ୫୦୦ ଲୋକ ତାଙ୍କୁ ଘେରାଉ କରି ଟେକା ମାଡ଼ କରିବା ସହ ଗୁଳି ଚଳାଇଥିଲେ। ରାଷ୍ଟ୍ରପତିଙ୍କ କାର ଉପରେ ଗୁଳିର ଚିହ୍ନ ଦେଖିବାକୁ ମିଳିଛି। ତେବେ ତାଙ୍କର କୌଣସି କ୍ଷତି ହୋଇନାହିଁ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ପରେ ୫ଜଣଙ୍କୁ ଗିରଫ କରାଯାଇଛି ବୋଲି ଇକୁଏଡର ପରିବେଶ ଓ ଶକ୍ତି ମନ୍ତ୍ରୀ ଆଇନେସ ମାଞ୍ଜାନୋ କହିଛନ୍ତି। ଲୋକଙ୍କ ଏଭଳି ଆଚରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସରକାର ଫୁଏଲ ସବ୍‌ସିଡିକୁ ବନ୍ଦ କରିଥିଲେ। ଫଳରେ ତାଙ୍କ ବିରୋଧରେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୬ ମୃତ

ହାଇଦରାବାଦ, ୮ ।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଡଃ ବିଆର୍ ଆମ୍ବେଡକର କୋନାସିମା ଜିଲ୍ଲାରେ ରାୟବରମରେ ବୁଧବାର ଏକ ବାଣ କାରଖାନାରେ ଭୀଷଣ ନିଆଁ ଲାଗିଛି। ଏଥିରେ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୃତଦେହଗୁଡିକ ପୂରା ଜଳି ଯାଇଥିବାରୁ ଏଗୁଡିକର ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଏଥିରେ ବହୁଲୋକ ଆହତ ମଧ୍ୟ ହୋଇଛନ୍ତି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି ବୋଲି ସ୍ଥାନୀୟ ଏସ୍‌ପି ରାହୁଲ ମିନା କହିଛନ୍ତି। ମୃତକ ଏହି ବାଣ କାରଖାନର ଶ୍ରମକ ହୋଇପାରନ୍ତି ବୋଲି କୁହାଯାଇଛି। ମୃତଦେହଗୁଡିକୁ ଚିହ୍ନଟ କରିବାକୁ ପାଇଁ ପ୍ରୟାସ ଜାରି ରହିଛି। ଏହି କାରଖାନା ପାଖରେ ବାଣ ତିଆରି କରିବାକୁ ଲାଇସେନ୍ସ ଥିଲା। ସର୍ଟ ସର୍କିଟ କାରଣରୁ ନିଆଁ ଲାଗିବା ସହ ଆଖୁ ପିଛୁଳାକେ ବ୍ୟାପୀ ଯାଇଥଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି ଓ ଏହା ସାମାଜିକ ଗଣମାଧ୍ୟମଗୁଡିରେ ଭାଇରାଲ ହୋଇଛି।

## ଯୋଧପୁର ଜେଲ୍‌ରେ ୱାଙ୍ଗଚୁକ୍‌ଙ୍କୁ ଭେଟିଲେ ପତ୍ନୀ ଗୀତାଞ୍ଜଳି

ଯୋଧପୁର, ୮ ।୧୦(ଏଜେନ୍ସି): ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ମଙ୍ଗଳବାର ରାତିରେ ପତ୍ନୀ ଗୀତାଞ୍ଜଳି ଓଙ୍ଗମୋ ଭେଟିଛନ୍ତି। ତାଙ୍କ ସହ ଓକିଲ ରିତମ ଖାରେ ଉପସ୍ଥିତ ଥିଲେ। ଗୀତାଞ୍ଜଳି ପତିଙ୍କୁ ମୁକ୍ତ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଅକ୍ଟୋବର ୧୪ରେ ଏହାର ଶୁଣାଣି ହେବ।



ୱାଙ୍ଗଚୁକ୍‌ଙ୍କୁ ଭେଟିବା ପରେ ଗୀତାଞ୍ଜଳି ବୁଧବାର ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଡିଟେନସନ ଆଦେଶକୁ ଚ୍ୟାଲେଞ୍ଜ କରିବୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୪ରେ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଓ ଲଦାଖକୁ ରାଜ୍ୟ ପାହ୍ୟା ଦାବି ନେଇ ଆନ୍ଦୋଳନ ହୋଇଥିଲା। କିନ୍ତୁ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏହି ଆନ୍ଦୋଳନରେ ଯୁବକଙ୍କୁ ଉସୁକାଇଥିବା ସହ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ସୋନମଙ୍କୁ ଜାତୀୟ ସୁରକ୍ଷା ଅଧିନିୟମ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା। ଲେହରୁ ତାଙ୍କୁ ଗିରଫ କରାଯିବା ପରେ ତାଙ୍କୁ ଜୟପୁର କେନ୍ଦ୍ରୀୟ ଜେଲକୁ ନିଆ ଯାଇଥିଲା। ଅକ୍ଟୋବର ୨ରେ ଗୀତାଞ୍ଜଳି ୱାଙ୍ଗଚୁକ୍‌ଙ୍କୁ ମୁକ୍ତ କରିବା ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଫଳରେ ଅକ୍ଟୋବର ୫ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ସମେତ ଲଦାଖ ପ୍ରଶାସନ, ଯୋଧପୁର କେନ୍ଦ୍ରୀୟ ଜେଲ ଅଧିକ୍ଷକଙ୍କୁ ନୋଟିସ ଜାରି କରିଥିଲେ।

## ୬୦ କୋଟି ଜମା କରିବାକୁ ଶିଳ୍ପାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ, ୮ ।୧୦(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିଦେଶ ଗସ୍ତ ନେଇ ବମ୍ବେ ହାଇକୋର୍ଟ ଏକ ସର୍ତ୍ତ ରଖିଛନ୍ତି। ପ୍ରଥମେ ୬୦ କୋଟି ଟଙ୍କା ଜମା କର। ତାପରେ ଯାଇ ଦୁହିଁଙ୍କ ବିଦେଶ ଗସ୍ତ ନେଇ ବିଚାର କରାଯିବ ବୋଲି କୋର୍ଟ କହିଛନ୍ତି। ବୁଧବାର ଦୁହିଁଙ୍କ ଆବେଦନ ଉପରେ ଶୁଣାଣି ହୋଇଥିଲା। ଅର୍ଥ ଠକାମୀ ମାମଲାରେ ଅଭିଯୁକ୍ତଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଇଓଡବ୍ଲ୍ୟୁ ଦ୍ୱାରା ଜାରି କରାଯାଇଥିବା ଲୁକ୍ ଆଉଟ ନୋଟିସ୍‌କୁ ୩ ମାସ ପାଇଁ ନିଲମ୍ବିତ କରିବାକୁ ଦୁହେଁ ଆବେଦନ କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶରେ ଦୁହେଁ ନିରାଶ ହୋଇଛନ୍ତି।

# ଆଲୋଭେରା ସାମ୍ପୁ



**ରାସାୟନିକ ସାମ୍ପୁ ବ୍ୟବହାର କଲେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ । ତେଣୁ କେଶକୁ ଘନ ଓ ମଜଭୁତ କରିବାକୁ ଚାହୁଁଥିଲେ ରାସାୟନିକ ସାମ୍ପୁ ବଦଳରେ ଘରେ ଆଲୋଭେରା ସାମ୍ପୁ ପ୍ରସ୍ତୁତ କରି ଲଗାଇପାରିବେ ।**

### ସାମ୍ପୁ ପ୍ରସ୍ତୁତି ବିଧି

- ଗୋଟିଏ କାଚ ବାଉଲ୍‌ରେ ଆଲୋଭେରା ଜେଲ୍ ନେଇ ସେଥିରେ ନଡ଼ିଆ କ୍ଷୀର, ମହୁ ଓ ବାଦାମତେଲ ଦେଇ ଭଲ ଭାବେ ମିକ୍ସ କରି ଦିଅନ୍ତୁ ।
- ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ଦୁଇ ତିନି ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ । ଏଥିରେ ରୋଜମେରୀ ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଏୟାରଟାଇଟ୍ ବୋତଲରେ ଭରି ଫ୍ରିଜ୍‌ରେ ଷ୍ଟୋର କରନ୍ତୁ ।
- ପ୍ରଥମେ କେଶକୁ ଓଦା କରନ୍ତୁ । ଏହାପରେ ଅଳ୍ପ ମାତ୍ରାରେ ସାମ୍ପୁ ନେଇ ସ୍କାଲ୍‌ପରେ ହାଲୁକା ମସାଜ୍ କରନ୍ତୁ । ଏହାକୁ ଦୁଇ, ତିନି ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ ।

### ସାମ୍ପୁର ଫାଇଦା

- ଏହା କେଶକୁ ପ୍ରାକୃତିକ ପୋଷଣ ଦେବା ସହ କେଶରେ ଚମକ ବୃଦ୍ଧି କରିଥାଏ ।
- କେଶକୁ କୋମଳ କରି ରୂପିକୁ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ଏହା ସମ୍ପୂର୍ଣ୍ଣ ରସାୟନ ମୁକ୍ତ ।
- ଏହାକୁ ଦଶରୁ ପନ୍ଦର ଦିନ ଫ୍ରିଜ୍‌ରେ ଷ୍ଟୋର କରି ରଖିପାରିବେ । ନିୟମିତ ବ୍ୟବହାର ଦ୍ୱାରା ଏହାକେଶକୁ ମଜଭୁତ କରିଥାଏ ।

# ସିକ୍କି କଳାକୃତିରୁ ଆତ୍ମନିର୍ଭର



**ବର୍ତ୍ତମାନ ସମୟରେ ମହିଳାମାନେ ଘରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ସେମାନେ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ସିକ୍କି ଘାସରୁ ଭଳିକି ଭଳି ଟ୍ରେ, ଚାଙ୍ଗୁଡ଼ି, ଟୋକେଇ, ବାକ୍ସ, ପାଛିଆ, ଖେଳନା ଆଦି ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି, ବିହାର ଚମ୍ପାରନ ଜିଲ୍ଲା ବଗହାର ଆଦିବାସୀ ମହିଳାମାନେ ।**



### ସିକ୍କି କଳାକୃତିର ବିଶେଷତା

ବିହାରର ପ୍ରଚଳିତ ପ୍ରାଚୀନ ଲୋକକଳା ମଧ୍ୟରୁ ଗୋଟିଏ ସିକ୍କି କଳା । ନଦୀପଠାରେ ମିଳୁଥିବା ସିକ୍କି ଘାସରୁ ଏହି କଳାକୃତି କରାଯାଏ । ଏହା ୪୦୦ ବର୍ଷ ପୁରୁଣା । ବଗହା ଗାଁ ମହିଳାଙ୍କ କହିବାନୁଯାୟୀ, ଏଥିରୁ ତିଆରି ସାମଗ୍ରୀ ଯଥା- ଟୋକେଇ, ଆସନ, ଚାଙ୍ଗୁଡ଼ି ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିଲା । କିନ୍ତୁ ସମୟକ୍ରମେ ଏଥିରୁ ଏବେ ଭଳିକି ଭଳି ଘରସଜା ସାମଗ୍ରୀ ପ୍ରସ୍ତୁତ ହେଉଛି । ଏହି ଘାସ ବିଶେଷ କରି ବିହାର ମିଥିଳା ନଦୀତଟ, ତଥା ପୋଖରୀ କୂଳରେ ଦେଖିବାକୁ ମିଳିଥାଏ । ଏହି ଘାସକୁ ପ୍ରଥମେ କାଟି ଖରାରେ ଶୁଖାଯାଏ । ଶୁଖିଗଲା ପରେ ରଙ୍ଗ ବୁଡ଼ାଇ ସିକ୍କି ଜାଲି ଉପକରଣରେ ଏହାକୁ ସୂତା ଆକାର ଦିଆଯାଏ । ଏହାପରେ ହାତରେ ବୁଣି ବିଭିନ୍ନ କଳାକୃତି ପ୍ରସ୍ତୁତ କରାଯାଏ ।

### ଶୁଭକାର୍ଯ୍ୟରେ ଦିଆଯାଏ ଉପହାର

ପୌରାଣିକ କାହାଣୀ ଅନୁଯାୟୀ, ରାଜା ଜନକ ସୀତାଙ୍କୁ ବିଦାୟବେଳେ ସିକ୍କି କଳାକୃତି ନିର୍ମିତ ଟୋକେଇ, ଚାଙ୍ଗୁଡ଼ି, ଆଦି ଦେଇଥିଲେ । ଅବଶ୍ୟ କେତେକ ଗ୍ରାମାଞ୍ଚଳରେଏବେ ଝିଅ ଶାଶୁଘରକୁ ଗଲେ ସିକ୍କିରେ ତିଆରି ସାମଗ୍ରୀ ଦେବାର ପରମ୍ପରା ରହିଛି । ସେହିପରି ଘାସ ତିଆରି ଜିନିଷକୁ ଶୁଭ ମନଯାଏ । ଏଥିପାଇଁ ଏହାକୁ ଶୁଭକାର୍ଯ୍ୟରେ ବ୍ୟବହାର କରିବା ସହ ଉପହାର ଦିଆଯାଏ ।

### ଆତ୍ମନିର୍ଭର ହୋଇଛନ୍ତି ଆଦିବାସୀ ମହିଳା

ସ୍ଥାନୀୟ ଅଞ୍ଚଳର ଶହ ଶହ ଆଦିବାସୀ ମହିଳା ଏହି କଳାକୃତି ଦ୍ୱାରା ଆତ୍ମନିର୍ଭର ହୋଇଛନ୍ତି । ଘରର କାର୍ଯ୍ୟ ସାରି ଦିନକୁ ଦୁଇ ତିନି ଘଣ୍ଟା ଏହି କଳାକୃତି କରିଥାନ୍ତି । ଏହାଦ୍ୱାରା ସେମାନେ ଅର୍ଥଉପାର୍ଜନ କରିବା ସହ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି । ଏଥିସହ ମହିଳାମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ସିକ୍କି କଳାରେ ଆଧୁନିକ ସାମଗ୍ରୀ ପ୍ରସ୍ତୁତ କରନ୍ତି । ଏହି କଳାକୃତିକୁ ବିଭିନ୍ନ ମେଳାଗୁଡ଼ିକରେ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି । ସେହିପରି କିଛି ଏନ୍‌ଜିଓ ସହାୟତାରେ ଏହାକୁ ଅନ୍‌ଲାଇନ୍‌ରେ ମଧ୍ୟ ବିକ୍ରି କରିଥାନ୍ତି । କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଏହାର ଚାହିଦା ବୃଦ୍ଧି ପାଇଛି ।

# ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍

**ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ମଙ୍ଗଳସୂତ୍ର ବ୍ରେସ୍‌ଲେଟର ଟ୍ରେଣ୍ଡ ଚାଲିଛି । ମହିଳାମାନେ ବେକ ଅପେକ୍ଷା ହାତରେ ମଙ୍ଗଳସୂତ୍ର ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି । ତେବେ ବିଭିନ୍ନ ଡିଜାଇନର ମଙ୍ଗଳସୂତ୍ର ରହିଛି, ଜାଣିବା ସେ ବିଷୟରେ...**

### ଫୁଲ ଡିଜାଇନ୍

ଫୁଲ ଡିଜାଇନର ମଙ୍ଗଳସୂତ୍ର ପିନ୍ଧିପାରିବେ । ଏହା ହାତକୁ ଖୁବ୍ ସୁନ୍ଦର ମାନିଥାଏ । ଏହା ଷ୍ଟାଇଲିଶ୍ ଦେଖାଯିବା ସହ କାର୍ଯ୍ୟ କରିବାରେ ସୁବିଧା ହୋଇଥାଏ ।

### ପେଣ୍ଡେଣ୍ଟ ଡିଜାଇନ୍

ସେହିପରି ଚାହିଁଲେ, ପେଣ୍ଡେଣ୍ଟ ଡିଜାଇନ୍‌ର ମଙ୍ଗଳସୂତ୍ର ପିନ୍ଧିପାରିବେ । ଏଥିପାଇଁ ବେକ ମଙ୍ଗଳସୂତ୍ରରୁ ଲକେଟ୍ କାଢ଼ି କଳାମାଳିରେ ଗୁନ୍ଥି ହାତରେ ପିନ୍ଧିପାରିବେ ।

### ଲିଫ୍ ଡିଜାଇନ୍


ଏହି ବ୍ରେସ୍‌ଲେଟ୍ ବେଶ୍ ସୁନ୍ଦର ହୋଇଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।



# କାନଫୋଡ଼ାଇବା ପରେ ଯତ୍ନ

**ଅଧିକାଂଶ ମହିଳା ଶୀତଦିନେ କାନ ଫୋଡ଼ାଇଥାନ୍ତି । କାରଣ ଏ ଦିନେ କାନ ଶୀଘ୍ର ଶୁଖିଯାଏ । କିନ୍ତୁ ଏବେ ମହିଳାମାନେ ଟ୍ରେଣ୍ଡ ଅନୁଯାୟୀ କାନ ଫୋଡ଼ାଉଛନ୍ତି । ଫଳରେ ଏହାଦ୍ୱାରା କାନ ସଂକ୍ରମଣ ହୋଇଥାଏ । ତେଣୁ କାନ ଫୋଡ଼ାଇବାର ପରବର୍ତ୍ତୀ ଯତ୍ନ କିପରି ନେବେ ଜାଣିବା ସେ ବିଷୟରେ...**

- ଉପର କାନ ଫୋଡ଼ାଉଥିଲେ, ଏହା ସଂକ୍ରମଣ ହେବାର ବେଶୀ ଆଶଙ୍କା ଥାଏ । ତେଣୁ କାନକୁ ସର୍ବଦା ସଫା ରଖିବା ଜରୁରୀ ।
- ଏଥିସହ ଉଷୁମ ପାଣିରେ ତୁଳା ବୁଡ଼ାଇ କାନଫୋଡ଼ାଇ ଥିବା ସ୍ଥାନକୁ ସଫା କରନ୍ତୁ । ଏହାଦ୍ୱାରା କାନ ପାଚେ ନାହିଁ ।
- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କାନରେ କ୍ରିମ୍ ବା ତେଲ ଲଗାଇପାରିବେ । ଏହା କାନଦରଜ ଦୂର କରିଥାଏ ।
- ସେହିପରି କାନ ଶୁଖିଗଲେ ସଙ୍ଗେ ସଙ୍ଗେ କିଣା କାନଫୁଲ କାଢ଼ି ସୁନା କିମ୍ବା ରୁପା କାନ ଫୁଲ ଲଗାଇବା ଭଲ । ଏହା କାନକୁ ପାଚିବାକୁ ଦିଏନି ।
- ସେହିପରି ଭାରି କାନଫୁଲ ବଦଳରେ ହାଲୁକା ଟପ୍ସ ଲଗାଇପାରିବେ ।
- ବିଭିନ୍ନ ଡିଜାଇନର ଛୋଟ କାନଫୁଲ ପିନ୍ଧିପାରିବେ ।



# ମୋ ହାଣ୍ଡିଶାଳରୁ...

# ମଶରୁମ୍ ମସାଲା



### ଆବଶ୍ୟକ ସାମଗ୍ରୀ

ମଶରୁମ୍ – ୫୦୦ ଗ୍ରାମ୍, କଟା
ପିଆଜ – ଏକ କପ୍, କଞ୍ଚା ଲଙ୍କା- ତିନୋଟି,
ଜିରା – ଏକ ଚାମଚ, ଗୋଟା ଧନିଆ – ଏକ ଚାମଚ, ପାହମଧୁରୀ- ଏକ ଚାମଚ, ଗୋଲମରିଚ – ଚାରିଗୋଟି, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଶୁଖିଲା ଲଙ୍କା – ତିନୋଟି, ହଳଦୀଗୁଣ୍ଡ - ଏକ ଚାମଚ, ଭୃସଙ୍ଗ ପତ୍ର – ଅଳ୍ପ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ । ସେଥିରେ ଜିରା, ଧନିଆ, ରାଶି, ଜାଇଫଳ, ଗୋଲମରିଚ, ଲବଙ୍ଗ, ପକାଇ ଧିମା ଆଞ୍ଚରେ ଭାଜନ୍ତୁ । ଥଣ୍ଡା ହୋଇଗଲେ ଏହାକୁ ଏକ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ମଶରୁମ୍‌କୁ ମଝିରୁ ଦୁଇଫାଳ କରି ଭଲରେ ଧୋଇ ଦିଅନ୍ତୁ । ଏଥିରେ ଅଳ୍ପ ଲେମ୍ବୁରସ, ଲୁଣ, ଅଦାରସୁଣ ପେଷ୍ଟ ଓ ହଳଦୀଗୁଣ୍ଡ ଦେଇ ୨୦ ମିନିଟ୍ ଗୋଳାଇ ରଖନ୍ତୁ । ଏହାପରେ କଡ଼େଇ ବସାଇ ତେଲ ଦିଅନ୍ତୁ । ସେଥିରେ କଟାପିଆଜ ଦେଇ ହାଲୁକା ନାଲି ହେବା ଯାଏ ଭାଜନ୍ତୁ । ଏହାପରେ ମ୍ୟାରିନେଡ୍ କରି ରଖିଥିବା ମଶରୁମ୍‌କୁ ଦେଇ ଏପାଖସେପାଖ କରନ୍ତୁ । ସେଥିରେ କଞ୍ଚାଲଙ୍କା, ଭୃସଙ୍ଗପତ୍ର ସହ ମସଲାଗୁଣ୍ଡ ଦେଇ ଭାଜି ଦିଅନ୍ତୁ । ଦୁଇ ତିନି ମିନିଟ୍ ଭାଜି ହୋଇଗଲେ , ଧନିଆ ପତ୍ର ପକାଇ ପରଷନ୍ତୁ ମଶରୁମ୍ ମସାଲା ।

# ବିବାହ ଲେହେଙ୍ଗା କିଣୁଥିଲେ



### ବଜେଟ୍

ଲେହେଙ୍ଗା କିଣିବାକୁ ଯିବାପୂର୍ବରୁ ପ୍ରଥମେ ନିଜର ବଜେଟ୍ ପ୍ରସ୍ତୁତ କରନ୍ତୁ । ବଜେଟ୍ ଅନୁସାରେ ପସନ୍ଦ ମୁତାବକ ଜିନିଷ କିଣିପାରିବେ । ଏଥିସହ ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ ।

### ଟ୍ରେଣ୍ଡ

ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଲାଟେଷ୍ଟ ଡିଜାଇନ୍ ଦେଖନ୍ତୁ । ଏହାଦ୍ୱାରା ଆପଣଙ୍କୁ କେଉଁ ରଙ୍ଗର ଲେହେଙ୍ଗା ପସନ୍ଦ ସେ ବିଷୟରେ ସମ୍ୟକ୍ ଧାରଣା ମିଳିଥାଏ ।

### ରଙ୍ଗ ଚୟନ

ନିଜ ତ୍ୱଚା ରଙ୍ଗ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ । ଲାଲ, ଖଇରିଆ ଓ ଗୋଲପୀ ଭଳି ପାରମ୍ପରିକ ରଙ୍ଗ ବ୍ୟତୀତ ପେଷ୍ଟାଲ୍ ଓ ଅନ୍ୟ ଉଜ୍ଜ୍ୱଳ ରଙ୍ଗ ବାଛିପାରିବେ ।

### ଋତୁ ଅନୁଯାୟୀ ଫ୍ୟାବ୍ରିକ୍

ବିବାହଋତୁକୁ ଧ୍ୟାନରେ ରଖି କପଡ଼ା ଚୟନ କରନ୍ତୁ । ଗରମ ଦିନେ ଜର୍ଜେଟ୍ ତଥା ନେଟ୍ ଲେହେଙ୍ଗା ଭଲ ହୋଇଥିବାବେଳେ, ଶୀତଦିନେ ଭେଲଭେଟ୍ ଲେହେଙ୍ଗା ଭଲ ହୋଇଥାଏ ।

### ଶରୀର ଅନୁଯାୟୀ କିଣନ୍ତୁ ଲେହେଙ୍ଗା

ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ । ଡେଙ୍ଗା ଯୁବତୀଙ୍କୁ ଓଜନିଆ ଲେହେଙ୍ଗା ଭଲ ମାନିଥାଏ । ସେହିପରି କମ୍ ଉଚ୍ଚତା ଯୁବତୀଙ୍କୁ ହାଲୁକା କାମ ଥିବା ଲେହେଙ୍ଗା ସୁନ୍ଦର ଦେଖାଯାଏ ।

# ବେସିନ୍ ସଫେଇ

**ୱାସ୍ ବେସିନ୍‌ରୁ ଲଗାତାର ପାଣି ଝରିଲେ, ସେଥିରେ କ୍ୟାଲ୍‌ସିୟମ୍ ପରସ୍ତ ଜମିଯାଏ । ଅନେକ ସମୟରେ ସାବୁନ ଓ ଟୁଥ୍‌ପେଷ୍ଟ ଲାଗି ମଧ୍ୟ ବେସିନ୍ ହଳଦିଆ ହୋଇଯାଏ । ଫଳରେ ଏହା ଖୁବ୍ ଅପରିଷ୍କାର ଦେଖାଯାଏ । ତେଣୁ ସହଜ ଉପାୟ ଆପଣାଇ କିପରି ବେସିନ୍ ସଫା କରିବେ । ଜାଣି ରଖନ୍ତୁ ।**

- ବେସିନ୍ ସଫା ପାଇଁ ଦୁଇଟି ଲେମ୍ବୁ, ଏକ ଚାମଚ ବେକିଂ ସୋଡ଼ା, ଓ ଏକକପ୍ ଉଷୁମ ପାଣି ନିଅନ୍ତୁ । ପ୍ରଥମେ ଲେମ୍ବୁରୁ ରସ କାଢ଼ି ସେଥିରେ ବେକିଂସୋଡ଼ା ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟକୁ ୱାସବେସିନ୍‌ର ହଳଦିଆ ଓ ଅପରିଷ୍କାର ସ୍ଥାନରେ ଲଗାଇ ଦଶରୁ ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ । ଏହାପରେ ନଖଉଷୁମ ପାଣିରେ ଧୋଇ ଏହାକୁ ସଫା କରନ୍ତୁ । ବେସିନ୍ ନୂଆ ଭଳି ଚକ୍ ଚକ୍ ହୋଇଯିବ ।
- ଲେମ୍ବୁରେ ଥିବା ଏସିଡ୍ ଅପରିଷ୍କାର ଓ ଦାଗକୁ ଦୂର କରିଥାଏ । ଏହା ବେସିନ୍‌କୁ ନୂଆ ଭଳି ସଫା କରିଥାଏ । ବେକିଂସୋଡ଼ା ଦାଗକୁ ନ ଘଷି ସହଜରେ ସଫା କରିଥାଏ ।



### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଭାରତ

ବିଶାଖାପାଟନମ, ୮ ।୧୦ (ଏଜେନ୍ସି):

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ୩ୟ ମୁକାବିଲାରେ ଗୁରୁବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶାଖାପାଟନମର ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତୀୟ ମହିଳା ଦଳ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ଏବଂ ଦ୍ୱିତୀୟ ମୁକାବିଲାରେ ୮୮ ରନରେ ପାକିସ୍ତାନକୁ ମାତ୍ ଦେଇଥିଲେ। ୪ ପଏଣ୍ଟ ସହ ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବଲରେ ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଥିଲା। ତେଣୁ ଆଫ୍ରିକା ମହିଳା ଦଳ ମଧ୍ୟ ବିଜୟକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।





**ଆଜିର ମ୍ୟାଚ୍**
**ଭାରତ - ଦ. ଆଫ୍ରିକା**
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : ବିଶାଖାପାଟଣମ୍

### ମନ୍ଧାନାଙ୍କ ଫର୍ମକୁ ନେଇ ଚିନ୍ତା

ଘରୋଇ ଭାରତୀୟ ଦଳର ପ୍ରମୁଖ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ମନ୍ଧାନା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ମାତ୍ର ୨୩ ରନ କରିବାକୁ ସମର୍ଥ ହୋଇଥିଲେ। ତେଣୁ ଦକ୍ଷିଣ ଆଫ୍ରିକା ଭଳି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମ୍ୟାନେଜମେଣ୍ଟ ତାଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି। ମନ୍ଧାନାଙ୍କ ସହ ଅଧିନାୟିକା ହରମନପ୍ରୀତ୍ ମଧ୍ୟ ଆଖିଦୃଶିଆ ପାଳି ବର୍ତ୍ତମାନ ସୁଦ୍ଧା ଖେଳିପାରି ନାହାନ୍ତି। ପ୍ରଥମ ଦୁଇଟି ମ୍ୟାଚରେ କୌର ମାତ୍ର ୪୦ ରନ କରି ନିରାଶ କରିଛନ୍ତି। ତେବେ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପ୍ରଥମ ଦୁଇଟି ମ୍ୟାଚରେ ବେଶ୍ ଉଲ୍ଲେଖନୀୟ ରହିଥିଲା। ସେହଭଳି ହର୍ଲିନ ଦେଓଲ୍‌ଙ୍କ ବ୍ୟାଟିଂ ମଧ୍ୟ ପ୍ରଶଂସନୀୟ ରହିଛି।

### ଭାରତ-୨୧; ଦ.ଆଫ୍ରିକା- ୧୨

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଉଭୟ ଦଳ ପରସ୍ପର ୩୪ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତ ୨୧ ମ୍ୟାଚ୍ ଓ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରିନାହିଁ।

## ଅଷ୍ଟ୍ରେଲିଆର ସମ୍ମାନ ରଖିଲେ ମୁନୀ

କଲମ୍ବୋ, ୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୯ମ ମୁକାବିଲାରେ ବୁଧବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ପାକିସ୍ତାନ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ବେଥ୍ ମୁନୀଙ୍କ ଦମ୍‌ଦାର ଶତକ ବଳରେ ୯ ୱିକେଟ୍‌ରେ ୨୨୧ ରନ କରିଛି। ଜବାବରେ ୨୨୨ ରନର ଲକ୍ଷ୍ୟକୁ ପିଛା କରିଥିବା ପାକିସ୍ତାନ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ପାକିସ୍ତାନ ୨୪ ଓଭରରେ ୮ ୱିକେଟ୍ ହରାଇ ୯୦ ରନ କରି ପରାଜୟ ଅଭିମୁଖେ ଅଗ୍ରସର ହେଉଛି। କିମ୍ ଗାର୍ଥ ୩ଟି ଓ ମେଗନା ସ୍କଟ୍ ୨ଟି ୱିକେଟ୍ ନେଇଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଶ୍ରୀଲଙ୍କା ବିପକ୍ଷ ୨ୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ଅପରପକ୍ଷରେ ପାକିସ୍ତାନ ୨ଟି ମ୍ୟାଚ୍‌ରୁ ଦୁଇ ପରାଜୟ ସହ ଖାତା ଖୋଲିପାରି ନାହିଁ।

ବୁଧବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟିକା ଫତିମା ସାନା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୬ ରନରେ ୭ଟି ଏବଂ ୧୧୫ ରନରେ ୮ଟି ୱିକେଟ୍ ହରାଇଥିଲା। ଏପରିକି ଦଳ ଦେଢ଼ଶ ରନ ଅତିକ୍ରମ କରିବା ନେଇ ସନ୍ଦେହରେ ରହିଥିଲା। ତେବେ ମଧ୍ୟକ୍ରମରେ ବେଥ୍ ମୁନୀ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଶତକୀୟ ପାଳି ଖେଳିବା ସହ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ସେ ୧୧ ଚୌକା ବଳରେ ୧୧୪ ବଲରୁ ୧୦୯ ରନ କରି ଇନିଂସର ଶେଷ ବଲରେ ଆଉଟ୍ ହୋଇଥିଲେ। ଦିନିକିଆରେ ଏହା ତାଙ୍କର ୪ର୍ଥ ଶତକ ଥିଲା। ଫଳରେ ଅଷ୍ଟ୍ରେଲିଆ ୯ ୱିକେଟ୍‌ରେ ୨୨୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆ ଇନିଂସର ୧୦ମ ସ୍ଥାନରେ ଆସିଥିବା ଲେଗ୍-ସ୍ପିନର ଆଲାନ କିଙ୍ଗ୍ ମଧ୍ୟ ୪୯ ବଲରେ ଅପରାଜିତ ୫୧ ରନ କରି ମୁନୀଙ୍କୁ ସହାୟତା କରିଥିଲେ। ଉଭୟଙ୍କ ମଧ୍ୟରେ ୯ ୱିକେଟ୍‌ରେ ୧୦୬ ରନର ମହତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଆଲିସା ହେଲୀ ୨୦, ଏଲିସେ ପେରୀ ୫, ଆସଲେ ଗାର୍ଡନର ଓ ଆନ୍ନାବେଲ୍ ସଦରଲାଣ୍ଡ ୧ ରନ ଲେଖାଏ କରିଥିଲେ। ବୋଲିଂରେ ପାକିସ୍ତାନର ନାଶରା ସାନ୍ଧୁ ୩ ଏବଂ ଅଧିନାୟିକା ସାନା ଓ ରମୀନ ସମୀମ ୨ଟି ଲେଖାଏ ୱିକେଟ୍ ନେଇଥିଲେ।




### ବୟୋଜ୍ୟେଷ୍ଠ ଜୀବିତ ଟେଷ୍ଟ କ୍ରିକେଟର୍

## ୯୭ ବର୍ଷରେ ପାଦ ଥାପିଲେ ନେଲ୍ ହାର୍ଭେ

ସିଡ୍‌ନୀ, ୮ ।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ମହାନ କ୍ରିକେଟର୍ ନେଲ୍ ହାର୍ଭେ ବୁଧବାର ୯୭ ବର୍ଷ ବୟସରେ ପାଦ ଥାପିଛନ୍ତି। ବିଶ୍ୱରେ ଜୀବିତ ଥିବା ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଭାବେ ସେ ବିବେଚିତ ହେଉଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ସର୍ବାଧିକ ବର୍ଷ ବଞ୍ଚିବାର ରେକର୍ଡ ମଧ୍ୟ ନେଲ୍‌ଙ୍କ ନାମରେ ରହିଛି। ଏଥିସହ କିମ୍ବଦନ୍ତୀ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଖେଳିଥିବା ଶେଷ ଅଷ୍ଟ୍ରେଲୀୟ ହେଉଛନ୍ତି ହାର୍ଭେ। ୧୯୪୮ରେ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଇଂଲଣ୍ଡ ଗସ୍ତ କରିଥିବାବେଳେ ହାର୍ଭେ ଏହି ଦଳର ସଦସ୍ୟ ରହିଥିଲେ। ଭିକ୍ଟୋରିଆ ଜନ୍ମିତ ବାମହାତୀ ବ୍ୟାଟର୍ ହାର୍ଭେ ୧୯୪୮ରୁ ୧୯୬୩ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୭୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏଥିରେ ସେ ୪୮.୪୧ ହାରରେ ୬,୧୪୯ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୨୧ ଶତକ ଓ ୨୪ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୩୦୬ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ହାର୍ଭେ ୬୭ ଶତକ ଓ ୯୪ ଅର୍ଦ୍ଧଶତକ ସହ ୨୧ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୯୫୨-୫୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ହାର୍ଭେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରି ୯ଟି ଇନିଂସରୁ ୮୩୪ ରନ କରିଥିଲେ। ସେହିଭଳି ୧୯୪୯-୫୦ ସିଜନରେ ଦକ୍ଷିଣ ଆଫ୍ରିକା ଗସ୍ତରେ ହାର୍ଭେ ୫ଟି ଟେଷ୍ଟ ମ୍ୟାଚରେ ୪ଟି ଶତକ ସହ ୬୬୦ ରନ ସଂଗ୍ରହ କରିଥିଲେ। ହାର୍ଭେ ତାଙ୍କର ପ୍ରଥମ ୧୩ଟି ଟେଷ୍ଟରେ ୬ଟି ଶତକ ମାରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଅବସର ପରେ ସେ ଅଷ୍ଟ୍ରେଲିଆ ଜାତୀୟ ଦଳର ଚୟନକର୍ତ୍ତା ଭାବେ ୧୨ ବର୍ଷ ଦାୟିତ୍ୱ ତୁଲାଇଥିଲେ।



### ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଅଷ୍ଟ୍ରେଲିଆ ପରାସ୍ତ

## ସିରିଜ କ୍ଲିନସୁଇପ୍ କଲା ଭାରତ

ମାକୟ, ୮ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ ଟେଷ୍ଟ ମ୍ୟାଚକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୮ ରନରେ ଜିତିଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି।

ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ଭାରତୀୟ ୟୁଥ୍ ଦଳ ୧୭୧ ରନରେ ସୀମିତ ରହିବା ସହ ୩୬ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଥିଲା। ମ୍ୟାଚର ଦ୍ୱିତୀୟ ଦିବସରେ ବୁଧବାର ଅଷ୍ଟ୍ରେଲିଆ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ପାଳିରେ ୧୧୬ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଫଳରେ ଭାରତ ସମ୍ମୁଖରେ ମାତ୍ର ୮୧ ରନ ଟାର୍ଗେଟ୍ ରହିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଲେକ୍ସ ଲି ୟଙ୍ଗ୍ ସର୍ବାଧିକ ୩୮ ରନ କରିଥିଲେ। ଭ୍ରମଣକାରୀ ଭାରତ ପକ୍ଷରୁ ହେନିଲ ପଟେଲ ଓ ନମନ ପୁଷ୍ପକଙ୍କୁ ୩ଟି ଲେଖାଏ ୱିକେଟ୍ ମିଳିଥିଲା। ୮୧ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଭାରତ ୧୨.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବେଦାନ୍ତ ତ୍ରିବେଦୀ ୩୩ ଓ ରାହୁଲ କୁମାର ୧୩ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିହାନ ମାଲହୋତ୍ରା ୨୧ ଓ ଅଧିନାୟକ ଆୟୁଷ ମହାତ୍ରେ ୧୩ ରନ କରିଥିଲେ। ତାରକା ଖେଳାଳି ବୈଭବ ସୂର୍ଯ୍ୟବଂଶୀ ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ଆଉଟ୍ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ଗସ୍ତରେ ଭାରତୀୟ ୟୁଥ୍ ଦଳ ପୂର୍ବରୁ ୩ଟି ଯାକ ଦିନିକିଆ ମ୍ୟାଚକୁ ମଧ୍ୟ ଜିତିଥିଲା। ଫଳରେ ଭାରତ ସିରିଜ ସୁଇପ୍ କରିନେଇଛି।

### ■ ଜାତୀୟ ସିନିଅର ମହିଳା ଟି-୨୦

## ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୮।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫି ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ପରାଜୟର ଅଭିଯାନ ଆରମ୍ଭ କରିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବ ରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶାକୁ ୫ ୱିକେଟରେ ହାଇଦ୍ରାବାଦ୍ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ମାଧୁରୀ ମେହଟା (୩୨ ରନ୍) ଏବଂ ଅଧିନାୟିକା ସୁଶ୍ରୀ(୨୮ ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ। ହାଇଦରାବାଦର ସାକ୍ଷୀ ରାଓ, ମହେଶ କାବ୍ୟା, କେଶରୀ ଧ୍ରୀତ୍ୟ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୧୮.୩ ଓଭରରେ ୫ ୱିକେଟ ହରାଇ ହାଇଦରାବାଦ୍ ବିଜୟୀ ହୋଇଥିଲା। ଜି ତ୍ରୀଶା ୩୫ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀଙ୍କୁ ୨ଟି ୱିକେଟ ମିଳିଥିଲା। ଗୁରୁବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

## ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ

ଭୁବନେଶ୍ୱର, ୮ ।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ରୁ ତୃତୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'ୟୁନିଲାଇଟ୍ କପ୍' ଆରମ୍ଭ ହେବ। ନକ୍‌ଆଉଟ୍‌ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୯ ଗୋଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପ୍ରି-କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ସେହିଭଳି ଅକ୍ଟୋବର ୨୩ରେ ଫ୍ଲଡଲାଇଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାବାଦ୍ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ପରେ ସେମାନଙ୍କୁ ଟାଟା ଫୁଟ୍‌ବଲ୍ ଏକାଡେମୀରେ ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଟୁର୍ଣ୍ଣାମେଣ୍ଟ ମଝିରେ ବିଡ଼ାନାସୀ, ରେଭେନ୍‌ସା, ଜାଗମରା ଓ ଓଡ଼ିଶା ପୋଲିସ ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ ଦାସ, ଶ୍ରୀମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।




## ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

କଟକ,୮।୧୦(ସମିସ): ଓଡିଶା ଅସିଚାଳନା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜବହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ରାଜ୍ୟ ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ତିନି ଦିନ ଧରି ଚାଲିବ। ଓଡିଶା ବାର କାଉନସିଲର ପୂର୍ବତନ ସଭାପତି ବିଜୟ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ନୟନ କିଶୋର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା, ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ରାଜ୍ୟ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, ଓଡ଼ିଶା ସାଇକ୍ଲିଷ୍ଟ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ, ଓଡିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପସଭାପତି ରମେଶ ମଲ୍ଲିକ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୧୦ଟି ଜିଲ୍ଲାରୁ ୩୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ କ୍ରୀଡା ସାମ୍ବାଦିକ ବିମଳ କୁମାର ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତୀତ ଦେବେନ୍ଦ୍ର ସାହୁ ଜାତୀୟ ଅସିଚାଳନା ସଂଘର କୋଷାଧକ୍ଷ ଭାବେ ମନୋନୀତ ହୋଇଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉପକନିଷ୍ଠ ବାଳିକା ବର୍ଗରେ ଇପି ଇଭେଣ୍ଟରେ ବଲାଙ୍ଗିର ଅଭିପ୍ସା ରାଣୀ ମିଶ୍ର ପ୍ରଥମ ସ୍ଥାନ ଗ୍ରହଣ କରିଛନ୍ତି। ଭୁବନେଶ୍ୱରର ହିମାଂଦରୀ ସୁନାନୀ, ସମ୍ବଲପୁରର ହର୍ଷିତା ନାଏକ ଯଥାକ୍ରମେ ଦ୍ୱିତୀୟ ଏବଂ ୩ୟ ସ୍ଥାନ ହାସଲ କରିଥିଲେ। ସେହିପରି ସାବର ଇଭେଣ୍ଟରେ ସମ୍ବଲପୁରର ବରଣ୍ୟ ଗୌତମୀ ବରାଳ, ବଲାଙ୍ଗିରର ଆରୋସୀ ସାହୁ ଓ ପାୟଲ ବାରିକ ପ୍ରଥମରୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ଫଏଲ ଇଭେଣ୍ଟରେ ଭୁବନେଶ୍ୱରର ପ୍ରଜ୍ଞାନ ମହାନ୍ତି ପ୍ରଥମ, ବଲାଙ୍ଗୀରର ଇଶିପ୍ରଜ୍ଞା ସ୍ୱାଇଁ ଦ୍ୱିତୀୟ, ସାରିକା ପଟେଲ ୩ୟ, ବାଳକ ବିଭାଗ ସାବର ଇଭେଣ୍ଟରେ ବଲାଙ୍ଗୀରର କାହ୍ନା ଗଡ଼ତିୟ ୧ମ, ଆକାଶ ପ୍ରଧାନ ୨ୟ ଏବଂ ସୌମ୍ୟ ପ୍ରଧାନ ୩ୟ, ଇପି ଇଭେଣ୍ଟରେ ବଲାଙ୍ଗୀରର ବିଭୁତି ଶଙ୍କର ପଟେଲ ପ୍ରଥମ, ଭୁବନେଶ୍ୱରର ଦିବ୍ୟାଂଶୁ ୩ୟ ଓ ବଲାଙ୍ଗିର ରୁଦ୍ରାଂଶ ସ୍ୱାଇଁ ୩ୟ ସ୍ଥାନ ହାସଲ କରିଥିଲେ।



### ୨୯ତମ ବାପୁନା କପ୍

## ଓଡ଼ିଶା ଚାମ୍ପିଅନ





କଟକ,୮।୧୦(ସମିସ):

ବିଦର୍ଭ କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ବାପୁନା କପ୍‌ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ଚାମ୍ପିଅନ ହୋଇଛି। ଦ୍ୱି-ଦିବସୀୟ ଫର୍ମାଟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ୪ଟି ଯାକ ଲିଗ୍ ମ୍ୟାଚ୍‌କୁ ଡ୍ର ରଖିବାରେ ଓଡ଼ିଶା ସଫଳ ହୋଇଥିଲା। ଏପରିକି ଦିନାସ୍ୱାଶ ଏକାଦଶ, ବାପୁନା ଏକାଦଶ ଏବଂ ମହାରାଷ୍ଟ୍ର ବିପକ୍ଷ ପ୍ରଥମ ତିନୋଟି ଯାକ ମ୍ୟାଚ୍‌ରେ ଓଡ଼ିଶା ଦଳକୁ ଇନିଂସ ଅଗ୍ରଣୀ ପଏଣ୍ଟ ମିଳିଥିଲା। କେରଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାବେଳେ କେରଳ ୪ ପଏଣ୍ଟ ଏବଂ ଓଡ଼ିଶା ୩ ପଏଣ୍ଟ ସଂଗ୍ରହ କରିଥିଲା। ତେବେ ପଏଣ୍ଟ ଭିତ୍ତିରେ ଓଡ଼ିଶାକୁ ଚାମ୍ପିଅନ ଘୋଷିତ କରାଯାଇଛି। ୩ଟି ମ୍ୟାଚ୍‌ରେ ୬ଟି ୱିକେଟ ଅକ୍ତିଆର କରିଥିବା ଓଡ଼ିଶାର ମହମ୍ମଦ ଡାନିସ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଡାନିସଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଛି। ଚାମ୍ପିଅନ ଓଡ଼ିଶା ଦଳକୁ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ବେଙ୍ଗଲ ରଣଜୀ ଦଳର ନେତୃତ୍ୱ ନେବେ ଈଶ୍ୱରନ

କୋଲକାତା, ୮ ।୧୦ (ଏଜେନ୍ସି): ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁଯାଉଛି। ଏଥିଲାଗି ବୁଧବାର ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ୧୭ ଜଣିଆ ବେଙ୍ଗଲ ଦଳ ଘୋଷଣା କରାଯାଇଛି। ସେହିଭଳି ଉଦୀୟମାନ ୱିକେଟ୍‌ରକ୍ଷକ ଅଭିଷେକ ପୋରେଲଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଘୋଷିତ ଦଳରେ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଓ ଆକାଶଦୀପ ରହିଥିବାରୁ ବେଙ୍ଗଲ ବୋଲିଂ ବିଭାଗ ବେଶ୍ ଶକ୍ତିଶାଳୀ ହୋଇଛି। ସେହିଭଳି ବ୍ୟାଟିଂରେ ଅନୁସ୍ଟୁପ ମଜୁମଦାର, ସୁଦୀପ୍ ଚାଟାର୍ଜୀଙ୍କ ଭଳି ଅଭିଜ୍ଞ ଓ ସୁଦୀପ୍ ଘରାମୀଙ୍କ ଭଳି ଯୁବ ପ୍ରତିଭା ରହିଛନ୍ତି। ଏଥର ରଣଜୀ ଟ୍ରଫିରେ ବେଙ୍ଗଲ ଏଲିଟ୍ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଗୁଜରାଟ, ହରିୟାଣା, ସର୍ଭିସେସ୍, ରେଲୱେ, ତ୍ରିପୁରା, ଉତ୍ତରାଖଣ୍ଡ ଓ ଆସାମ ଦଳ ମଧ୍ୟ ରହିଛି। ଇଡେନ ଗାର୍ଡେନ୍ସରେ ଅକ୍ଟୋବର ୧୫ରେ ଉତ୍ତରାଖଣ୍ଡ ବିପକ୍ଷରେ ଖେଳି ବେଙ୍ଗଲ ଏହାର ଅଭିଯାନ ଆରମ୍ଭ କରିବ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS